
# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, February 3/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 71 | ମୂଲ୍ୟ ₹୭/-


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୩/୨୦୨୫ | Bhubaneswar, Monday, February 3/2025 | ପୃଷ୍ଠା-୧





**ରୋମାଣ୍ଟିକ ଫିଲ୍ମ କରିବାକୁ ଚାହୁଁଛନ୍ତି ଜୟଦୀପ**

ରୋମାଣ୍ଟିକ ଫିଲ୍ମ କରିବାକୁ ଇଚ୍ଛା ରହିଛି ବୋଲି ଅଭିନେତା ଜୟଦୀପ ଅହଲାୱତ୍ ଏକ ସାକ୍ଷାତ୍କାରରେ କହିଛନ୍ତି। ୦୭

୧୨ **ଅଭିଷେକ ଶର୍ମାଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି୨୦ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଅଭିଷେକ ଶର୍ମା।




# ମଧ୍ୟବିତ୍ତ କିଏ

ସାଧାରଣ ବଜେଟ ୨୦୨୫-୨୬ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ଉପସ୍ଥାପନ କରିବା ପରଠାରୁ ସମଗ୍ର ଦେଶରେ ଗୋଟିଏ କଥା ଗୁଞ୍ଜରଣ ହେଉଛି ଯେ, ମଧ୍ୟବିତ୍ତ ବର୍ଗ ସବୁଠାରୁ ଅଧିକ ଉପକୃତ ହେବେ। କାରଣ ଆୟକରଦାତାଙ୍କୁ ସବୁଠାରୁ ଅଧିକ ସୁବିଧା ଦିଆଯାଇଛି। ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆଉ ଟିକସ ଦେବାକୁ ପଡ଼ିବ ନାହିଁ। ଏପରିକି ଜାତୀୟ ଗଣମାଧ୍ୟମରେ ଏହି ଲାଭ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏକ ତଥ୍ୟରୁ ଜଣାପଡ଼ିଛି ଯେ ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ମାତ୍ର ୮ କୋଟି ଟିକସ ଫର୍ମ ଭରିଥାଆନ୍ତି। ସେମାନଙ୍କ ମଧ୍ୟରୁ ୪ କୋଟି ହେଉଛନ୍ତି ଶୂନ ଟିକସଦାତା। ବାକି କରଦାତାଙ୍କ ମଧ୍ୟରେ ବିଭାଗୀକରଣ କରାଯାଇଛି। ଖୋଦ୍ ଅର୍ଥମନ୍ତ୍ରୀ କହିଛନ୍ତି, ବଜେଟରେ କରାଯାଇଥିବା ନୂଆ ଟିକସ ବ୍ୟବସ୍ଥା ଅନୁଯାୟୀ ପ୍ରାୟ ୧ କୋଟି କରଦାତା ଲାଭବାନ ହେବେ। ଏଭଳି ପ୍ରଚ୍ଛଦପଟରେ ଦେଶର ମଧ୍ୟବିତ୍ତଙ୍କ ସଂଖ୍ୟା ଉପରେ ନଜର ପକାଯାଉ। ୨୦୨୦-୨୧ର ଏକ ତଥ୍ୟ ଅନୁଯାୟୀ ଦେଶ ଜନସଂଖ୍ୟାର ୪୩ କୋଟି ୨୦ ଲକ୍ଷ ରହିଛନ୍ତି ମଧ୍ୟବିତ୍ତ। ଉପରଲିଖିତ ସଂଖ୍ୟା ଦେଖିଲେ ୧ କୋଟି କରଦାତା ଯେଉଁ ଲାଭବାନ ହେବେ ବୋଲି କୁହାଯାଉଛି ସେହି ଅନୁଯାୟୀ ବିଚାର କଲେ ଆହୁରି ୪୨ କୋଟିରୁ ଅଧିକ ଲୋକ ଆୟକର ସୁବିଧାର ଧାର ଧରିବେ ନାହିଁ। ତେଣୁ ସମ୍ପୂର୍ଣ୍ଣ ମଧ୍ୟବିତ୍ତ ଉପକୃତ ହେବେ ବୋଲି ଯେଉଁ ଗୋଟେ ବଡ଼ ଡାକ ପଡ଼ିଛି ତାହା ବାସ୍ତବ ନୁହେଁ।

ଏହା କୁହାଯାଇପାରେ ଯେ ଦେଶରେ ମଧ୍ୟବିତ୍ତ ସବୁବେଳେ ଅଣଦେଖା ହୋଇ ରହିଆସିଛନ୍ତି। ତେବେ କେଉଁ ପରିବାର ବା ବ୍ୟକ୍ତିବିଶେଷଙ୍କୁ ମଧ୍ୟବିତ୍ତ ବୋଲି କୁହାଯିବ, ତାହାର ମାପଦଣ୍ଡ କେହି ନିର୍ଦ୍ଧାରଣ କରୁନାହାନ୍ତି। ମାସକୁ ୩ ଲକ୍ଷ ଟଙ୍କା ଅର୍ଜନ କରୁଥିବା ଲୋକ ସୀତାରାମନଙ୍କ ୨୦୨୫-୨୬ ବଜେଟରେ କୌଣସି ଲାଭ ପାଇପାରିବ ନାହିଁ। ସେହି ବ୍ୟକ୍ତି ଯଦି ପରିବାରରେ ଏକମାତ୍ର ରୋଜଗାରକ୍ଷମ ଏବଂ ତାଙ୍କ ସହିତ ମାତାପିତା, ସାନ ଭଉଣୀଭାଇ, ସ୍ତ୍ରୀ ଏବଂ ୨ରୁ ୩ ପିଲା ଏକସଙ୍ଗେ ଗୋଟିଏ ଛାତ ଓ ଗୋଟିଏ ରୋଷେଇଘରର ଆଶ୍ରୟ ନେଇଥିବେ, ଆଜିର ମହଙ୍ଗା ଯୁଗରେ ସେଭଳି ତଥାକଥିତ ଧନୀ ଲୋକ ମଧ୍ୟ ମଧ୍ୟବିତ୍ତ ବୋଲି ଆଖ୍ୟା ପାଇପାରିବ କି ନାହିଁ, ତାହା କହିବା ସମ୍ଭବ ନୁହେଁ। ଏହାଛଡ଼ା ଭାରତର କେଉଁ ବଡ଼ ସହର କିମ୍ବା ଅଞ୍ଚଳରେ ସେଭଳି ପରିବାର ବସବାସ କରୁଛନ୍ତି, ତାହା ମଧ୍ୟ ଅର୍ଥନୈତିକ ସ୍ଥିତି ନିର୍ଦ୍ଧାରଣ କରିଥାଏ। ବିରାଟ ଜନବହୁଳ ଦେଶରେ ମଧ୍ୟବିତ୍ତର ସଂଜ୍ଞା ଅସ୍ପଷ୍ଟ ଥିବାରୁ ବଜେଟରେ ଦିଆଯାଇଥିବା ସୁବିଧା ସମ୍ଭବତଃ କାହାରିକୁ ହୃଦ୍‌ବୋଧ ହେବ ନାହିଁ। ଧନିକ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଫରକ ପଡୁ ନ ଥିବା ବେଳେ ଗରିବଙ୍କୁ ସରକାର ବିନା ମୂଲ୍ୟରେ ବହୁ ଜନହିତକର ଯୋଜନାରେ ହିତାଧିକାରୀ କରିଦେଇଛନ୍ତି। ସରକାରୀ ହିସାବରେ ଦେଶର ୮୦ କୋଟିରୁ ଅଧିକ ଲୋକ ମାଗଣାରେ ଅନେକ ସୁବିଧା ପାଉଛନ୍ତି। ଏହା ଜଣାଶୁଣା ଯେ ଏସବୁ ଟିକସଦାତାଙ୍କ ଅର୍ଥରୁ ଦିଆଯାଇଥାଏ। ଏଭଳି ସ୍ଥଳେ ମଧ୍ୟବିତ୍ତ 'ଘାସକୁ ମୋଟ, ଗଛକୁ ଛୋଟ' ସ୍ତରରେ ଦୋଦୁଲ୍ୟମାନ ହୋଇଥାଏ। ଯାହା ହେଉ ଏଥର ବଜେଟରେ ପୂର୍ବାପେକ୍ଷା ମଧ୍ୟବିତ୍ତଙ୍କ କଥା ସରକାର ବିଚାର କରିଥିବାରୁ ତାହା ଗୋଟିଏ ପକ୍ଷେ ସ୍ୱାଗତଯୋଗ୍ୟ। କିନ୍ତୁ ଯେଭଳି ପ୍ରଚାର ହେଉଛି ଯେ ସବୁ ମଧ୍ୟବିତ୍ତ ବଜେଟ ଦ୍ୱାରା ଉପକୃତ ହେବେ, ତାହା ଅବାସ୍ତବ ପ୍ରତୀୟମାନ ହେଉଛି। ବର୍ତ୍ତମାନର ଭୂରାଜନୈତିକ ଓ ଭୂଅର୍ଥନୈତିକ ସ୍ଥିତିକୁ ଦେଖିଲେ ଚାରିଆଡ଼େ ଅନିଶ୍ଚିତତା ଲାଗିରହିଛି। ଫେବୃଆରୀ ୨ର ଖବର ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପର୍ଯ୍ୟାୟରେ ମେକ୍ସିକୋ, କାନାଡା ଓ ଚାଇନା ଉପରେ ଆମଦାନୀ ଟିକସକୁ ବୃଦ୍ଧି କରିଛନ୍ତି। ଏହା ନିଶ୍ଚିତ ଭାବେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଓ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବ। ଏହାର ପ୍ରଭାବ ପରବର୍ତ୍ତୀ ସମୟରେ ଭାରତ ଉପରେ ପଡ଼ିବା ଥୟ। ହୁଏତ ଏହାକୁ ସାମ୍ନା କରିବାକୁ କେନ୍ଦ୍ର ବଜେଟରେ ଆମେରିକାରୁ ଆମଦାନୀ ହେଉଥିବା କେତେକ ମୋଟରଯାନ ଉପରେ ଆମଦାନୀ କର ହ୍ରାସ କରାଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜର ଶପଥ ଗ୍ରହଣ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିମନ୍ତ୍ରଣ ଦେଇ ନ ଥିବା ହେତୁ ଏଭଳି ଟିକସ ହ୍ରାସ କେତେଦୂର ପ୍ରଭାବ ପକାଇବ ତାହା ଏବେ କହିବା କଷ୍ଟକର। ତେଣୁ ଏଭଳି ବାହ୍ୟ ସ୍ଥିତି ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏମିତି ଦେଖିଲେ ଡଲାର ତୁଳନାରେ ଭାରତୀୟ ମୁଦ୍ରା କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଯଦି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି କଥା ଆଲୋଚନା କରାଯାଏ, ତାହାର ଗତିରୋଧ ବିଷୟରେ ବଜେଟରେ ଗଭୀର ଚିନ୍ତା କରାଯାଇ ନ ଥିବା ଜଣାପଡୁଛି। ଆୟକରଦାତାଙ୍କୁ ଟିକସରେ ରିହାତି ସାମଗ୍ରୀ ଓ ସେବା ଉପଭୋଗ ଲାଗି ଲୋକଙ୍କ ହାତକୁ ଅଧିକ କିଛି ଅର୍ଥ ଆସିପାରେ। କିନ୍ତୁ ସେହି ମୁକ୍ତି ପାଇଥିବା କରଦାତାଙ୍କ ବାସ୍ତବ ସଂଖ୍ୟା କେତେ ଏବଂ ସେମାନେ ସୁନା କିଣିବେ କିମ୍ବା କେଉଁଭଳି ଖର୍ଚ୍ଚ କରିବେ, ତାହା ଆକଳନ କରିବା ସମ୍ଭବପର ନୁହେଁ। ଏହା କହିଲା ବେଳେ ଅନେକେ ସଚେତନ ରହିବା କଥା ଯେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିଟି ଜିନିଷ ଓ ସେବା ପାଇଁ ଦେବାକୁ ପଡୁଛି। ତାହା ଭାରତୀୟ ନାଗରିକଙ୍କ ରକ୍ତ ଶୋଷି ନେଉଛି। ତେଣୁ ସେହି ଦିଗରେ ଅଧିକ ଧ୍ୟାନ ଦେବାର ଥିଲା। ଗତ ସପ୍ତାହରେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ୮ମ ବେତନ କମିଶନ ଦିଆଯିବା ଲାଗି ସୁପାରିସ ହୋଇଛି। ଏଥିରେ କର୍ମଚାରୀଙ୍କ ଦରମା ଓ ସୁବିଧା ୨.୨୮ ରୁ ୨. ୮୬ ପ୍ରତିଶତ ବୃଦ୍ଧି ଲାଗି ସୁପାରିସ କରାଯାଇଛି। କଟିକାଟି ତାହା ଯଦିବା ଦୁଇ ପ୍ରତିଶତ ହୁଏ, ତାହା ହେଲେ କେନ୍ଦ୍ରୀୟ କର୍ମଚାରୀଙ୍କ ଦରମା ଓ ଆନୁଷଙ୍ଗିକ ଆର୍ଥିକ ସୁବିଧା ଦୁଇଗୁଣ ବଢ଼ିବା ଯାଏ ଯିବ। ସେସବୁ ଟିକସଦାତାଙ୍କ ଅର୍ଥରୁ ଭରଣା କରାଯିବ ଓ ତାହାର ସିଧାସଳଖ ପ୍ରଭାବ ବଜାର ଉପରେ ପଡ଼ିଲେ ବିଭିନ୍ନ ସାମଗ୍ରୀ ମୂଲ୍ୟ ଆହୁରି ବୃଦ୍ଧି ପାଇବ। କେବଳ ସେତିକି ନୁହେଁ, ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସମାନତା ବେଶ୍ ବଢ଼ିଯିବ।

ବଜେଟ ଗୋଟେ ଦେଶର ଆୟବ୍ୟୟ ଅଟକଳର ଏକ ବାର୍ଷିକ ବିବରଣୀ ହୋଇଥାଇପାରେ। କିନ୍ତୁ ସମାଜର ପ୍ରତ୍ୟେକ ବର୍ଗଙ୍କ ଆର୍ଥିକ ଦିଗ ଭଳି ସାମାଜିକ ପୃଷ୍ଠଭୂମିକୁ ନେଇ ବ୍ୟୟବାରାଦ ଯୁକ୍ତିସଙ୍ଗତ ହେଲେ ଜନମଙ୍ଗଳ ରାଷ୍ଟ୍ରରେ ସମସ୍ତେ ତାହାର ଉପକାର ପାଇପାରନ୍ତେ। ସାଧାରଣ ଲୋକ ବିତ୍ତୀୟ ନିଅଣ୍ଟ, କାପେକ୍ସ (କ୍ୟାପିଟାଲ ଏକ୍ସପେଣ୍ଡିଚର), ଜିଡିପି ଭଳି କ୍ଲିଷ୍ଟ ଅର୍ଥନୈତିକ ଶବ୍ଦ କିଛି ବୁଝି ନ ଥାଏ। ତାହାର ଦରକାର ଘର ଚଳାଇବା ସହ ପିଲାଙ୍କୁ ଉପଯୁକ୍ତ ଶିକ୍ଷା, ରୋଜଗାର ମିଳିବାଠାରୁ ଆରମ୍ଭ କରି ଶିଶୁଠୁ ବୟସ୍କଙ୍କ ଯାଏ ଉତ୍ତମ ସ୍ୱାସ୍ଥ୍ୟ ଠିକ୍ ଭାବେ ପାଇବା। ପରିବହନ, ଯୋଗାଯୋଗ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତି ହେଲେ ତାହାର ଜୀବନ ସୁଗମ ହୋଇପାରିବ। ନିକଟରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ କିମ୍ବା ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ବଜେଟରେ କିଛି ଲୋଭ ଦେଖାଇବା କେବଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପ୍ରଥମ ଥର ପାଇଁ କରିନାହାନ୍ତି ; ପୂର୍ବବର୍ତ୍ତୀ ସରକାରରେ ମଧ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ବଜେଟ ଉପସ୍ଥାପନ କରାଯାଇଛି। ତେବେ ଆଜିର ମାନ୍ଦାବସ୍ଥା ସ୍ଥିତିକୁ ଦେଖିଲେ ସରକାରଙ୍କୁ ଅଧିକ ସତର୍କ ହୋଇ ଆର୍ଥିକ ନିଷ୍ପତ୍ତି ନେବାର ଆବଶ୍ୟକତା ଥିଲା ବୋଲି କୁହାଯାଇପାରେ। ଗଣମାଧ୍ୟମରେ କେବଳ ବଜେଟର ନିର୍ଦ୍ଦିଷ୍ଟ ଦିଗକୁ ନେଇ ପ୍ରଶଂସା କଲେ ତାହାର ବାସ୍ତବ ସୁଫଳ ଲୋକେ ପାଇପାରିବେ ନାହିଁ।

**ତଥାଗତ ସତପଥୀ**





ମାଲେସିଆର କୁଆଲାଲମ୍ପୁରଠାରେ ରବିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ଟ୍ରଫି ସହ ଭାରତୀୟ ଦଳ

# ନାକ୍ ମାନ୍ୟତା ପାଇଁ ଲାଞ୍ଚ

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ସମେତ ୧୦ ଗିରଫ

**ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଶନ୍ କାଉନ୍‌ସିଲ (ଏନ୍‌ଏଏସି)ର ଏ++ଏସି ମାନ୍ୟତା ପାଇଁ ଲାଞ୍ଚ ନେବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦେଶର ୨୦ ସ୍ଥାନରେ ଚଢ଼ାଉ କରି ନାକ୍ ଯାଞ୍ଚ କମିଟିର ୬ ସଦସ୍ୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ୧୦ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଜଣେ ଲେଖାଏ ପ୍ରଫେସର ରହିଛନ୍ତି। ଚଢ଼ାଉ ବେଳେ ନଗଦ ୩୭ ଲକ୍ଷ ଟଙ୍କା, ୬ଟି ଲାପ୍‌ଟପ୍, ଗୋଟିଏ ଆଇଫୋନ୍ ୧୬ ପ୍ରୋ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଖୋଲତାଡ଼ ଜାରି ରହିଛି। ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ସିବିଆଇ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମାନ୍ୟତା ଏବଂ ରେଟିଂ ଆକଳନରେ ନାକ୍‌ର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

ସମ୍ବଲପୁର(ପ୍ରମୋଦ ବହିଦାର)/ ନୂଆଦିଲ୍ଲୀ(ଏଜେନ୍ସି),୨।୨

ଦେଶର ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ର୍‍ୟାଙ୍କିଙ୍ଗ୍ ପାଇଁ ଆବଶ୍ୟକ ମାପଦଣ୍ଡ ପୂରଣରେ ବିଫଳତା ସତ୍ତ୍ୱେ ସେଗୁଡ଼ିକୁ କେନ୍ଦ୍ରୀୟ ସ୍ୱୀକୃତି ପ୍ରଦାନ ସକାଶେ କିପରି ଜାଲିଆତି ଓ ଲାଞ୍ଚ କାରବାର ଚାଲିଛି, ସିବିଆଇ ପକ୍ଷରୁ ଦେଶର ୨୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ ପରେ ତା'ର ପର୍ଦ୍ଦାଫାଶ କରାଯାଇଛି। ରିପୋର୍ଟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆହ ଏଜୁକେଶନ୍ ଫାଉଣ୍ଡେଶନ୍ (କେଏଲ୍‌ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ରେଟିଂ ପ୍ରଦାନ ସକାଶେ ଯାଞ୍ଚ ପାଇଁ ଏକ ଟିମ୍ ଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ଲାଇବ୍ରେରୀ ସାଇନ୍ସ ବିଭାଗର ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ସମେତ ନାକ୍ ନିରୀକ୍ଷଣ କମିଟିର ୬ ସଦସ୍ୟ ଏହି ଇନ୍‌ସ୍ପେକ୍ସନ ଟିମ୍‌ରେ ରହିଥିଲେ। ଅନ୍ୟମାନେ ହେଲେ କେଏଲ୍‌ଇଏଫ୍ କୁଳପତି ଜିପି ସରଧି ବର୍ମା, କେଏଲ୍‌ଇଏଫ୍‌ର ଉପସଭାପତି କୋନେରୁ ରାଜା ହରିନ୍, କେଏଲ୍ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦ କ୍ୟାମ୍ପସର ନିର୍ଦ୍ଦେଶକ ଏ ରାମକ୍ରିଷ୍ଣା, ନାକ୍ ପିୟର ନିରୀକ୍ଷଣ କମିଟି ଅଧ୍ୟକ୍ଷ ତଥା ରାମଚନ୍ଦ୍ର ଚନ୍ଦ୍ରବଂଶୀ ବିଶ୍ୱବିଦ୍ୟାଳୟ କୁଳପତି ସମରେନ୍ଦ୍ର ନାଥ ଶାହା, ☞ପୃଷ୍ଠା-୨



ଡ. ବୁଲୁ ମହାରଣା

# ଫେବୃଆରୀ ପ୍ରଥମରୁ ୩୬.୭ ଡିଗ୍ରୀ ତାତି

ଭୁବନେଶ୍ୱର,୨।୨ (ଅନୁରାଧା ମହାରଣା)

ମାଘ ମାସରେ ବାଘପରି ଶୀତ ହୋଇଥାଏ ବୋଲି କଥାରେ କୁହାଯାଏ। ମାତ୍ର ଚଳିତବର୍ଷ ଶୀତ ଉଭେଇ ଯାଇଥିବାବେଳେ ଟାଇଁ ଟାଇଁ ଖରା ବାଘ ଭଳି ଡରାଉଛି। ଫେବୃଆରୀ ଆରମ୍ଭରୁ ପାରଦ ୩୭ ଡିଗ୍ରୀ ପାଖାପାଖି ପହଞ୍ଚିଛି। ରବିବାର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଟିଟିଲାଗଡ଼ରେ ୩୬ ଡିଗ୍ରୀ, ପାରଳାଖେମୁଣ୍ଡି ୩୫.୮, ଝାରସୁଗୁଡା ୩୫.୬, ସମ୍ବଲପୁର ୩୫.୧ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଶନିବାର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୩.୬ ଡିଗ୍ରୀ ରହିଥିବାବେଳେ ରବିବାର ୩୪.୯ ଡିଗ୍ରୀ ଛୁଇଁଛି। ସେହିପରି ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟି କୋରାପୁଟରେ ୧୪.୦ ଡିଗ୍ରୀ ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଆସନ୍ତା ୨ଦିନ ରାଜ୍ୟର ବିଭିନ୍ନ ଜିଲାରେ ଘନକୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।


**ଟ୍ରମ୍ପଙ୍କ ଟାରିଫ୍‌ରୁ ବାଣିଜ୍ୟ ଯୁଦ୍ଧ**

ପୃଷ୍ଠା-୭


# ୮ରେ ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା


ଭୁବନେଶ୍ୱର,୨।୨(ସୁନିତ୍ ମିଶ୍ର)

ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଯାଜପୁରଠାରେ ଆସନ୍ତା ୮ ତାରିଖରେ ପ୍ରଦାନ କରାଯିବ। ଏହା ପୂର୍ବରୁ ଏନ୍‌ପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିଅର କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅପିଲ କରିଛନ୍ତି। ଆସନ୍ତା ୩ ଓ ୪ ତାରିଖ ବ୍ୟାଙ୍କ ଯାଇ ଏନ୍‌ପିସିଆଇ ଚେକ୍ କରିପାରିବେ। ଏବେ ମଧ୍ୟ ଅଢ଼େଇ ଲକ୍ଷ ହିତାଧିକାରୀଙ୍କ ଏନ୍‌ପିସିଆଇ ସମସ୍ୟା ଅଛି। ସେହିପରି ଲକ୍ଷେରୁ ଅଧିକ ହିତାଧିକାରୀଙ୍କ କେୱାଇସି ସମସ୍ୟା ରହିଛି। ତେଣୁ ୮ ତାରିଖ ପୂର୍ବରୁ ଏହାର ସମାଧାନ କରିଦେଲେ ୪ର୍ଥ ପର୍ଯ୍ୟାୟ ସୁଭଦ୍ରାରେ ସାମିଲ ହୋଇପାରିବେ। ଚତୁର୍ଥ ପର୍ଯ୍ୟାୟରେ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ହେବ। ଫେବୃଆରୀରେ ଯଦି ବଞ୍ଚିତ ହୁଅନ୍ତି, ଯାଞ୍ଚ କରିବାକୁ ମାସେ ସମୟ ରହିଛି। ମାର୍ଚ୍ଚ ୮ ସୁଦ୍ଧା ଯାଞ୍ଚକରି ତଥ୍ୟ ଦାଖଲ କଲେ ଟଙ୍କା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିଡ଼ା ଆହୁରି କହିଛନ୍ତି, ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରୁଥିବା ପର୍ଯ୍ୟନ୍ତ ସୁଭଦ୍ରା ଲଗାତର ଚାଲିଥିବ। ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଆସନ୍ତା ୮ ତାରିଖରେ ପ୍ରଦାନ କରାଯିବ। ଯେଉଁମାନଙ୍କ ବାୟୋମାଟ୍ରିକ କିମ୍ବା ଏନ୍‌ପିସିଆଇ ସମସ୍ୟା ରହିଛି, ସେମାନେ କେବଳ ବ୍ୟାଙ୍କକୁ ଯାଇ ନିଜର ଆକାଉଣ୍ଟ ଦେଖିଦେଲେ ହୋଇଯିବ। ଏନ୍‌ପିସିଆଇ ଲାଗି ବ୍ୟାଙ୍କକୁ ଯେଉଁ ସମୟ ଦିଆଯାଇଥିଲା ଏବେ ଆଉଥରେ ସମୟ ଦିଆଯାଇଛି। ସୋମବାର ଏବଂ ମଙ୍ଗଳବାର ଦିନ ବ୍ୟାଙ୍କରେ ଏନ୍‌ପିସିଆଇ ଚେକ୍ ପୁଣିଥରେ ଆବେଦନକାରୀମାନେ କରିପାରିବେ। ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ଏଥିଲାଗି ଦେବ। ☞ପୃଷ୍ଠା-୨

# ସ୍ୱାମୀଙ୍କ କିଡ୍‌ନୀ ବିକ୍ରି ଟଙ୍କା ନେଇ ପ୍ରେମିକଙ୍କ ସହ ଫେରାର

କୋଲକାତା, ୨।୨



ପଶ୍ଚିମବଙ୍ଗର ହାଓଡ଼ାରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାଧ କରିଥିଲେ। ସ୍ତ୍ରୀଙ୍କ କଥାକୁ ଗ୍ରହଣ କରି ସ୍ୱାମୀ ୧୦ ଲକ୍ଷ ଟଙ୍କାରେ ନିଜ କିଡ୍‌ନୀକୁ ମଧ୍ୟ ବିକ୍ରି କରିଥିଲେ। ଉକ୍ତ ଟଙ୍କାକୁ ବ୍ୟାଙ୍କ୍‌ରେ ଜମା କରିଦେବେ ବୋଲି କହି ମହିଳା ଜଣକ ନିଜ ପାଖରେ ରଖିଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ମହିଳା ଜଣକ ଉକ୍ତ ୧୦ ଲକ୍ଷ ଟଙ୍କା ନେଇ ତାଙ୍କ ପ୍ରେମିକଙ୍କ ସହ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ହାଓଡ଼ା ଜିଲାର ସଙ୍କରୈଲରେ ଏହି ମହିଳା ଜଣକ ସ୍ୱାମୀ ଓ ୧୦ ବର୍ଷର ଝିଅଙ୍କ ସହ ରହୁଥିଲେ। ତାଙ୍କ ସ୍ୱାମୀ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସ୍ୱାମୀଙ୍କ ଆୟ ଖୁବ୍ କମ୍ ଥିବାରୁ ଏହି ଦମ୍ପତିଙ୍କ ମଧ୍ୟରେ ଅଧିକାଂଶ ସମୟ କଳହ ଲାଗି ରହୁଥିଲା। ଝିଅର ପାଠପଢ଼ା ଖର୍ଚ୍ଚ ମେଣ୍ଟାଇବା ପାଇଁ ସେମାନଙ୍କ ନିକଟରେ ଆବଶ୍ୟକ ଅର୍ଥ ନ ଥିଲା। ତେଣୁ ପରିବାରର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାଧ କରିଥିଲେ। ପ୍ରଥମେ ତାଙ୍କ ସ୍ୱାମୀ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ତେବେ କିଡ୍‌ନୀ ବିକ୍ରି କରିବା ପାଇଁ ମହିଳା ଜଣକ ସ୍ୱାମୀଙ୍କୁ ଲଗାତର ଭାବେ ଚାପ ପକାଉଥିଲେ। କିଡ୍‌ନୀ ବିକ୍ରି ନ କଲେ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକକ ଚିତ୍ରାଙ୍କନ ପ୍ରଦର୍ଶନୀ 'ପ୍ରୟାସ', ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଯୁବ ସାଂସ୍କୃତିକ ସମ୍ମେଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ସମ୍ବାଦ କର୍ପୋରେଟ ଏକ୍ସିଲେନ୍ସ ଆୱାର୍ଡ, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୫ମ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ-୩, ସମୟ: ଅପରାହ୍ନ ୫ଟା। ୩୦।

## କଟକ

- ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ପାଳନ, ସ୍ଥାନ: ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ : ଅପରାହ୍ନ ୨ଟା।
- ପାଞ୍ଚଗାଁ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଆରମ୍ଭ, ସ୍ଥାନ: ପାଞ୍ଚଗାଁ ମିନି ଷ୍ଟାଡିୟମ, ତିଗିରିଆ, ସମୟ: ଅପରାହ୍ନ ୩ଟା।

## ପୁରୀ

- ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟୀ ମିନିଷ୍ଟାଡିୟମ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଶ୍ରୀପଞ୍ଚମୀ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ନାମ ସଙ୍କୀର୍ତ୍ତନ,ସ୍ଥାନ:ବାଖରାବାଦ, ରୂପ୍‌ସା,ସମୟ:ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ୪୪ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା,ସ୍ଥାନ:ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟା ନିକେତନ ଓ ରାଧାକୃଷ୍ଣ ଉପ୍ରା ବିଦ୍ୟାଳୟ ପରିସର, ବାରାପାଳ, ରୂପ୍‌ସା,ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକ୍ ଲେଭଲ କାଉନସେଲିଂ କ୍ୟାମ୍ପ,ସ୍ଥାନ:ବ୍ଲକ ପରିସର, ଔପଦା,ସମୟ:ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ,ସ୍ଥାନ:ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଉତ୍ସବ ଉତ୍ତର ଓଡ଼ିଶାର ଚତୁର୍ଥ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା ୩୦।
- ଭାଗବତ କଥାମୃତ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ଗୋଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପ୍‌ସା,ସମୟ:ସନ୍ଧ୍ୟା ୬ଟା।
- ଜଳେଶ୍ୱର ମହୋତ୍ସବର ଷଷ୍ଠ ସନ୍ଧ୍ୟା,ସ୍ଥାନ–ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର,ସମୟ:ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ଆଙ୍ଗୁଡ଼େଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ଭାଗବତ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଝିଙ୍କିରିଆ, ତିହିଡ଼ି,. ସମୟ: ପୂର୍ବାହ୍ନ ୧୧ଟା।

- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର ନାମଯଜ୍ଞ ନଗର ସଂକୀର୍ତ୍ତନ, ସ୍ଥାନ: କଳ୍ପତରୁ ଆଶ୍ରମ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଯଜ୍ଞ, ହନୁମାନ ଚାଳିଶା ପାଠ ଓ ପୂର୍ଣ୍ଣାହୁତି, ସ୍ଥାନ: ପଥରଆଡ଼ି, ଚରମ୍ପା, ସମୟ: ଅପରାହ୍ନ ୩ଟା।
- ଅର୍ଜୁନ ପଲ୍ଲିଶ୍ରୀ ମେଳାର ୮ମ ସନ୍ଧ୍ୟା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- କଞ୍ଚନପୁରର ମାଗେ ପରବ, ସ୍ଥାନ: କଞ୍ଚନପୁର, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୨ ଟା।
- ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମରିଗାଁ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ସରସ୍ୱତୀ ପୂଜା ଉପଲକ୍ଷେ ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।
- ଗ୍ରାମବାସୀଙ୍କ ତରଫରୁ ବାର୍ଷିକ ନାମ ସଂକୀର୍ତ୍ତନ, ସ୍ଥାନ : ବଳଭଦ୍ରପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ସରସ୍ୱତୀ ପୂଜା ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା,ସ୍ଥାନ:ଉଦଳା ଗୌଡ଼ିଆ ମଠ, ସମୟ:ସକାଳ ୭ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୩ ଉପଖଣ୍ଡର ୧୬ ବ୍ଲକ୍‌ରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ କର୍ମୀ ସରୋଜ ସାମିଲଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା,ସ୍ଥାନ:ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ, ଉଦଳା ହାଇସ୍କୁଲ ଛକ,ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ମାତୃ ସମ୍ମିଳନୀ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ଆରପଟା, ବଡ଼ସାହି, ସମୟ: ସନ୍ଧ୍ୟା ୬ଟା।
- ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଭାଲୁକଚୁଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଗଞ୍ଜାମ

- ମେକ୍‌ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର ଆସିକା, ସମୟ: ପୂର୍ବାହ୍ନ ୧୦.୩୦ ମିନିଟ୍।

## କନ୍ଧମାଳ

- ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପିପିଟି ୟୁପି ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ସ୍କୁଲ ପରିସର, ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ପିପିଏଲ୍ ଡିଏଭି ସ୍କୁଲର ୩୮ ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ପିପିଏଲ, ପାରାଦୀପ, ଅପରାହ୍ନ ୪ଟା।
- ସାନ୍ତାଳୀ ସମ୍ପ୍ରଦାୟର ଯୁବ ଗୋଷ୍ଠୀଙ୍କ ଡୁଗଡମା ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଷ୍ଟୁପ ଯୁବ ସଙ୍ଗଠନ ପକ୍ଷରୁ ଧୂମାତପଲ୍ଲୀ ମହୋତ୍ସବ, ସ୍ଥାନ: ଧୂମାତ ଶାସନ ସ୍କୁଲ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଯାଜପୁର ଜିଲା ମହୋତ୍ସବ ପାଇଁ ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ ଗୃହ। ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶାନ୍ତିକୁଟୀର ଆଶ୍ରମ ଗୁରୁଦେବଙ୍କର ଶତବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦର ଶାନ୍ତିକୁଟୀର ଆଶ୍ରମ, ସମୟ: ସକାଳ ୮ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ:ଅପରାହ୍ନ ୪ଟା।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସରେ ସାଧାରଣ ସଭା, ସ୍ଥାନ:ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ:ସନ୍ଧ୍ୟା ୬ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପରଜଙ୍ଗ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଠିକା ବିଦ୍ୟୁତ କର୍ମଚାରୀଙ୍କ ପ୍ରଥମ ଅଧିବେସନ, ସ୍ଥାନ: ଗଦାଶିଳା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ଗୁଡ଼ା ପଞ୍ଚାୟତ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ, ଲିଟିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: କାଳିଆ ଗାଁ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୋଟପାଡ଼ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ କଳସଯାତ୍ରା, ସ୍ଥାନ: ହାଲ୍ ବି ଜୋନ୍ ତାରିଣୀ ମନ୍ଦିର, ସମୟ: ଅପରାହ୍ନ ୪ ଟା।
- ସ୍ୱର୍ଗ ରଥ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ମୌଳିକ ରେସିଡାନ୍ସ, କୋଟପାଡ଼, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଲାପୁଟ, ସୁବାଇ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଓଡ଼ିଶା ବନାମ ଚଣ୍ଡିଗଡ ୨୩ ବର୍ଷରୁ କମ୍ ସର୍ବଭାରତୀୟ କର୍ନେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ , ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ମା' ବୈଷ୍ଣେ ଦେବୀ ପ୍ରତିଷ୍ଠା ଦିବସ ଓ ବିଶାଳ ଜାଗରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ : ୧୦ଟା ୩୦।
- ବୀର ସୁରେନ୍ଦ୍ର ସାଏ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ–୨୦୨୫, ସ୍ଥାନ : ଧନୁପାଲି ନିକଟସ୍ଥ ଗିରିଜା ନଗର ଖେଳ ପଡିଆ, ସମୟ : ଅପରାହ୍ନ ୫ଟା ୩୦।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ : ପରମାଣପୁର ପଡିଆ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ବୈଦିକ ସଭା,ସ୍ଥାନ:ବେଦବ୍ୟାସ,ସମୟ:ପୂର୍ବାହ୍ନ ୧୦ଟା।
- ପ୍ରତିଷ୍ଠା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୬, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ତୃତୀୟ ଦିବସ ଉପଲକ୍ଷେ ଉତ୍କଳ ଗିତୀକବି ସମାଜର ସାହିତ୍ୟ ସଭା,ସ୍ଥାନ:ଭବନ ପଡିଆ,ରାଉରକେଲା,ସମୟ: ଅପରାହ୍ନ ୪ଟା।।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ପଲ୍ଲୀଶ୍ରୀ ମେଳା ଓ ଖାଦ୍ୟ ମେଳାର ୩ୟ ଦିବସ, ସ୍ଥାନ: ସେକ୍ଟର–୫ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବିପିୟୁଟିରେ ଖବରଦାତା ସମ୍ମିଳନୀ,ସ୍ଥାନ: ବିପିୟୁଟି କନ୍‌ପ୍ରେନ୍ସହଲ, ସମୟ: ୩ଟା ୩୦।
- ବାସନ୍ତୀ ପାଠାଗାର ବାର୍ଷିକ ଉତ୍ସବ ଉଦ୍‌ଯାପିତ,ସ୍ଥାନ: ବାସନ୍ତୀ କଲୋନୀ କାର୍ଯ୍ୟାଳୟ ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିର,ସ୍ଥାନ:ରାଜଗାଙ୍ଗପୁର ବ୍ଲକ ସଭାଗୃହ,ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼

- ଗୋପଲୀଳା ପାରାୟଣ,ସ୍ଥାନ: ଘୁଡ଼ାଦାନୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ହନୁମାନ ଶିବଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଡାଙ୍ଗ(ପ୍ରଧାନଟିକ୍ରା), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ପାଇକମାଳ,ସମୟ:ପୂର୍ବାହ୍ନ ୧୦ଟା।
- ବିହାରୀ ସମାଜ ପକ୍ଷରୁ ସମଲେଶ୍ୱରୀଙ୍କ ବାର୍ଷିକ ପୂଜାର ପୂର୍ଣ୍ଣାହୁତି,ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ବରଗଡ଼,ସମୟ:ଅପରାହ୍ନ ୪ଟା।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ,ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ସରସ୍ୱତୀ ପୂଜା ଉପଲକ୍ଷେ ସାମାଜିକ ନାଟକ, ସ୍ଥାନ: କେଳିଆ, ଜୁନାଗଡ଼ ବ୍ଲକ,ସମୟ: ରାତି ୯ଟା।

## ବୌଦ୍ଧ

- ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ର ନୁତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ:ନାରାୟଣନଗର ଗ୍ରାମ, ବୌଦ୍ଧ, ସମୟ:ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମଜନଶୁଣାଣି ଶିବିର,ସ୍ଥାନ:ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଉତ୍ସବ ପ୍ରଧାନପାଟ–୨୦୨୫ ତୃତୀୟ ଦିବସର ସାଧାରଣ ସଭା, ସ୍ଥାନ: ବଡ଼ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୬ଟା।
- ଉତ୍ସବ ପ୍ରଧାନପାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପାତାଳି ଶ୍ରୀକ୍ଷେତ୍ରରେ ୫୬ ପ୍ରହାର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ : କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ : ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୬ତମ ମା' ଉମଦେବୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: କଦୋଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପାତାଳି ମହୋତ୍ସବର ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମର ପଞ୍ଚମ ସନ୍ଧ୍ୟା, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ , ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ ଟା।
- ଖଡିଆଳ ମହୋତ୍ସବ ୨୦୨୫ ଉଦ୍‌ଘାଟନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଖଡିଆଳ ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ଋଷିପୀଠ ଯୋଗୀମଠ ଡୁକଳାଠାରୁ ଖଡିଆଳ, ସମୟ: ଅପରାହ୍ନ ୨ଟା।

## ଝାରସୁଗୁଡ଼ା

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ଭଜନ ଓ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ପକ୍ଷରୁ ବେହେରାମାଲରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରା, ସ୍ଥାନ: ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଛୁଇପାଲି, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମାନ୍ୟ ଅସ୍ଥିରତା ମଧ୍ୟରେ କାର୍ଯ୍ୟସାଧନ କରିବାରେ ସଫଳ ହେବେ। ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ ନାହିଁ। ସେବା ଓ ପରୋପକାର ଯୋଗୁ ସାମାଜିକ କ୍ଷେତ୍ରରୁ ମଧ୍ୟ ପ୍ରଶଂସା ମିଳିବ।

**ବୃଷ** କର୍ମଜଞ୍ଜାଳ ବୃଦ୍ଧି ହେତୁ ମାନସିକ ଅସ୍ଥିରତା ଲାଗି ରହିବ ଏବଂ କାର୍ଯ୍ୟହାନି ଘଟିପାରେ। ଗୃହସୀମା, ଗାଡିମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଉଦ୍‌ବେଗ ବୃଦ୍ଧି ପାଇବ। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଳା ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ ଏବଂ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଉଚ୍ଚଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତା ପ୍ରଶଂସା କରିପାରନ୍ତି। ବନ୍ଧୁ ନିକଟରେ ମନକଥା ଲୁଚାଇପାରିବେ ନାହିଁ ଓ କହି ମନସ୍ତାପ କରିବେ।

**କର୍କଟ** କର୍ମକ୍ଷେତ୍ରର ପରିସ୍ଥିତିକୁ ଆଖିରେ ରଖି ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ଅଫିସ୍ କାମରେ କୌଣସି ଅସୁବିଧା ରହିବ ନାହିଁ। ବିଶେଷ ଲାଭ ନ ହେଲେ ମଧ୍ୟ ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ।

**ସିଂହ** ଆପଣଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାରଣରୁ କେତେକ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଅବଶ୍ୟମ୍ଭାବୀ।

**କନ୍ୟା** ଗତକାଲିର ନିଷ୍ପତ୍ତି ଅନୁଯାୟୀ ଆଜିର କାମ ସାଧନରେ କିଛି ଅସୁବିଧା ହେବ ନାହିଁ। ମିତ୍ରମାନେ ସୁପରାମର୍ଶ ନ ଦେଇ ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। ସାମାଜିକ ସ୍ତରରେ ସାଧାରଣ କଥାକୁ ଜଟିଳ କରି ଦ୍ୱନ୍ଦ୍ୱରେ ପଡିବେ। ବାଣିଜ୍ୟ, ଯାତ୍ରା, କର୍ମାରମ୍ଭ ଯଥାବିଧି ସମ୍ପନ୍ନ ହୋଇପାରିବ।

**ତୁଳା** ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ସହକର୍ମୀଙ୍କ ପରୋକ୍ଷ ସୂଚନାରୁ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା** ଦୀର୍ଘ ଦିନରୁ ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ, ଆନୁଷ୍ଠାନିକ କାମ, ରାଜନୈତିକ ପରିସ୍ଥିତି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ** ନିଜ ପରିସରରେ ଅନ୍ୟମାନଙ୍କ ସାହାଯ୍ୟରୁ ଆଶା କରିଥିବା ଦିଗରୁ ଅର୍ଥଲାଭ ହେବ। ହଠାତ୍ ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହି ପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇବେ।

**ମକର** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ପ୍ରତ୍ୟେକ କାମ କରିବା କ୍ଷେତ୍ରରେ ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବକେୟା ଅର୍ଥ ଆଦାୟ କରିବାରେ ଯୁକ୍ତିତର୍କର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** ଉପସ୍ଥିତ ବୁଦ୍ଧି ବଳରେ ପରିବାରରେ ସୁସମ୍ପର୍କ ସ୍ଥାପନ କରିବାରେ ସଫଳ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ଆର୍ଥିକ ସ୍ଥିତି ମଜଭୁତ କରିବାକୁ ହେଲେ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ସଭାସମିତି ଓ ମାଙ୍ଗଳିକ କାମ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ଲୋଡିବାକୁ ବାଧ ହୋଇପାରନ୍ତି।

**ମୀନ** ଚେଷ୍ଟା କରୁଥିବା କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହୋଇପାରିବ। ଈର୍ଷାପରାୟଣ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ କାମ ସକାଶେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢିବ କିନ୍ତୁ ବ୍ୟବସାୟ, ପରିବହନ ଓ ଯାତ୍ରାରୁ ସୁଫଳ ପାଇବେ।

ଆଜି ଫେବୃଆରୀ ୩ ତାରିଖ, ମାଘ ଶୁକ୍ଳ ପଞ୍ଚମୀ ଯୁକ୍ତ ଷଷ୍ଠୀ ସୋମବାର, ପ୍ରୟାଗତୀର୍ଥେ ମହାକୁମ୍ଭସ୍ନାନ, ରାଶିନକ୍ଷତ୍ର–ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ୦୬।୨୪ ଗତେ, ଘ.୦୭।୪୮ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୧୩ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୦୭।୪୮ ଗତେ, ଘ.୦୯।୧୨ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ନାକ୍ ମାନ୍ୟତା...

ସଂଯୋଜକ କମିଟି ସଦସ୍ୟ ତଥା ଜେଏନ୍‌ୟୁ ପ୍ରଫେସର ରାଜୀବ ଶିଜାରିଆ, କମିଟି ସଦସ୍ୟ ତଥା ଭାରତ ଆଇନ ପ୍ରତିଷ୍ଠାନ ଡିନ୍ ଡ. ଡି ଗୋପାଲ, ଭୋପାଳ ଜାଗରଣ ଲେକସିଟି ବିଶ୍ୱବିଦ୍ୟାଳୟ ଡିନ୍ ରାଜେଶ ସିଂ ପାୱାର, ଜିଏଲ ବଜାଜ ପ୍ରଯୁକ୍ତି ଓ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ନିର୍ଦ୍ଦେଶକ ମାନସ କୁମାର ମିଶ୍ର ଏବଂ କମିଟି ସଦସ୍ୟ ତଥା ଦେବଗିର ବିଶ୍ୱବିଦ୍ୟାଳୟର ପ୍ରଫେସର ଗାୟତ୍ରୀ ଦେବରାଜା। ପରିଦର୍ଶନ ବେଳେ ସେମାନଙ୍କ ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଅନ୍ୟ ୪ ଅଧିକାରୀ କେଏଲ୍‌ଇଏଫ୍ ସଭାପତି କୋନେରୁ ସତ୍ୟନାରାୟଣ, କମିଟିର ପୂର୍ବତନ ସହପରାମର୍ଶଦାତା ଡ.ଏଲ୍ ମଞ୍ଜୁନାଥ ରାଓ, ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଏମ୍ ହନମନ୍ଥାପ୍ପା ଏବଂ କମିଟି ପରାମର୍ଶଦାତା ଏମ୍.ଏସ୍ ଶ୍ୟାମସୁନ୍ଦର ରହିଥିଲେ। ସେହି ସମୟରେ ନାକ୍ ଏ++ଏସି ମାନ୍ୟତା ପାଇଁ ଡିଲ୍ ହୋଇଥିଲା। ର୍‍ୟାଙ୍କିଙ୍ଗ୍ ପାଇଁ ଅବଶ୍ୟକ ମାପଦଣ୍ଡ ପୂରଣ କରୁ ନ ଥିବା ଏହି ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରତିନିଧି ଦଳଙ୍କୁ ସେମାନଙ୍କ ଦାବି ଅନୁସାରେ ଦାମୀ ଆଇଫୋନ୍ ଓ ମୋଟା ଅଙ୍କର ଅର୍ଥରାଶି ପ୍ରଦାନ କରାଯାଇଥିଲା। ରେଟିଂ ବୃଦ୍ଧି ପାଇଁ ଲାଞ୍ଚ କାରବାର ଚାଲିଥିବା ଖବର ପାଇ ସିବିଆଇ ଟିମ୍ ସେଠାରେ ପହଞ୍ଚି କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ରାତିରେ ବୁଲୁଙ୍କ ଘରେ ଓ ଜ୍ୟୋତି ବିହାର କ୍ୟାମ୍ପସ୍ଥିତ ଅଫିସ ରୁମ୍‌ରେ ମଧ୍ୟ ଚଢ଼ାଉ କରାଯାଇଛି। ନାକ୍ ଟିମ୍‌କୁ ଲାଞ୍ଚ ଟଙ୍କା ଦିଆଯାଇଥିବା ନେଇ କେତେକ ଦସ୍ତାବିଜ ସହ ଟଙ୍କା, ସୁନା, ମୋବାଇଲ ଫୋନ୍, ଲାପ୍‌ଟପ ଆଦି ଯାଞ୍ଚ ବେଳେ ଠାବ ହୋଇଥିଲା। ସିବିଆଇ ସେଗୁଡ଼ିକୁ ଜବତ କରିଛି। କେବଳ ସମ୍ବଲପୁର ନୁହେଁ, ଚେନ୍ନାଇ, ବେଙ୍ଗାଲୁରୁ, ବିଜୟୱାଡା, ପାଲାମୁ, ସମ୍ବଲପୁର, ଭୋପାଳ, ବିଳାସପୁର, ଗୌତମବୁଦ୍ଧନଗର ଓ ନୂଆଦିଲ୍ଲୀ ସମେତ ମୋଟ ୨୦ଟି ସ୍ଥାନରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି।

ପ୍ରଫେସର ବୁଲୁ ମହାରଣାଙ୍କୁ ଗିରଫ କରିବା ପରେ ସିବିଆଇ ଅଧିକାରୀମାନେ ଶନିବାର ରାତିରେ ସମ୍ବଲପୁର ବୁର୍ଲା ଜ୍ୟୋତିବିହାରସ୍ଥିତ ତାଙ୍କ ସରକାରୀ ବାସଭବନ (କ୍ୱାର୍ଟର୍ସ ନଂ.୫) ସମ୍ମୁଖରେ ନୋଟିସ୍ ଲଗାଇ ସିଲ୍ କରିଛନ୍ତି। ଘଟଣା ସମ୍ପର୍କରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ନାକ୍ କମିଟି ସଦସ୍ୟ ତଥା ଲାଇବ୍ରେରୀ ସାଇନ୍ସ ବିଭାଗ ମୁଖ୍ୟ ପ୍ରଫେସର ଡ. ମହାରଣାଙ୍କୁ ଅଟକ ରଖାଯାଇଥିବା ନେଇ ଶନିବାର ସିବିଆଇ ପକ୍ଷରୁ ତାଙ୍କୁ ଅବଗତ କରାଯାଇଛି।



ଡ. ବୁଲୁ ମହାରଣାଙ୍କ ଜ୍ୟୋତିବିହାରସ୍ଥିତ ସରକାରୀ କ୍ୱାର୍ଟର୍ସ ସିଲ୍ କରାଯାଇଛି।

## ୮ରେ ପ୍ରଥମ କିସ୍ତିର...

୨୫ ପ୍ରତିଶତ ଏନ୍‌ପିସିଆଇ ସମସ୍ୟାର ସମାଧାନ ହୋଇଛି। ତଥାପି ଆହୁରି ଅଢ଼େଇ ଲକ୍ଷ ମହିଳାଙ୍କ କ୍ଲିୟର ହୋଇନାହିଁ। ୮ ତାରିଖ ସୁଦ୍ଧା ଛୋଟମୋଟ ଭୁଲ୍ ଥିବା ଆବେଦନକାରୀ ତୁରନ୍ତ ବ୍ୟାଙ୍କକୁ ଯାଇ ନିଜ ଆକାଉଣ୍ଟ ଚେକ୍ କରାଇ ନିଅନ୍ତୁ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏନ୍‌ପିସିଆଇ ସମସ୍ୟା ଅଧିକ ମାତ୍ରାରେ ରହିଛି। ଫେବୃଆରୀ ୮ରୁ ମାର୍ଚ୍ଚ ୮ ମଧ୍ୟରେ ଯାହା ସମସ୍ୟା ରହିଛି ତାକୁ ସମାଧାନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

## ସ୍ୱାମୀଙ୍କ କିଡ୍‌ନୀ ବିକ୍ରି...

ଝିଅର ଭବିଷ୍ୟତ ଖରାପ ହେବ ଏବଂ ସେଥିପାଇଁ ସେ ଦାୟୀ ରହିବେ ବୋଲି ଉକ୍ତ ମହିଳା ସ୍ୱାମୀଙ୍କୁ ଧମକ ଦେଇଥିଲେ। ଶେଷରେ କିଡ୍‌ନୀ ବିକ୍ରି କରିବା ପାଇଁ ମହିଳାଙ୍କ ସ୍ୱାମୀ ରାଜି ହୋଇଯାଇଥିଲେ। ସେ ପ୍ରାୟ ବର୍ଷେ ଧରି ତାଙ୍କ କିଡ୍‌ନୀ ବିକିବା ପାଇଁ ଗ୍ରାହକ ଖୋଜିଥିଲେ। ପରେ ଜଣେ ଗ୍ରାହକ ୧୦ ଲକ୍ଷ ଟଙ୍କାରେ କିଡ୍‌ନୀ କିଣିବାକୁ ରାଜି ହୋଇଥିଲେ। ଶୁକ୍ରବାର କିଡ୍‌ନୀ ବିକ୍ରି ପାଇଁ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଉକ୍ତ ଗ୍ରାହକ ଜଣକ ୧୦ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଏହି ଟଙ୍କାକୁ ବ୍ୟାଙ୍କରେ ଜମା କରିଦେବେ ବୋଲି କହି ମହିଳା ଜଣକ ସ୍ୱାମୀଙ୍କଠାରୁ ୧୦ ଲକ୍ଷ ଟଙ୍କା ନେଇ ଆସିଥିଲେ। କିନ୍ତୁ ରାତାରାତି ସେ ୧୦ ଲକ୍ଷ ଟଙ୍କା ନେଇ ପ୍ରେମିକଙ୍କ ସହ ଫେରାର ହୋଇଥିଲେ।

ତେବେ ତାଙ୍କ ସ୍ତ୍ରୀ ସ୍ଥାନୀୟ ବେରକ୍‌ପୁର ଅଞ୍ଚଳର ସୁଭାଷ କଲୋନୀରେ ରହୁଥିବା ରବିଦାସ ନାମରେ ଜଣେ ଯୁବକଙ୍କ ଘରେ ଅଛନ୍ତି ବୋଲି ଉକ୍ତ ମହିଳାଙ୍କ ସ୍ୱାମୀ ଜାଣିବାକୁ ପାଇଥିଲେ। ତେଣୁ ସେ ଝିଅଙ୍କୁ ଧରି ରବିଦାସଙ୍କ ଘରକୁ ଯାଇ ସ୍ତ୍ରୀଙ୍କୁ ଫେରି ଆସିବାକୁ ଅନୁରୋଧ କରିଥିଲେ। ସ୍ୱାମୀ ଆସିଥିବା ଜାଣି ମଧ୍ୟ ଉକ୍ତ ମହିଳା ରବିଦାସଙ୍କ ଘରର କବାଟ ଖୋଲି ନ ଥିଲେ। ସେ ଆଉ ଫେରିବେ ନାହିଁ ଏବଂ ଖୁବ୍‌ଶୀଘ୍ର ଛାଡ଼ପତ୍ର ପେପର ପଠାଇବେ ବୋଲି ମହିଳା ଜଣକ ସ୍ୱାମୀଙ୍କୁ ଧମକ ଦେଇଥିଲେ। ଫେରି ଆସିବାକୁ ଝିଅର ଅନୁରୋଧକୁ ମଧ୍ୟ ସେ ଶୁଣି ନ ଥିଲେ। ଫଳରେ ଅସହାୟ ସ୍ୱାମୀ ବାଧ ହୋଇ ରବିବାର ଉକ୍ତ ମହିଳାଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମହିଳା ଜଣକ ଫେସ୍‌ବୁକରେ ନିଜ ପ୍ରେମିକଙ୍କୁ ପ୍ରଥମ ଥର ପାଇଁ ଭେଟିଥିଲେ ବୋଲି ପୋଲିସ କହିଛି। ସ୍ୱାମୀଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ତାଙ୍କ କିଡ୍‌ନୀ ବିକ୍ରି କରି ଟଙ୍କା ହାତେଇବା ସହ ଫେରାର ହେବା ନେଇ ଦୀର୍ଘ ଦିନ ପୂର୍ବରୁ ପ୍ରେମିକ ରବିଦାସଙ୍କ ସହ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଛି।

## ଖୁଡ଼ୀଙ୍କୁ ହତ୍ୟା କରି ପୁତୁରା ଗିରଫ

**ନୂଆପଡ଼ା/ବୋଡ଼େନ,୨।୨**
**(ମକାରୁ ବେମାଲ/ ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ଥାନା ବୋଡ଼େନ ଗ୍ରାମରେ ଖୁଡ଼ୀଙ୍କୁ ହତ୍ୟା କରି ପୁତୁରା କିଶୋର ପଟେଲ ଗିରଫ ହୋଇଛନ୍ତି। ମୃତା ମହିଳା ହେଲେ ବୋଡ଼େନ ଗାଁର ଦୂରମଣି ପଟେଲ(୫୫)। ସୂଚନା ଅନୁଯାୟୀ ଶନିବାର ରାତି ପ୍ରାୟ ୧୧ଟାରେ କୌଣସି ଏକ ବିଷୟକୁ ନେଇ ଦୂରମଣି ଓ କିଶୋରଙ୍କ ପରିବାର ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇଥିଲା। ପରେ ଝଗଡ଼ା ଧୀରେଧୀରେ ଉଗ୍ରରୂପ ଧାରଣ କରିଥିଲା। କିଶୋର ଅତି ନିର୍ମମ ଭାବରେ ଖୁଡ଼ୀଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ବୋଡ଼େନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବୋଡ଼େନ ପୋଲିସ ରବିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୋଡ଼େନ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କିଶୋରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

## ସଂସଦରେ 'ରାମାୟଣ: ଦି ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'ର ସ୍କ୍ରିନିଂ ହେବ

**ନୂଆଦିଲ୍ଲୀ, ୨।୨**

ଆସନ୍ତା ଫେବୃଆରୀ ୧୫ ତାରିଖରେ ସଂସଦରେ ୧୯୯୩ର ଜାପାନୀ–ଭାରତୀୟ ଆନିମେଶନ ଫିଲ୍ମ 'ରାମାୟଣ: ଦି ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'ର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ। ଏନେଇ ଫିଲ୍ମ ସହ ଜଡ଼ିତ ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଗିକ୍ ପିକ୍ଚର୍ସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଅବସରରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ଓ ସାଂସ୍କୃତିକ କ୍ଷେତ୍ର ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ନେଇ ଗିକ୍ ପିକ୍ଚର୍ସ କହିଛି।

# ବର୍ଣ୍ଣବୋଧର ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ

## ପୁନଃ ମୁଦ୍ରିତ, ଡିଜିଟାଲ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ପବିତ୍ର ଶ୍ରୀପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ 'ବର୍ଣ୍ଣବୋଧ'ର ପୁନଃ ମୁଦ୍ରିତ ଓ ଡିଜିଟାଲ ସଂସ୍କରଣ ରବିବାର କୃଷି ଭବନଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉନ୍ମୋଚନ କରି କହିଛନ୍ତି, ଓଡ଼ିଶା ଏବଂ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ତିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲା, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ 'ଛବିଳ ମଧୁ ବର୍ଣ୍ଣବୋଧ' ବହି ପ୍ରକାଶ କରି ଆମ ରାଜ୍ୟର ହୃତ୍ ଗୌରବ ଫେରାଇ ଆଣିଥିଲେ। ବର୍ଣ୍ଣବୋଧ ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ। ଚଳିତବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ 'ବର୍ଣ୍ଣବୋଧ'ର ନୂତନ ମୁଦ୍ରିତ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଆମେ ଗୁରୁତ୍ୱ ଦେଉଛୁ। ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ପ୍ରତିଷ୍ଠାନର ମୁଖପତ୍ର 'ଭାଷାପତ୍ର' ଏବଂ ସତ୍ୟନାରାୟଣ ବହିଦାର ଓ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ କରିବା ସହ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ବର୍ତ୍ତମାନ ସମୟରେ ସ୍ମାର୍ଟ କ୍ଲାସରୁମ୍‌ରେ ପିଲାଙ୍କୁ ଚିତ୍ର ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ୧୮୯୩ ମସିହାରେ ରଚିତ ଭକ୍ତକବି ପିଲାଙ୍କୁ ସ୍ଲାଟ ବହି ଧରାଇଥିଲେ। ସେତେବେଳେ ସ୍ରଷ୍ଟାମାନେ ସାହିତ୍ୟ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିଥିଲେ। ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି। ସହଯୋଗ କଲେ ଏହା ନିଶ୍ଚୟ ସୁଦୃଢ଼ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଆମ ସଂସ୍କୃତି ନେଇ ଆମେ ଗର୍ବ ଅନୁଭବ କରିଥାଉ। ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି ଶୁଭଦିନ 'ଶ୍ରୀପଞ୍ଚମୀ' ଆମପାଇଁ ସଂସ୍କୃତି, ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ଲାଗି ଏକ ସଂକଳ୍ପର ଦିନ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ସଫଳ ପରୀକ୍ଷଣ


ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ପରୀକ୍ଷଣ କରାଯାଇଛି।

ବାଲେଶ୍ୱର,୨।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଶନିବାର ରାତିରେ ଅତ୍ୟନ୍ତ କ୍ଷୁଦ୍ର ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍)ର ତିନୋଟି କ୍ରମାଗତ ଉଡ଼ାଣ ପରୀକ୍ଷଣ ସଫଳ ହୋଇଛି। ଏହି ପରୀକ୍ଷଣଗୁଡ଼ିକ ଅତ୍ୟନ୍ତ କମ୍ ଉଚ୍ଚତାରେ ଉଡୁଥିବା ଉଚ୍ଚ ଗତି ଲକ୍ଷ୍ୟ ବିରୋଧରେ କରାଯାଇଥିଲା। ଏହି ତିନୋଟି ଉଡ଼ାଣ ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରଗୁଡ଼ିକ ବିଭିନ୍ନ ଉଡ଼ାଣ ପରିସ୍ଥିତିରେ କମ୍ ଉଚ୍ଚତାରେ ଉଡୁଥିବା ଡ୍ରୋନ୍‌ଗୁଡ଼ିକର ଅନୁକରଣ କରି ଥର୍ମାଲ୍ ସିଗ୍ନେଚର ହ୍ରାସ କରିଥିବା ଲକ୍ଷ୍ୟଗୁଡ଼ିକୁ ଅଟକାଇ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଥିଲା। ଉଡ଼ାଣ ପରୀକ୍ଷଣଗୁଡ଼ିକ ଅନ୍ତିମ ନିୟୋଜନ ବିନ୍ୟାସରେ କରାଯାଇଥିଲା, ଯେଉଁଠାରେ ଦୁଇ ଜଣ କ୍ଷେତ୍ର ଅପରେଟର ଅସ୍ତ୍ର ପ୍ରସ୍ତୁତି, ଲକ୍ଷ୍ୟ ହାସଲ ଏବଂ କ୍ଷେପଣାସ୍ତ୍ର ଫାୟାରିଂ କରିଥିଲେ। ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍) ଚାନ୍ଦିପୁର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ଇଲେକ୍ଟ୍ରୋ-ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ ଏବଂ ରାଡାର ଭଳି ବିଭିନ୍ନ ରେଞ୍ଜ ଉପକରଣ ଦ୍ୱାରା ଉଡ଼ାଣର ତଥ୍ୟ କଏଦ କରାଯାଇଥିଲା। ଡିଆରଡିଓର ବରିଷ୍ଠ ଅଧିକାରୀ, ସଶସ୍ତ୍ର ବାହିନୀ, ବିକାଶ ଓ ଉତ୍ପାଦନ ଅଂଶୀଦାରମାନେ କ୍ଷେପଣାସ୍ତ୍ର ଉଡ଼ାଣ ପରୀକ୍ଷଣଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍ ହେଉଛି ଏକ ମାନବ ପୋର୍ଟେବଲ୍ ଏୟାର ଡିଫେନ୍ସ ସିଷ୍ଟମ୍। ଡିଆରଡିଓ ପରୀକ୍ଷାଗାର, ବିକାଶ ଓ ଉତ୍ପାଦନ ଅଂଶୀଦାରଙ୍କ ସହଯୋଗରେ ଇମାରତ ରିସର୍ଚ୍ଚ ସେଣ୍ଟର ଏହି କ୍ଷେପଣାସ୍ତ୍ରକୁ ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ବିକଶିତ କରିଛି। ଏହି କ୍ଷେପଣାସ୍ତ୍ରରେ ସଶସ୍ତ୍ର ବାହିନୀର ତିନୋଟି ଶାଖା ଯଥା ଭାରତୀୟ ସେନା, ନୌସେନା ଏବଂ ବାୟୁସେନାର ଆବଶ୍ୟକତା ପୂରଣ କରିବାର କ୍ଷମତା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ, ସଶସ୍ତ୍ର ବାହିନୀ ଓ ପ୍ରତିରକ୍ଷା ଉଦ୍ୟୋଗଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ବିଭାଗ ଗବେଷଣା ଓ ବିକାଶ ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି. କାମତ ଏହାର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓ ଦଳ ଓ ପ୍ରତିରକ୍ଷା ଉଦ୍ୟୋଗଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି।

## ଆଜି ଚାଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ପାଇଁ ଚାଲିବ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ତାରିଖ ଦିବା ୧୧ଟା ସମୟରୁ ଆରମ୍ଭ ହୋଇଥିଲା। ସର୍ବାଧିକ ୧୦୦୦ ପଞ୍ଜୀକରଣକାରୀଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରବିବାର ବସନ୍ତ ପଞ୍ଚମୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଜଣେ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ


ସୁକୁମା ଜିଲା ପୋଲିସ ନିକଟରେ ଗିରଫ ମାଓବାଦୀ।

ମାଲକାନଗିରି,୨।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ଜଣେ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଗିରଫ ମାଓବାଦୀ ଜଣକ ହେଲେ ମାଡକାମ ଗୁଲା। ସେ ଆରପିସି ମିଲିସିଆ ସଦସ୍ୟ ବୋଲି ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ସୁରକ୍ଷା ବାହିନୀଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ସୁକୁମା ଜିଲା ଦୋର୍ନାପାଲ-ଜାଗରଗୁଣ୍ଡା ରାସ୍ତାର ଗୋରଗୁଣ୍ଡା-ପୋଲାମପାଲ୍ଲୀ ମଧ୍ୟରେ ଥିବା ଡବ୍ବୁପୋଲ ନିକଟରେ ୫ କିଲୋଗ୍ରାମର ଗୋଟିଏ ଆଇଇଡି ପୋତିଥିଲେ। ସୁରକ୍ଷାବାହିନୀ କୋମ୍ବିଂ ଅପରେସନ କରିବା ସମୟରେ ଉକ୍ତ ବିସ୍ଫୋରକକୁ ଜବତ କରିଥିଲେ। ପରେ ପୋଲାମପାଲ୍ଲୀ ପୋଲିସ ଆରଲାମପାଲ୍ଲୀ ଓ ଆଖପାଖ ଅଞ୍ଚଳରେ ଅପରେସନ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଉଥିବା ବେଳେ ପୋଲିସ ତାଙ୍କୁ କାବୁ କରି ପଚରାଉଚରା କରିଥିଲା। ସେ ଆର.ପି.ସି. ମିଲିସିଆ ସଦସ୍ୟ ବୋଲି ଜଣାପଡ଼ିଥିଲା। ତତ୍ପରେ ପୋଲିସ ନିକଟରୁ ଉଦ୍ଧାର କରାଯାଇଥିବା ଆଇଇଡି ପୋତିବାରେ ସେ ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି। ଏଥିସହ ଉକ୍ତ ମାଓବାଦୀଙ୍କ ନିକଟରୁ ୨ଟି ଡିଟୋନେଟର, ୨ କିଲୋଗ୍ରାମ ଉଡ଼, ୫ ମିଟର କୋଡେକ୍ସ ତାର, ୫ ମିଟର ବିଦ୍ୟୁତ୍ ତାର ଜବତ କରିଛି।

## ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷର ରଥଯାତ୍ରାର ଆଦ୍ୟପର୍ବ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଉତ୍ସବ ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ପରମ୍ପରା ଅନୁଯାୟୀ, ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଥିବା ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ମହାପ୍ରସାଦ ସମର୍ପଣ ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ଚିହ୍ନିତ ସ୍ଥଳ ରୁହ କାର୍ଯ୍ୟ କରାଯିବ। ସେହିପରି ଆସନ୍ତା ରାମନବମୀ ତିଥିରେ କଟକ ଜପୁରିଆସ୍ଥିତ ସ'ମିଲରେ ରଥକାଠ ଚିରାଟ କରାଯିବ। ରଥ ସଂକ୍ରିତ ଅକ୍ଷୟତୃତୀୟାରୁ ରାଜନହର ସମ୍ମୁଖସ୍ଥ ରଥଖଳାରେ ତିନିରଥ ନିର୍ମାଣ ଅନୁକୂଳ ହେବ। ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସମେତ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକ୍ ଯୋଗେ ୧୦୧ ଖଣ୍ଡ ରଥକାଠ ନୟାଗଡ଼ ଓ ଦଶପଲ୍ଲା ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଥିଲା। ତନ୍ମଧ୍ୟରେ ୪୮ ଖଣ୍ଡ ଅସନ ଓ ୫୩ ଖଣ୍ଡ ଧଉରା କାଠ ରହିଥିଲା। ଗତବର୍ଷ ୫୧ ଖଣ୍ଡ କାଠ ବଳକା ରହିଛି। ଚଳିତବର୍ଷ ରଥ ନିର୍ମାଣ ପାଇଁ ୮୧୪ ଖଣ୍ଡ କାଠ ଆବଶ୍ୟକ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଉକ୍ତ କାଠ ମଧ୍ୟରୁ ୧୨ ଫୁଟିଆ ୩ଟି ଧଉରା କାଠକୁ ରବିବାର ପୂଜା କରାଯାଇଛି। ଚଳିତ ବର୍ଷ ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ, ସେଥିନିମନ୍ତେ ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ପ୍ରାର୍ଥନା କରିଛନ୍ତି। ଅନୁକୂଳ ପୂଜା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସମସ୍ତଙ୍କ ସହଯୋଗରେ ରଥକାଠ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ରାମନବମୀରେ କାଠ ଚିରାଟ ଏବଂ ଅକ୍ଷୟତୃତୀୟାରୁ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ।

## ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ପାଇଁ ୩୩ ପ୍ଲାଟୁନ୍ ଫୋର୍ସ



କୋଣାର୍କ, ୨।୨(ଜ୍ୟୋତିରାଜ ମହାନ୍ତି)

ଆସନ୍ତା ୪ତାରିଖରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାରେ ପବିତ୍ର ମାଘସପ୍ତମୀ ବୁଡ଼। ଉକ୍ତ ଦିନ ତ୍ରିସନ୍ଧ୍ୟାଙ୍କ ମହାସ୍ନାନ ବିଧି ସମ୍ପନ୍ନ ହେବା ପରେ ଭୋର ୪ଟା ୩୭ ମିନିଟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବେ। ସେଣ୍ଟ ଏଠାରେ ଭାରତର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଠାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହେବ ବୋଲି ପ୍ରଶାସନ ଆକଳନ କରିଛି। ସୁରକ୍ଷା ପାଇଁ ୩୩ ପ୍ଲାଟୁନ୍ ଫୋର୍ସ, ୬ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୩୯ ଆଇଆଇସି, ୧୧୬ ଏଏସ୍‌ଆଇ, ୨୮ ହାବିଲଦାର, ୧୨୭ କନଷ୍ଟେବଲ, ୧୬ ଟ୍ରାଫିକ ପୋଲିସ ଏବଂ ୩୬୪ଜଣ ହୋମଗାର୍ଡଙ୍କ ସମେତ ବୋମା ନିଷ୍କ୍ରିୟକାରୀ ଟିମ୍ ମୁତୟନ ହେବେ ବୋଲି ପୁରୀ ଏସ୍‌ପି ବିନିତ ଅଗ୍ରୱାଲ ପ୍ରକାଶ କରିଛନ୍ତି। ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ସାତଗଜ ଗଙ୍ଗା ନଦୀରେ ସ୍ନାନ କଲେ ଯେତିକି ପୁଣ୍ୟ ହୋଇଥାଏ, ଗୋଟିଏ ଥର ପବିତ୍ର ମାଘସପ୍ତମୀ ଅବସରରେ ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ସେହି ସମାନ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି କିମ୍ବଦନ୍ତୀ ରହିଛି।

## ବାରୁଦ ବିସ୍ଫୋରଣରେ ଦୁଇ ନାବାଳକ ଗୁରୁତର

ପାଟଣାଗଡ଼,୨।୨
(ସଚ୍ଚିଦାନନ୍ଦ ମହାକୁଡ଼)

### ଘଟଣାକୁ ଚପାଇ ଦେବାକୁ ଉଦ୍ୟମ


ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନାବାଳକ।

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ପାଜେଲ ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବାଘୁଆ ମାରିବା ପାଇଁ ବ୍ୟବହାର କରାଯାଉଥିବା ବାରୁଦ ବିସ୍ଫୋରଣରେ ଆସି ଦୁଇ ଜଣ ନାବାଳକ ଗୁରୁତର ଆହତ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆହତ ନାବାଳକ ଦ୍ୱୟ ହେଲେ ଉକ୍ତ ଗ୍ରାମର ଜଗା ସରାଫ ଓ ସଞ୍ଜୀବ ଦଳେଇ। ପ୍ରକାଶ ଯେ, ମଧ୍ୟାହ୍ନ ସମୟରେ ଜଗା (୧୧) ଓ ସଞ୍ଜୀବ (୧୩) ଗ୍ରାମର ଜଣେ ବାକ୍ତିଙ୍କ ଘରେ ଖେଳୁଥିଲେ। ଏହି ସମୟରେ ଘରେ ଥିବା ଏକ ଗୋଲାକାର ବସ୍ତୁ ଉପରେ ସେମାନଙ୍କ ନଜର ପଡ଼ିଥିଲା। ସେମାନେ ତାକୁ ଆଣି କୌତୁହଳବଶତଃ ଏକ ହାତୁଡ଼ିରେ ପିଟିଥିଲେ। ଜଗା ଦୁଇ ତିନି ଥର ପିଟିବା ପରେ ତାହା ବିସ୍ଫୋରଣ ହୋଇଥିଲା। ଫଳରେ ଜଗାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ଏହାଛଡ଼ା ସେହି ସମୟରେ ପାଖରେ ବସିଥିବା ସଞ୍ଜୀବଙ୍କ ଉପରକୁ ବାରୁଦ ଛିଟିକି ତାଙ୍କ ଅଣ୍ଟାକାଳରେ କ୍ଷତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାରବର୍ଗ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ହେଉଛି। ତେବେ କାହିଁକି ଏହି ବାରୁଦ ଘରେ ରଖାଯାଇଥିଲା ତାହା ତଦନ୍ତ ସାପେକ୍ଷ। ପାଜେଲ ଗାଁକୁ ଲାଗି ଚଙ୍ଗିଆ ପାହାଡ଼ ଓ ବାଙ୍କୋଡୋ ଜୁଙ୍ଗୁରି ରହିଛି। ପ୍ରତିଦିନ ସନ୍ଧ୍ୟା ସମୟରେ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ବନ୍ୟଜନ୍ତୁ ଜଙ୍ଗଲ ଭିତରେ ଥିବା ପୋଖରୀକୁ ଆସିଥାନ୍ତି। ଫଳରେ କେତେଜଣ ଶିକାରୀ ବାଘୁଆ ଶିକାର ପାଇଁ ଘରେ ବାରୁଦ ରଖୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡ଼ସ୍ୱାଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ବୃଦ୍ଧ ଦମ୍ପତିଙ୍କୁ ଦଳି ମାରିଲା ଦନ୍ତା

■ଶୋଇଥିବା ବେଳେ ଘର ଭାଙ୍ଗି କରିଥିଲା ଆକ୍ରମଣ

■ପାଖ ଘରେ ଥିବା ୩ ସମ୍ପର୍କୀୟ ଦୌଡ଼ି ଜୀବନ ବଞ୍ଚାଇଲେ

ଲାଞ୍ଜିଗଡ଼,୨।୨(ରମେଶ ଚନ୍ଦ୍ର ନାୟକ)


ତଦନ୍ତ ପାଇଁ ଆସିଥିବା ବନ ବିଭାଗ ଅଧିକାରୀ ଓ ସ୍ଥାନୀୟ ଲୋକେ।

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ଲାଖଦାହାଲି ପଞ୍ଚାୟତର କାଦମାଳି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପୁରୁନା ମାଝୀ (୭୦) ଓ ଗାଦ ମାଝୀ(୬୫)। ମୃତ ଦମ୍ପତିଙ୍କ ମୂଳ ଘର ବୋରାସାଲି ଗ୍ରାମରେ ହୋଇଥିବାବେଳେ କାଦମାଳି ଗାଁରେ କିଛି ବର୍ଷ ପୂର୍ବେ ଚାଷ ଜମିରେ ଘର ତିଆରି କରି ସେଠାରେ ରହୁଥିଲେ। ପୋଡୁ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଘରେ ଶୋଇଥିବା ବେଳେ ଦନ୍ତା ସେମାନଙ୍କ ଖଟିମିଟି କୋଠରି ଭାଙ୍ଗି ଦଳି ଦେଇଥିଲା। ଏପରିକି ସେମାନଙ୍କ ଶରୀରକୁ ଦଳିଚକଟି ଖଣ୍ଡ ବିଖଣ୍ଡ କରି ଦେଇଥିଲା। ଏହି ସମୟରେ ପାଖ ଘରେ ଶୋଇଥିବା ପୁରୁନାଙ୍କ ପୁଅ ନାଥ ମାଝୀ(୨୧), ସାନଭାଇ ସାଧୁ ମାଝୀ(୬୫) ଓ ସମ୍ପର୍କୀୟ କୁଲୁ ମାଝୀ(୪୦) କୌଣସିମତେ ସେଠାରୁ ଦୌଡ଼ି ପଳାଇ ଯାଇ ଜୀବନ ବଞ୍ଚାଇଥିଲେ। ଖବରପାଇ ରବିବାର ସକାଳେ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର, ମୁଖାମାଳ ଫରେଷ୍ଟର ଚିତ୍ତାମଣି ମାଝୀ, ଲାଞ୍ଜିଗଡ଼ ଫରେଷ୍ଟ ଗାର୍ଡ ଗିରିଧାରୀ ଗଉଡ଼, ବିଜେପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ଓ ଏଏସ୍‌ଆଇ ଶ୍ୟାମ କୁଲଶିକା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନବିଭାଗର ଅବହେଳା ଯୋଗୁଁ ହାତୀ ଉପଦ୍ରବ ଘଟି ଧନଜୀବନ ହାନୀ ଘଟୁଛି ବୋଲି ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ବନବିଭାଗ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଏସିଏଫ୍ ମାଝୀ ତତ୍କାଳ ସହାୟତା ବାବଦ ମୃତକଙ୍କ ସମ୍ପର୍କୀୟଙ୍କୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁଇଟି ପୃଥକ ଅପମୃତ୍ୟୁ ମାମଲା(୧,୨/୨୦୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି ବିଜେପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ। ସୂଚନାଯୋଗ୍ୟ ଲାଞ୍ଜିଗଡ଼ ବ୍ଲକ ବୋରାସାଲି ଗ୍ରାମର ପୁରୁନା ଓ ତାଙ୍କ ସ୍ତ୍ରୀ ଗାଦ ଗାଁଠାରୁ ୩କିମି ଦୂର କାଦମାଳିରେ ଥିବା ନିଜ ଚାଷ ଜମିରେ କିଛିବର୍ଷ ହେବ ଘର କରି ରହୁଥିଲେ। ପୋଡୁଚାଷ କରି ସେମାନେ ପରିବାର ପ୍ରତିପୋଷଣ କରୁଥିବା ଜଣାପଡ଼ିଛି।

### ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

ରେଢ଼ାଖୋଲ, ୨।୨(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢ଼ାଖୋଲ ସହର ୱାର୍ଡ ନଂ. ୨ ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ନିକଟ ବନ ବିଭାଗ ନର୍ସରିରେ ରବିବାର ମଧ୍ୟାହ୍ନ ୧୨ଟା ବେଳେ ଦନ୍ତାହାତୀ ଆକ୍ରମଣରେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ କମଳ ନାଏକ(୫୫) ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ନାଏକ(୫୦)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଉଭୟେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀ ଗତିବିଧି ଉପରେ ନଜର ରଖୁଥିବା ରେଞ୍ଜର ଗଜେନ୍ଦ୍ର କୁମାର ଆହାରା କହିଛନ୍ତି।

ପୃଥିବୀରେ ଆମର ଏଠାରେ ବଞ୍ଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# କାମ ମଣିଷର, ଦୋଷ ଭଗବାନଙ୍କର



ସହଦେବ ସାହୁ

ବର୍ଷ ଆରମ୍ଭ ନ ହେଉଣୁ ଲସ୍ ଆଞ୍ଜେଲସ୍ ବନାଗ୍ନି (ଜାନୁଆରୀ ୮ରେ ଆରମ୍ଭ ହୋଇଥିବା ଜଙ୍ଗଲର ନିଆଁ) ଜଣାଇଦେଲା ପରିବେଶକୁ ଧ୍ୱଂସ କରୁଛି ମଣିଷ: ଭଗବାନଙ୍କ କାମ (ଆକ୍ଟ ଅଫ୍ ଗଡ୍) ବୋଲି କିଛି ନାହିଁ। ଦୁନିଆଟା ନିୟମରେ ଚାଲିବାର ପ୍ରକ୍ରିୟା କରିଛନ୍ତି ଭଗବାନ୍, ତା' ଉପରେ ହସ୍ତକ୍ଷେପ କରୁଛି ମଣିଷ, ତାକୁ ବଦଳାବଦଳି କରିବାର ପରକ୍ଷେପ ନେଉଛି ମଣିଷ। ଜଣେ ଜଣକର ଜୀବନ ପ୍ରଭାବିତ ହେଉନାହିଁ, ସମଗ୍ର ମାନବ ସମାଜ ବିପଦଗ୍ରସ୍ତ ହେଉଛି। ଭିଡ଼, ଦଳାଚକଟା ଓ ଅକାଳ ମୃତ୍ୟୁ ସବୁର କାରଣ ମଣିଷ। ମଣିଷ ହିଁ ତିଆରି କରିଛି ସ୍ଥାନ ଓ କାଳ। କେଉଁ ସମୟରେ କେଉଁ ବିନ୍ଦୁରେ ପହଞ୍ଚିଲେ କିଆ ଗାଧୋଇ ପଡ଼ିଲେ (ଗଙ୍ଗାରେ ଶାହୀ ସ୍ନାନ ଭଳି) କୋଟି କୋଟି ଜନ୍ମର ପାପ ଧୋଇ ହୋଇଯିବ ବୋଲି ମଣିଷ କହୁଛି, ପ୍ରାଣୀ ହିସାବରେ ପୃଥିବୀରେ ମଣିଷର ଆବିର୍ଭାବ କୋଟିଏ ବର୍ଷ ହୋଇନଥିଲେ ବି! ଜଣା ଦର୍ଶନ କରିବାକୁ ଆସି କେହି ଅକାଳ ମୃତ୍ୟୁରେ ପଡ଼ିଲେ ତାହା ବି ଭଗବାନଙ୍କ କାମ। ଆମେରିକାରେ ୱାଶିଂଟନ୍ ଉପର ଆକାଶରେ ଯାତ୍ରୀବାହୀ ବିମାନ ସହ ସେନାବାହିନୀର ହେଲିକପ୍ଟର ଧକ୍କା ହେବା ଓ ଦୁଇଟିଯାକ ଯାନର ଧ୍ୱଂସାବଶେଷ ପୋଟୋମାକ୍ ନଦୀରେ ପଡ଼ିବା ବି ଭଗବାନଙ୍କ କାମ ବୋଲି କେତେକ କହୁଛନ୍ତି। ଜଣେ କାହାର ମରିବାର ଥିଲା ବୋଲି ଦୁର୍ଘଟଣା ଘଟିଲା। ୱାଶିଂଟନ୍ ବିମାନ ବନ୍ଦରର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ଭୁଲ୍ ନିର୍ଦ୍ଦେଶ ଯୋଗୁ ହୋଇଥିଲେ ବି ଭଗବାନ୍ ଚାହିଁଥିବାରୁ ଏପରି ଘଟିଲା ବୋଲି କେଉଁମାନେ କହୁଛନ୍ତି। କେତେ ଦିନ ଯାଏ ଆମେ ଭଗବାନଙ୍କୁ ଦୋଷ ଦେଉଥିବା ଆମର କାମ ପାଇଁ? ଆମେ ଏମିତି ବୋମ୍ବୁଛୁ, ଭଲ ଥିଲେ ମୁଁ କରିଛି, ଆଉ ଖରାପ ଘଟିଲେ ଭଗବାନ୍ କରିଛନ୍ତି ବୋଲି ସହଜରେ କହିଦେଉଛୁ। କାଲିଫର୍ନିଆ ଭଳି ଯୁକ୍ତରାଷ୍ଟ୍ରର ଏକ ଉନ୍ନତ ପ୍ରଦେଶର, ଆମେରିକାର ଦ୍ୱିତୀୟ ବୃହତ୍ତମ ଜନବହୁଳ ନଗର ଲସ୍ ଆଞ୍ଜେଲସ୍‌ରେ ବନାଗ୍ନି ଦେଖାଇଦେଲା ମଣିଷର ଅମଣିଷିଆ କାରବାର ଦିନେ ପୃଥିବୀକୁ ମାନବଶୂନ୍ୟ କରିପାରେ। କାର୍ଯ୍ୟ–କାରଣ ସମ୍ପର୍କ ଉପରେ ମଣିଷ ମାନସ–ମନ୍ଥନ (ବ୍ରେନ୍ ଷ୍ଟର୍ମ) କରୁନାହିଁ, ଘଟଣା ପରେ ଭଗବାନଙ୍କୁ ଦୋଷ ଦେଉଛି– ଏ ଏକ 'ଆକ୍ଟ ଅଫ୍ ଗଡ୍', ଭଗବାନ୍ ଏମିତି କରିଛନ୍ତି। ଏବେ ସେଠାକାର ନିବାସୀମାନେ ଧୂଳି ପାଉଁଶ ଭିତରେ ନିଜସ୍ୱ ବୋଲି କହୁଥିବା ଜିନିଷ ସବୁ ଖୁଆଡ଼େ ଗଲା ବୋଲି ଖୋଜୁଛନ୍ତି। ଜାନୁଆରୀ ୮ରେ ଯେଉଁ ନିଆଁ ଲାଗିଲା, ତାହାକୁ ମାସ ଶେଷ ସୁଦ୍ଧା କଣ୍ଟ୍ରୋଲ କରିହେଲାନାହିଁ। ଯେଉଁଠି ହଲିଉଡ୍ ହିଲ୍ସ ଆପାର୍ଟମେଣ୍ଟ ଭଳି ଧନୀମାନଙ୍କ ପ୍ରାସାଦ ଥିଲା, ସେଠି ଏବେ ବିଶୃଙ୍ଖଳ ଅନିଶ୍ଚିତତାର, ତୀବ୍ର ସନ୍ତାପର ଓ କେତେକଙ୍କ



ପାଇଁ ସର୍ବସ୍ୱ କ୍ଷତିର ମରୁଭୂମି। ବିଭ୍ରାଟ ଭିତରେ ଆଶା ବି ଅଛି। ଏକ ସମ୍ବେଦନଶୀଳ ଲସ୍ଆଞ୍ଜେଲସ୍ ଗଢ଼ିହେବ ସେତେବେଳେ, ପୁନଃ ନିର୍ମାଣଟା ଭଗବାନଙ୍କର (ତାଙ୍କ ଅଧସ୍ତନ ଦେବଦେବୀଙ୍କର) କାମ ବୋଲି ଲୋକେ କହିବେ ନାହିଁ। 'ପର୍ଯ୍ୟାୟ ପରେ ପର୍ଯ୍ୟାୟ'ରେ ଘଟଣା ନ ଘଟିଲେ ତାକୁ ଆମେ କହୁ ପ୍ରାକୃତିକ ବିପର୍ଯ୍ୟୟ; ପର୍ଯ୍ୟାୟର ବ୍ୟତିକ୍ରମ। ଜଳଭଣ୍ଡାର ବା ନଦୀବନ୍ଧ ତିଆରି କଲେ ବା ପରମାଣୁ–ଇନ୍ଧନ ତିଆରି କାରଖାନା ବସାଇବା ଭଳି ଯୋଜନା କଲେ ଯେଉଁ ବିପଦ ଆସିପାରେ, ତାକୁ ଆମେ କହୁ ମଣିଷ–ତିଆରି ବିପଦ (ମ୍ୟାନ୍ ମେଡ୍ କାଲାମିଟି) ବା ଦୁର୍ବିପାକ, ମନ୍ଦ ପରିଣାମ। ପୃଥିବୀ ଭିତରଟା ଖୁବ୍ ଗରମ, ଗରମ ଥିବାରୁ ବସ୍ତୁ ପ୍ରସାରିତ ହୁଏ, ପାଣି ଫୁଟିଲା ପରି କିଛି କିଛି ଛିଟିକି ଯାଏ। ଅନ୍ୟପକ୍ଷରେ ପୃଥିବୀର କେନ୍ଦ୍ରାକର୍ଷଣ (ଗ୍ରାଭିଟେସନାଲ) ଶକ୍ତି ଯେକୌଣସି ଅଂଶକୁ କେନ୍ଦ୍ର ଆଡ଼କୁ ଟାଣିରଖେ। ଏ ଦୁଇଟିର ପାରସ୍ପରିକ ଶକ୍ତି ପୃଥିବୀ ଭଳି ନଭୋଚାରିକୁ ଗୋଲାକାର ରଖିଥାଏ, ଦୁଇଟି ଶକ୍ତି ଯେଉଁଠି ସମାନ ନୁହେଁ, ସେ ଅଂଶଟି ଖାଲ (ଯଥା ହ୍ରଦ ବା ସମୁଦ୍ର) ବା ଉଚ୍ଚ (ଯଥା ପାହାଡ଼) ହୋଇଥାଏ, ଅକ୍ଷ ପାଖ ଫୁଲିଲା ଓ ମେରୁ ଆଡ଼କୁ ଚେପ୍ଟା ହୋଇଥାଏ। ଏ ସବୁ ଭଗବାନଙ୍କ କାମ ନୁହେଁ, ଭଗବାନ୍ ତିଆରି କରିଥିବା ନିୟମର କାମ– ତାକୁ ପିଜିକ୍ସ୍, କେମିଷ୍ଟ୍ରି, ବାୟୋଲଜି ଆଦି ଭଳି ବିଭାଗ କରି ଆମେ ବିଭିନ୍ନ ଶାସ୍ତ୍ରସମ୍ମତ ନିୟମ କହୁଛୁ। ଅଗ୍ନି ଉଦ୍‌ଗିରଣ, ଭୂକମ୍ପ, ସୁନାମି, ଭୂସ୍ଖଳନ ଆଦି ଭଗବାନ୍ ତିଆରି କରିଥିବା ପ୍ରକୃତିର ନିୟମ। ବୈଜ୍ଞାନିକମାନେ ଗବେଷଣା କରି ସେସବୁ ନିୟମ କିପରି କାମ କରୁଛି ଦେଖିସାରିଲେଣି, ସେଗୁଡ଼ିକ ପ୍ରାକୃତିକ ଘଟଣା: ଅଘଟଣ ବା ବିପର୍ଯ୍ୟୟ ନୁହେଁ। ବରଂ ଆମେ ମଣିଷମାନେ ସେଭଳି ଘଟଣା ଘଟିବାର ସମ୍ଭାବନା ଥିବା ସ୍ଥାନରେ ବସବାସ କରିବା ଆରମ୍ଭ କରିଦେଉଛୁ, ଅର୍ଥାତ୍ ବିପଦକୁ ବରଣ କରୁଛୁ। ସେସବୁକୁ ଏଡ଼ାଇ ନିରାପଦ–ଆଶ୍ରୟସ୍ଥଳୀ କରି ଘଟଣାଠାରୁ (ଅଘଟଣଠାରୁ ନୁହେଁ) ଦୂରେଇ ରଖୁଛୁ। ଭୂଖଣ୍ଡ ଚଳନ (ଟେକ୍ଟୋନିକ୍ ମୁଭମେଣ୍ଟ) ଯୋଗୁ ତ ଭାରତ ଭୂଖଣ୍ଡ ତିବ୍ବତ ଭୂଖଣ୍ଡ (ପ୍ଲେଟ୍)କୁ ଠେଲୁଛି, ତେଣୁ ନେପାଳ ଓ ତିବ୍ବତରେ ପ୍ରବଳ ଭୂକମ୍ପ ହେଉଛି। ପ୍ରଶାନ୍ତ ମହାସାଗରର ଉଭୟ ଉପକୂଳ ଭୂକମ୍ପ–ପ୍ରବଣ ବୋଲି ଭୌଗୋଳିକ ବିଜ୍ଞାନୀବିତ୍ କହିଆସିଛନ୍ତି। ସେଠି ବସବାସ କଲେ ଭୂକମ୍ପର ଶିକାର ହେବାକୁ ପଡ଼ିପାରେ, ତଥାପି ଲୋକେ ସେଠାରେ ବସବାସ କରୁଛନ୍ତି, ଯେଉଁ ଦିନ ଅକାଳେ ସକାଳେ ଆଗ୍ନେୟଗିରିର ଉଦ୍‌ଗିରଣ ବା ଭୂମିକମ୍ପ ହେବ ବୋଲି ସବୁଦିନେ ମାଛ ଓ ଅନ୍ୟ ସାମୁଦ୍ରିକ ଖାଦ୍ୟ ମିଳୁଥିବା ଉପକୂଳ ଛାଡ଼ି ଖାଦ୍ୟାଭାବ ଅଞ୍ଚଳକୁ ଚାଲିଯିବା କି? ଆଉ ଥରେ ଲସ୍ ଆଞ୍ଜେଲସ୍ ବନାଗ୍ନି କଥା ଧରନ୍ତୁ। ଖାଣ୍ଡବବନ ଦହନ (ଅର୍ଜୁନଙ୍କ ତୀର ଦ୍ୱାରା ଜଳିବା) ପରି ଏ ଏକ ମନୁଷ୍ୟକୃତ ଘଟଣା। ଏଯାଏ ପ୍ରାୟ ୩୦ ହଜାର କୋଟି ଡଲାର କ୍ଷତି ହେଲାଣି, ଓଡ଼ିଶାର ଏ ବର୍ଷର ବଜେଟ ଅଟକଳ ୨,୭୦,୦୦୦ କୋଟି ଟଙ୍କା ସଙ୍ଗେ ସମାନ। ଏ କ'ଣ ଭଗବାନଙ୍କର କାମ? ଫସିଲ ଫୁଏଲ୍ (ଖଣିଜ ତେଲ) କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ସେଠାରେ ଏବକାର ଭୂପୃଷ୍ଠର ତାପ ଶିଳ୍ପ ବିପ୍ଳବ ସମୟର ଭୂପୃଷ୍ଠ ତାପଠାରୁ ଦେଢ଼ ଡିଗ୍ରୀ ସେଲ୍‌ସିଅସ୍ ବେଶି ହୋଇଥିବାରୁ ଆପେ ଆପେ ଶୁଖିଲାପତ୍ରରେ ନିଆଁ ଲାଗିଥିବା ଆଶଙ୍କା ହେଉଛି। ସମ୍ଭବତଃ ଅଗ୍ନି ଚପାଇବାର ପ୍ରଚେଷ୍ଟାରେ ଆମେରିକା ସରକାର ବ୍ୟର୍ଥ। ଜଙ୍ଗଲ ଭିତରେ ଭୂମି ଉପରେ ଜମୁଥିବା ଶୁଖିଲାପତ୍ର, ଡାଳ ଆଦି ସହଜରେ ନିଆଁ ଲାଗୁଥିବା ଦ୍ରବ୍ୟଗୁଡ଼ିକର ପରିମାଣ ବଢ଼ିଚାଲିଲା। ଜଳଭଣ୍ଡାର ସୃଷ୍ଟି କରିବାରେ ଓ ଅଗ୍ନି ନିର୍ବାପନ ବ୍ୟବସ୍ଥା ବ୍ୟାପକ କରିବାରେ ଲସ୍ ଆଞ୍ଜେଲସ୍ ନଗର ନିଗମ ଫେଲ୍ ହୋଇଛି। କାଲିଫର୍ନିଆ ସରକାର ଗୃହ ନିର୍ମାଣ ବୃଦ୍ଧିକୁ ରୋକି ପାରିନଥିବା କାରଣରୁ ଆବର୍ଜନା ଆଦି ଅଗ୍ନିପ୍ରବଣ ପଦାର୍ଥ ଜଙ୍ଗଲ ଅଭ୍ୟନ୍ତରକୁ ବ୍ୟାପିଗଲା। ଅଥବା ଇନ୍ସ୍ୟୁରାନ୍ସ କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନ କାରଣ ଯୋଗୁ ଅଗ୍ନି–ବୀମା କଲେ ନାହିଁ। ଶହେ ବର୍ଷ ତଳେ ଉଇଲିଅମ୍ ମୁଲ୍‌ହଲାଣ୍ଡ ଏକ ପ୍ରକାଣ୍ଡ ଆକ୍ୱାଡକ୍ଟ ନିର୍ମାଣ କରି ଲସ୍ ଆଞ୍ଜେଲସ୍‌କୁ ଜଳ ଯୋଗାଣ କରିବାର ଯେଉଁ ଯୋଜନା କଲେ, ତାହା ଲସ୍ ଆଞ୍ଜେଲସ୍‌କୁ ଘନ ଆବାସସ୍ଥଳୀ କରିଦେଲା। ଦିନେ ଏ ସହର ଆମେରିକାର ୨ୟ ବୃହତ୍ତମ ନଗର ହେବ ସେ ଭାବିପାରିନଥିଲେ। ଫଳରେ ଦାବାନଳ ଭଳି ଅପ୍ରାକୃତିକ ଦୁର୍ବିପାକର ଉଦ୍ଭବ ହୋଇଗଲା। ଏବେ ବୁଝିଲେ ତ କିପରି ମାନବୀୟ ଲୀଳା– ମଣିଷର କର୍ମ ଓ ଅପକର୍ମ– ଏହାର କାରଣ। ଏବେ ଆମେ ଭଗବାନଙ୍କୁ ଦାୟୀ କରୁନାହୁଁ– ମଣିଷ ହାତରେ ଏହାର ସମାଧାନ ଅଛି କହୁଛୁ। ଭଗବାନଙ୍କ ଅଭିଶାପ ବା କୁଦୃଷ୍ଟି କହିଦେଲେ ତା'ର ପ୍ରତିକାର ମଣିଷ ହାତରେ ନାହିଁ ବୋଲି ଭାବିନେବା। ଯେଉଁ ଭଗବାନ ସର୍ବଜ୍ଞ, ସର୍ବେଶ୍ୱର, ସର୍ବତ୍ର ବିଦ୍ୟମାନ, ସିଏ କାହିଁକି କାହା ଉପରେ ରାଗିବେ! ଗୀତାର ୯ମ ଅଧ୍ୟାୟ ଶ୍ଳୋକ ୨୯ରେ ଶ୍ରୀକୃଷ୍ଣ ପରା କହିଦେଇଛନ୍ତି, ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ।

sahadevas@yahoo.com

## ବଡ଼ଙ୍କୁ ସମ୍ମାନ



ସତ୍ୟନାରାୟଣ ଦେହୁରୀ

ପରିବାର ହେଉଛି ଆମ ସମାଜର ଏକ ମୁଖ୍ୟ ଅଙ୍ଗ। ଯେଉଁ ପରିବାର ମଧ୍ୟରେ ପରସ୍ପର ସ୍ନେହ ଶ୍ରଦ୍ଧା ଥାଏ ତାହା ଏକ ଖୁସି ପରିବାର। ସେଥିପାଇଁ ଭକ୍ତକବି ମଧୁସୂଦନ ମଧ୍ୟ କହିଛନ୍ତି ,ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ,ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ପରିବାର ମଧ୍ୟରେ ଅନେକ ପିଢ଼ୀମାନ୍ୟ ସ୍ଥାନୀୟ ବ୍ୟକ୍ତିଙ୍କ ସହ କେତେଜଣ ଛୋଟପିଲା ମଧ୍ୟ ଥାଆନ୍ତି। ଏଠି ସମସ୍ତଙ୍କର ସମାନ ଭୂମିକା ରହିଛି। ସାଧାରଣତଃ ପିତା, ମାତା, ପୁଅ ,ଝିଅ, ଜେଜେ ,ଆଈ, ନାତିନାତୁଣୀ ,କାକା, ଖୁଡ଼ୀ, ପୁତୁରା ,ଝିଆରୀ ,ଭାଇଭଉଣୀ ଇତ୍ୟାଦିଙ୍କୁ ନେଇ ଏକ ପରିବାର ଗଠିତ ହୋଇଥାଏ। ଏହାକୁ ଯୌଥ ପରିବାର କୁହାଯାଏ। ଅବଶ୍ୟ ଏହି ପ୍ରକାରର ପରିବାର ଆଉ ଦେଖିବାକୁ ମିଳୁନାହିଁ। ଏବେ ପରିବାର କହିଲେ ବାପା ,ମାଆ ଓ ସେମାନଙ୍କ ପୁଅ, ଝିଅଙ୍କୁ ନେଇ ଗଢ଼ା। ବର୍ତ୍ତମାନ ପିଲାମାନେ ନିଜର ପିତାମାତାଙ୍କ ବ୍ୟତୀତ ଆଉ ଯେଉଁ ତୃତୀୟ ବ୍ୟକ୍ତିକୁ ଜାଣନ୍ତି ସେ ହେଉଛନ୍ତି ଅଙ୍କଲ ,ଆଣ୍ଟି। ବଡ଼ମାନଙ୍କୁ ସାନମାନେ ସମ୍ମାନ ଦେବା ଓ ସାନମାନଙ୍କୁ ବଡ଼ମାନେ ଶ୍ରଦ୍ଧା କରିବା ଏକ ନୈତିକତା। ଏହା ଏକ ସାମାଜିକ ପ୍ରଥା ,ପରମ୍ପରା ତଥା ଚଳଣି। ଯେଉଁ ପରିବାରରେ ବଡ଼ଙ୍କୁ ସମ୍ମାନ ସାନଙ୍କୁ ଶ୍ରଦ୍ଧା ନାହିଁ ସେ ପରିବାର ଏକ ବିଶୃଙ୍ଖଳିତ ପରିବାର। ପରିବାରରୁ ହିଁ ପିଲାମାନେ ଏହି ଶିକ୍ଷା କରିଥାନ୍ତି ବଡ଼ମାନଙ୍କ ସମ୍ମାନ ଦେବା ଓ ସାନମାନଙ୍କୁ ଶ୍ରଦ୍ଧା କରିବା। ପରିବାର ବାହାରେ ଆତ୍ମୀୟ ଅନେକ ଗୁରୁଜନ ଶ୍ରେଣୀୟ ବ୍ୟକ୍ତି ଅଛନ୍ତି। ଅନେକ ବନ୍ଧୁବାନ୍ଧବ ଅଛନ୍ତି। ସାଙ୍ଗସାଥୀ, ସହକର୍ମୀ ଅଛନ୍ତି। ସମସ୍ତଙ୍କ ପ୍ରତି ଯଥା ସମ୍ମାନ ଜଣାଇବା ଏକ ବିଧି। ଏହା ଏକ ନୈତିକ ଶିକ୍ଷା ଯାହାକି ପରିବାରରୁ ହିଁ ଶିକ୍ଷା କରାଯାଏ। ବଡ଼ ଦୁଃଖ ଓ ପରିତାପର ବିଷୟ ,ବର୍ତ୍ତମାନ ସେସବୁ ଲୋପପାଇଗଲାଣି। ଏବେ ପିଲାମାନେ ବଡ଼ମାନଙ୍କୁ ସମ୍ମାନ ଜଣାଇବା ତ ଦୂରର କଥା ମୁଣ୍ଡ ନୁଆଁଉନାହାନ୍ତି । ତାକୁ ବିଦ୍ରୂପ ମଧ୍ୟ କରୁଛନ୍ତି ଆଉ ସାନମାନଙ୍କୁ ଶ୍ରଦ୍ଧା ବଦଳରେ ମିଳୁଛି ନିର୍ଯାତନା। କେତେକ ଜାଗାରେ ସାନଝିଅମାନେ ପାଶବିକ ଅତ୍ୟାଚାରର ଶିକାର ମଧ୍ୟ ହେଉଛନ୍ତି। ବର୍ତ୍ତମାନର ଅନୁଶାସନ ଭିଜା। ନା ଅଛି ପରିବାରରେ ଶୃଙ୍ଖଳିତ ଅନୁଶାସନ ନା ଅଛି ବିଦ୍ୟାଳୟରେ ଶୃଙ୍ଖଳା। ବିଦ୍ୟାଳୟ ହେଲା ଦଣ୍ଡମୁକ୍ତ। ପିଲା ହେଲେ ଉଚ୍ଛୃଙ୍ଖଳ। ଯେଉଁ ହାତଗଣତି କିଛି ପିଲା ଶୃଙ୍ଖଳା ରକ୍ଷା କରୁଥିଲେ, ସେମାନେ ମଧ୍ୟ ସମୟ ସ୍ରୋତରେ ପଡ଼ି ପରିବେଶର ପ୍ରଭାବରେ ପ୍ରଭାବିତ ହେଲେ। ରାସ୍ତାରେ ଯଦି ୪ଜଣ ପିଲା ଯାଉଛନ୍ତି ସେମାନଙ୍କ ମଧ୍ୟରୁ ୨ଜଣ ତାଙ୍କ ଗୁରୁଙ୍କୁ ଦେଖିଲେ ନମସ୍କାର କରୁଛନ୍ତି ଆଉ ୨ଜଣ ଦେଖିନି ଚାଲିଯାଉଛନ୍ତି। ଶ୍ରେଣୀ କୋଠରିକୁ ଶିକ୍ଷକ କିମ୍ବା କୌଣସି ପରିଦର୍ଶକ ଆସିଲେ କେତେଜଣ ପିଲା ଛିଡ଼ା ହେଉଛନ୍ତି ତ କେତେକେ ବସିଥାନ୍ତି ବା ଡେରିରେ ଛିଡ଼ା ହୁଅନ୍ତି। ତାହା ପୁଣି ବାଧ୍ୟବାଧକତାରେ। ବିଦ୍ୟାଳୟରେ ସହକର୍ମୀମାନଙ୍କ ମଧ୍ୟରେ ମଧ୍ୟ ସେଇ ସମାନ କଥା। ପ୍ରଧାନ ଶିକ୍ଷକଙ୍କୁ କ୍ଷମତା ଭୟରେ ସମସ୍ତେ ନମସ୍କାର କରନ୍ତି। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀ ପରସ୍ପର ନମସ୍କାର ପ୍ରତିନମସ୍କାରରେ ଥାଏ ପାତରଅନ୍ତର। ଅର୍ଥାତ୍ ଯାହାର ଯାହା ସହ ଭଲ ସମ୍ପର୍କ ସେମାନେ ପରସ୍ପର ନମସ୍କାର କରୁଛନ୍ତି। ଯାହା ସହ କିଛି ବି ମନୋମାଳିନ୍ୟ ଥାଏ ସେ ହୁଏ ଅଲୋଡ଼ା। ଏଠାରେ ଏକ ଛୋଟ ଘଟଣାର ଅବତାରଣା ଆବଶ୍ୟକତା ପଡ଼ୁଛି। ଗୋଟିଏ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ନିଜର ଶୃଙ୍ଖଳିତ ଆଚରଣ ପାଇଁ ସହକର୍ମୀ ମହଲରେ ବେଶ୍ ଆଦର ପାଉଥିଲେ। ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ସେ ବିଦ୍ୟାଳୟରେ ଥାଆନ୍ତି ୭ ଜଣ ଠିକାରେ ନିଯୁକ୍ତ ଶିକ୍ଷୟିତ୍ରୀ। ଠିକାରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଧାର୍ଯ୍ୟ ଛୁଟିଠାରୁ ଅଧିକ ନେଲେ ଦରମା କଟିଯାଏ। ସେ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଜଣେ କୌଣସି ପରୀକ୍ଷା ଦେବା ପାଇଁ ଧାର୍ଯ୍ୟଠାରୁ ଅଧିକ ଦିନ ଛୁଟିନେଲେ। ମାସ ଶେଷକୁ ସେତେବେଳେ ତାଙ୍କର ୫ ଦିନର ଦରମା କଟିଗଲା ସେତେବେଳେ ତାଙ୍କ ବାପା ଆସି ପ୍ରଧାନ ଶିକ୍ଷକଙ୍କୁ ପୂରା ଦରମା କରିବାକୁ କହିଲେ। ପ୍ରଧାନ ଶିକ୍ଷକ ମନାକଲେ। କାରଣ ସେ ସମସ୍ତଙ୍କୁ ସମାନ ଦେଖନ୍ତି। କୌଣସି ନିୟମ ବିରୋଧ କାମ କରନ୍ତି ନାହିଁ। ଯଦି ଜଣକ ପାଇଁ କିଛି କୋହଳ ମନୋଭାବ ଦେଖାନ୍ତି ,ଅନ୍ୟଙ୍କ ମଧ୍ୟ ଦେଖାଇବାକୁ ପଡ଼ିବ। ସେ ଶିକ୍ଷୟିତ୍ରୀ ନିଜେ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିବା ବଦଳରେ ତାଙ୍କ ବାପାଙ୍କୁ ପଠାଉଛନ୍ତି। ପ୍ରଥମେ ସେ ନିଜେ ଅନୁରୋଧ କରିବା କଥା। ସେ କଥା ଭୁଲିଗଲେ , ତାଙ୍କ ବାପାଙ୍କୁ ପଠାଇଲେ। ଏ ଘଟଣା ପରେ ସେ ଶିକ୍ଷୟିତ୍ରୀ ଜଣକ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସମ୍ମାନପ୍ରଦର୍ଶନ ବନ୍ଦକରିଦେଲେ। କିନ୍ତୁ ମନେରଖିବାର କଥା ,ବଡ଼ଙ୍କୁ ସମ୍ମାନ ନ ଦେଲେ ବଡ଼ର କ୍ଷତି ହୁଏ ନାହିଁ ବରଂ ସାନର ହିଁ କ୍ଷତିହୁଏ।

ବୌଦ୍ଧ, ମୋ: ୯୪୩୭୨୯୮୭୬୪

## ଏଇ ଭାରତରେ

ସମାଜରେ ଏଭଳି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ କଥା ଚିନ୍ତା ନ କରି ଅନ୍ୟମାନଙ୍କ ମଙ୍ଗଳ ପାଇଁ କାମ କରନ୍ତି। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଡ. କ୍ରାନ୍ତି ମିଶ୍ରା। ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦ୍ମଧର ସିଂହ କଲେଜର ଜିଓ ପ୍ରଫେସର ଭାବେ ସେ କାମ କରନ୍ତି, କିନ୍ତୁ ସମାଜସେବା ପାଇଁ ଜୀବନକୁ ସମର୍ପିତ କରିଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାରେ ବିଭିନ୍ନ କାମରେ ଖର୍ଚ୍ଚକରି ଦେଉଛନ୍ତି। ଏବେ ସୁଦ୍ଧା ସେ ୫୦ ଜଣ ଯୁବତୀଙ୍କୁ ବିବାହ କରାଇ ସାରିଲେଣି ଓ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରିସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ସେ ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ଘର ଘର ବୁଲି ଲୋକଙ୍କୁ ସଚେତନ କରାଉଥାନ୍ତି। ସମାଜ ସୁଧାର ପାଇଁ ଯାହା ଆବଶ୍ୟକ ସେସବୁ କରିବା ଲାଗି ସେ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ। ପିଲାବେଳୁ ସେ ତାଙ୍କ ବାପାଙ୍କଠାରୁ ଶିଖି ଏହି କାମ କରି ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଫେବୃଆରୀ ୧୯୭୬

- ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ସହରରେ ବୃହତ୍ତର ଉନ୍ନୟନ ସଂସ୍ଥା ଗଠନ କରାଯାଇଛି।
- କେନ୍ଦ୍ର ସରକାରଙ୍କ ଦ୍ୱାରା ୮୪ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁଥିବା ଧାମରା ମାଛଧରା ପୋତାଶ୍ରୟ ଶୁଭାରମ୍ଭ।
- ଉତ୍ତର ଫିଲିପାଇନ୍ସର ଏକ ପାହାଡ଼ିଆ ଅଞ୍ଚଳରେ କେତେକ ବନ୍ଧୁକଧାରୀ ବ୍ୟକ୍ତି ଗୋଟିଏ ବସ୍ ଉପରେ ଆକ୍ରମଣ କରିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | 8 | | | 4 | |
| 1 | | | | | 7 | | | |
| 6 | | | | 3 | 2 | | | |
| | 5 | | | | 8 | | | |
| 9 | 8 | | | | | 1 | 2 | |
| | | | | | | | 5 | |
| | 6 | | | | 9 | | 3 | |
| 2 | | 9 | 7 | | | | | |
| 3 | 1 | | | | | 7 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 3 | 6 | 5 | 1 | 7 | 2 | 4 |
| 5 | 7 | 4 | 9 | 2 | 8 | 3 | 6 | 1 |
| 2 | 1 | 6 | 3 | 7 | 4 | 5 | 9 | 8 |
| 7 | 4 | 8 | 5 | 6 | 3 | 2 | 1 | 9 |
| 3 | 2 | 5 | 1 | 4 | 9 | 6 | 8 | 7 |
| 9 | 6 | 1 | 7 | 8 | 2 | 4 | 5 | 3 |
| 4 | 3 | 2 | 8 | 9 | 6 | 1 | 7 | 5 |
| 1 | 5 | 9 | 2 | 3 | 7 | 8 | 4 | 6 |
| 6 | 8 | 7 | 4 | 1 | 5 | 9 | 3 | 2 |

ଗତକାଲିର ଉତ୍ତର

# କେନ୍ଦ୍ରୀୟ ବଜେଟର ବିଶ୍ଳେଷଣ



ଚିତ୍ତରଞ୍ଜନ ନାୟକ

ଏନ୍‌ଡିଏ–୩.୦ ସରକାରଙ୍କ ପ୍ରଥମ ପୂର୍ଣ୍ଣ ବଜେଟ (୨୦୨୫–୨୬) ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଛି। ଏହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ କ୍ରମାଗତ ଅଷ୍ଟମ ବଜେଟ, ତାହା ବି ଜଣେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳରେ। ଏଥର ବଜେଟର ୪ଟି ବିଶେଷ ଆହ୍ୱାନ ଥିଲା। ପ୍ରଥମତଃ, ଘରୋଇଉପଭୋଗର ମାନ୍ଦାବସ୍ଥା। ଉଲ୍ଲେଖଯୋଗ୍ୟ ଯେ ଯଦିଓ ଅର୍ଥନୈତିକ ସର୍ଭେ ୨୦୨୪–୨୫ରେ ଚଳିତ ବର୍ଷ ଭାରତର ପ୍ରକୃତ ବୃଦ୍ଧି ଉତ୍ସାହଜନକ ରହିବ ବୋଲି ଆକଳନ କରିଛି, ଅସଲ କଥା ହେଲା ସାମ୍ପ୍ରତିକ ବିଶ୍ୱ ପରିଦୃଶ୍ୟରେ ରପ୍ତାନି ଆଧାରିତ ଅଭିବୃଦ୍ଧି ଉପରେ ଭରସା କରିହେବ ନାହିଁ। ତେଣୁ 'ଘରୋଇ ଉପଭୋଗ'କୁ ମୁଖ୍ୟ ଆଧାର କରି ଆର୍ଥିକ ଅଭିବୃଦ୍ଧିର ଯୋଜନା ନିର୍ଦ୍ଧାରଣ କରିବା ଉପରେ ଅର୍ଥଶାସ୍ତ୍ରୀମାନେ ମତ ଦେଉଥିଲେ। ସରଳ ତର୍କଟି ହେଲା, ଉପଭୋଗ ବଢ଼ିଲେ ଉତ୍ପାଦନ ବଢ଼ିବ, ଯାହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ମାତ୍ର ସଦ୍ୟ ପ୍ରକାଶିତ ଅନ୍ୟ ଏକ ତଥ୍ୟରୁ ଜଣାପଡ଼ିଲା ଯେ ଜୁଲାଇ–ସେପ୍ଟେମ୍ବର ତ୍ରୈମାସରେ ଘରୋଇ ଉପଭୋଗର ଅଭିବୃଦ୍ଧି ଚିନ୍ତାଜନକ ଭାବେ ୫.୪ ଶତକଡ଼ାରୁ ହ୍ରାସ ପାଇଛି। ଯେଉଁଥିପାଇଁ ୨୦୨୪–୨୫ର ଅଭିବୃଦ୍ଧି ଆଉ ୬.୫ରୁ ୭% ହେବନାହିଁ। ବରଂ ୬ରୁ ୬. ୪% କୁ କମିଯିବ। ତେଣୁ ଉପଭୋଗ ବ୍ୟୟ ବଢ଼ାଇବା ଜରୁରୀ। ମଧ୍ୟମବର୍ଗ ହାତରେ ବଳକା ଅର୍ଥ ଛାଡ଼ିବା ନିତାନ୍ତ ଆବଶ୍ୟକ। ସେଥିପାଇଁ ଏହି ବଜେଟରେ ଆୟ କରରେ ଆଶ୍ଚର୍ଯ୍ୟଜନକ ଆଶ୍ୱସ୍ତି ଦେଇ ସରକାର ମଧ୍ୟମ ବର୍ଗ ପ୍ରତି ନ୍ୟାୟ କରିବା ସହ ସମୟୋଚିତ ଆର୍ଥିକ ପଦକ୍ଷେପ ନେଇଥିବା ପ୍ରତୀତ ହେଉଛି। ଦ୍ୱିତୀୟତଃ, ପୁଞ୍ଜିଗତ ବ୍ୟୟର ଅଭିବୃଦ୍ଧିକୁ ଜାରି ରଖିବା ମଧ୍ୟ ଏକ ଆହ୍ୱାନ ଥିଲା। ବାସ୍ତବରେ 'ଚାହିଦା ପ୍ରବନ୍ଧନ' ତୁଳନାରେ 'ଯୋଗାଣ ପରିଚାଳନା' ଦ୍ୱାରା ଅଭିବୃଦ୍ଧି ହାସଲ ମୋଦି ସରକାରଙ୍କ ଆର୍ଥିକ ନୀତିର ପ୍ରାଥମିକତା ବୋଲି ସମୀକ୍ଷକମାନେ ମତ ଦିଅନ୍ତି। ତେଣୁ ବିନିର୍ମାଣ ଉଦ୍ୟୋଗକୁ ଟିକସ ରିହାତି ତଥା ପୁଞ୍ଜିଗତ ବ୍ୟୟରେ ନିରନ୍ତର ବୃଦ୍ଧି ଏ ସରକାରଙ୍କ ଶାସନ କାଳରେ ଦେଖିବାକୁ ମିଳିଛି। ତେବେ ଏ ବର୍ଷ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଲା। ବଜେଟରେ ପୁଞ୍ଜିଗତ ବ୍ୟୟ ପାଇଁ ଗତବର୍ଷ ଯେତିକି ବରାଦ କରାଯାଇଥିଲା (୧୧. ୧ ଲକ୍ଷ କୋଟି ଟଙ୍କା) ଏ ବର୍ଷ ପ୍ରାୟ ସେତିକି (୧୧.୨ ଲକ୍ଷ କୋଟି ଟଙ୍କା) ହିଁ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ପୁଞ୍ଜିଗତ ବ୍ୟୟ ପାଇଁ ଚଳିତବର୍ଷର ଆବଣ୍ଟିତ ଅର୍ଥରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ ବୋଲି କୁହାଯାଉଛି। ନିର୍ବାଚନ କାରଣ ହେଉ ବା ବିଭିନ୍ନ ବିଭାଗର ବ୍ୟୟ ଦକ୍ଷତାର ଅଭାବ ହେଉ ଧାର୍ଯ୍ୟ ରାଶିର ପ୍ରାୟ ୧୦ ଶତକଡ଼ା ଖର୍ଚ୍ଚ ହୋଇପାରିବ ନାହିଁ, ଯାହା ଚିନ୍ତାଜନକ। ମାତ୍ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଶେଷକରି ୫ ଟ୍ରିଲିଅନ ଅର୍ଥବ୍ୟବସ୍ଥା, ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ପାଇଁ ନିରନ୍ତର ପୁଞ୍ଜିଗତ ବ୍ୟୟବୃଦ୍ଧି ଆବଶ୍ୟକ ଥିଲା। ତୃତୀୟତଃ, ବିଭିନ୍ନ ଆହ୍ୱାନ ପରିପ୍ରେକ୍ଷୀରେ ସରକାର ଆର୍ଥିକ ଶୃଙ୍ଖଳା କିପରି ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ଥିଲା। କୋଭିଡ୍–୧୯





ପରବର୍ତ୍ତୀ ୨୦୨୧–୨୨ ବଜେଟରେ ପୁନଃ ଆର୍ଥିକ ଶୃଙ୍ଖଳା ପାଇଁ ୨୦୨୫–୨୬ ବର୍ଷ ସୁଦ୍ଧା ବିତ୍ତୀୟ ନିଅଣ୍ଟକୁ ସମଗ୍ର ଘରୋଇ ଉତ୍ପାଦନର ୪.୫ ଶତକଡ଼ାକୁ ହ୍ରାସ କରିବା ପାଇଁ ନୂତନ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥମନ୍ତ୍ରୀ ୨୦୨୪–୨୫ରେ ଏହାକୁ ୪. ୯କୁ ଆଣିବେ ବୋଲି ଲକ୍ଷ୍ୟ ରଖିଥିଲେ, ଯାହା ଏବେ ୪. ୮କୁ କମିବା ସହ ୨୦୨୫–୨୬ରେ ଏହା ୪.୪%କୁ ଖସିବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଜଣାପଡୁଛି ଯେ ଚଳିତ ବର୍ଷ ପୁଞ୍ଜିଗତ ବ୍ୟୟରୁ ଥିବା ବଳକା ଅର୍ଥରାଶିରୁ ରାଜକୋଷ ନିଅଣ୍ଟ ଭରଣା ହୋଇଛି। ମାତ୍ର ଆଗାମୀ ବର୍ଷ ଟିକସ ରିହାତି ସତ୍ତ୍ୱେ ଯଦି ୪. ୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ହୋଇପାରିବ, ତାହାହେଲେ ଏହା ସରକାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ନିଶ୍ଚୟ ଧରାଯିବ। ଋଣ–ଜିଡିପି ଅନୁପାତ ମଧ୍ୟ ୫୭%ରୁ ୫୬%କୁ ଖସିବ ବୋଲି କୁହାଯାଉଛି। ଚତୁର୍ଥତଃ, ଆର୍ଥିକ ଅଭିବୃଦ୍ଧି ଓ ରୋଜଗାର ସୃଜନ ଦୃଷ୍ଟିରୁ ସରକାର ବଜେଟରେ କିପରି ଉଦ୍ୟମ କରିବେ ତାହା ମଧ୍ୟ କୌତୂହଳର ବିଷୟ ଥିଲା। ବିଶେଷକରି କୃଷି, ଉଦ୍ୟୋଗ ଓ ସେବା କ୍ଷେତ୍ରରେ ଲକ୍ଷ୍ୟ ସରକାରଙ୍କ ପ୍ରସ୍ତାବଗୁଡ଼ିକ କ'ଣ ତାହା ଅନୁଧ୍ୟାନଯୋଗ୍ୟ। ଆଗାମୀ ବଜେଟରେ କମ୍ କୃଷି ଉତ୍ପାଦନ ଥିବା ୧୦୦ଟି ଜିଲାରେ କୃଷି ସଘନତା ତଥା ଉତ୍ପାଦନ ବୃଦ୍ଧି ପାଇଁ 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' ପରି ଏକ ନୂତନ ଯୋଜନାର ପ୍ରସ୍ତାବ ଦିଆଯାଇଛି। ଆଶା କରାଯାଏ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ ପରି ପୂର୍ବ ଭାରତର ଅନେକ ଜିଲା ଏଥିରୁ ଲାଭାନ୍ୱିତ ହେବେ। ସେହିପରି ଅଭିବୃଦ୍ଧି ଓ ରୋଜଗାର ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଉଦ୍ୟୋଗ – ବିଶେଷତଃ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ 'ରାଷ୍ଟ୍ରୀୟ ବିନିର୍ମାଣ ମିଶନ' ଗଠନର ସ୍ୱପ୍ନ ଦେଖାଯାଇଛି। ତେବେ ଏସବୁ ଯୋଜନାର ବିସ୍ତୃତ ରୂପରେଖ କ'ଣ ଓ କେତେ ପାଣ୍ଠି କେଉଁ ଉପାୟରେ ବିନିଯୋଗ କରିବାର ପ୍ରାବଧାନ ରହିଛି ତାହା ଜାଣିବାକୁ ହେବ। ଉତ୍ପାଦକତା ବୃଦ୍ଧି ଓ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷିତ ଓ ବହୁଆକାଂକ୍ଷୀ ଯୁବବର୍ଗ ପାଇଁ ରୋଜଗାର ସୃଜନ ଲାଗି ଏସବୁ କେତେଦୂର ଉପଯୋଗୀ ହେବ ତାହା ଅନୁଧ୍ୟାନର ବିଷୟ। ବଜେଟରେ ଆଣବିକ ଶକ୍ତି ପ୍ରକଳ୍ପ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, କୃଷି ଉତ୍ପାଦନ, ଅସ୍ଥାୟୀ–ଅସୁରକ୍ଷିତ(ଗିଗ୍) ଶ୍ରମିକମାନଙ୍କ ସୁରକ୍ଷା, ଛୋଟ ସହର ବିମାନ ସଂଯୋଗୀକରଣ ଇତ୍ୟାଦି ଅନେକ ପ୍ରସ୍ତାବ ଦିଆଯାଇଛି। ଏସବୁ ସ୍ୱାଗତଯୋଗ୍ୟ। ମାତ୍ର ସାମାଜିକ କ୍ଷେତ୍ରରେ କରାଯାଇଥିବା ଆବଣ୍ଟନ ପ୍ରଶ୍ନ ସୃଷ୍ଟି କରେ। ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କଲେ। ସମଗ୍ର ଘରୋଇ ଉତ୍ପାଦର ଶତକଡ଼ା ୬ ଭାଗ ଶିକ୍ଷା ପାଇଁ ଖର୍ଚ୍ଚ ହେବାର ପ୍ରସ୍ତାବ ରହିଛି। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମିଶାଇ ଏହା ଏବେ ୪.୪%ରେ ପହଞ୍ଚିଛି। ଶିକ୍ଷା ଖର୍ଚ୍ଚ ବୃଦ୍ଧିରେ କେନ୍ଦ୍ର ସରକାରଙ୍କୁ ନେତୃତ୍ୱ ନେବାକୁ ହେବ। କିନ୍ତୁ ଆଗାମୀ ବଜେଟରେ ଶିକ୍ଷା କ୍ଷେତ୍ରରେ ପ୍ରସ୍ତାବିତ ବଣ୍ଟନ ହେଉଛି ୧.୨୮ ଲକ୍ଷ କୋଟି, ଯାହା ପୂର୍ବ ବଜେଟ ତୁଳନାରେ ମାତ୍ର ୭. ୪ଭାଗ ଅଧିକ। ପୂର୍ବ ବର୍ଷ ୧. ୨୫ ଲକ୍ଷ କୋଟି ପ୍ରସ୍ତାବିତ ରାଶିରୁ କେବଳ ୧.୧୪ ଲକ୍ଷ କୋଟି ଖର୍ଚ୍ଚ ହୋଇପାରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସମଦଶା। ସାମାଜିକ କ୍ଷେତ୍ରରେ ଖର୍ଚ୍ଚ କରା ନ ଗଲେ ଦକ୍ଷତା ବିକାଶ ହେବ କିପରି? ମୋଟ ଉପରେ ବଜେଟ ୨୦୨୫–୨୬ ମଧ୍ୟମ ବର୍ଗଙ୍କୁ ଆଶ୍ୱସ୍ତି ଦେବା ସହ ବିତ୍ତୀୟ ଶୃଙ୍ଖଳା ରକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ସାମାଜିକ କ୍ଷେତ୍ର ଓ ପୁଞ୍ଜିଗତ କ୍ଷେତ୍ର ପ୍ରତି ଅଧିକ ସଜାଗ ହୋଇଥିଲେ ଅଧିକ ପ୍ରଭାବୀ ହୋଇଥାନ୍ତା।

ପ୍ରଫେସର, ଅର୍ଥଶାସ୍ତ୍ର ବିଭାଗ, ପୂର୍ବୋତ୍ତର ପାର୍ବତ୍ୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ
chittaranjan.ru@gmail.com

## ଚିରନ୍ତନୀ

କାନନେ ତାକେ ମୟୂରୀ
ନଦୀରେ ତାକେ ଭଉରି
ଶିଖରେ ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାହିଁକି ୧୦୦ ଟଙ୍କାରେ ଯୋଗାଇ ହେବନି ମହାପ୍ରସାଦ

ମହାଶୟ,
ଶ୍ରୀମନ୍ଦିରରେ ଦିଅଁ ଦର୍ଶନ ପରେ ସମସ୍ତେ ମହାପ୍ରସାଦ ଖାଇବା ପାଇଁ ଚାହିଁ ବସିଥାନ୍ତି। ନିକଟରେ ଓଡ଼ିଶା ସରକାର ଘୋଷଣା କରିଛନ୍ତି ଯେ, ଭକ୍ତଙ୍କୁ ୧୦୦ ଟଙ୍କାରେ ପେଟପୂରା ମହାପ୍ରସାଦ ଯୋଗାଇବେ। କିନ୍ତୁ କିଛି ବେପାରୀ କହୁଛନ୍ତି, ଏହା ସମ୍ଭବପର ନୁହେଁ। ଏଠାରେ ଉଲ୍ଲେଖ କରିବାକୁ ଚାହେଁ, ବଡ଼ଦାଣ୍ଡରେ ବିନା ପିଆଜ ରସୁଣରେ ଅନେକ ନିରାମିଷ ହୋଟେଲ ରହିଛି। ସେମାନେ ଲୋକଙ୍କୁ ୭୦ ଟଙ୍କାରେ ପେଟପୂରା ଖାଇବାକୁ ଦେଉଛନ୍ତି। ତେଣୁ ୧୦୦ ଟଙ୍କାରେ ଭକ୍ତଙ୍କୁ ମହାପ୍ରସାଦ ଯୋଗାଇ ହେବ ନାହିଁ କାହିଁକି।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଘାଟିରେ ମକା ବୋଝେଇ ଟ୍ରକ ଓଲଟିଲା**

ମୋହନା,(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରାମଗଡ଼ ଘାଟିରେ ରବିବାର ଏକ ମକା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ମୋହନାରୁ ବ୍ରହ୍ମପୁର ଅଭିମୁଖେ ମକା ବସ୍ତା ଧରି ଉକ୍ତ ଟ୍ରକ (ଓଡ଼ି୦୭ଏନ୍- ୯୩୩୩) ଯାଉଥିଲା ଓଭର୍ ଲୋଡ଼ିଂ ରହିଥିବା ହେତୁ ଭାରସାମ୍ୟ ହରାଇ ରାମଗଡ଼ ଘାଟିରେ ଓଲଟି ପଡ଼ିଥିଲା। ଖବର ପାଇ ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗଞ୍ଜାମରେ ୨୩୯୪ ପରିବାର ଅଯୋଗ୍ୟ

## ଇ-କେୱାଇସି ଯାଞ୍ଚ ପରେ ୭୧ ପରିବାର କାର୍ଡ ଫେରାଇଲେଣି

ବ୍ରହ୍ମପୁର,୨।୨(ଅଶୋକ କୁମାର ସାହୁ)

ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ପଦ୍ଧତି ଆପେଣଇଛନ୍ତି। ଗତ ଜୁନ୍ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଜାନୁଆରୀ ୩୧ ତାରିଖ ଏହାର ଶେଷ ସମୟ ସୀମା ଥିବାବେଳେ ସରକାର ଆଉ ୧୫ ଦିନ ବୃଦ୍ଧି କରିଛନ୍ତି। ତେବେ ଶୁକ୍ରବାର ସୁଦ୍ଧା ଗଞ୍ଜାମ ଜିଲାରେ ୨୩୯୪ ଅଯୋଗ୍ୟ ପରିବାର ଚିହ୍ନଟ ହୋଇଛନ୍ତି। ସେଥିରେ ବ୍ରହ୍ମପୁର ମହାନଗର ନିଗମର ୧୫୦ ପରିବାର ଅଛନ୍ତି। ଯାହାକି ଏଚଆରଏମଏସ ପୋର୍ଟାଲରୁ ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ୭୧ ଅଯୋଗ୍ୟ ପରିବାର ସେମାନଙ୍କ କାର୍ଡ ଫେରାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି। ଜିଲାରେ ୭ଲକ୍ଷ ୯୩ ହଜାର ୯୯୬ ପରିବାର ରାସନ ଉପରେ ନିର୍ଭର କରୁଛନ୍ତି। ହିତାଧିକାରୀ ସଂଖ୍ୟା ୨୬ ଲକ୍ଷ ୬୧ ହଜାର ୪୭୬ ରହିଛି।

କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ ଲକ୍ଷ ୬୦ ହଜାର ୯୪୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୫୩୩ ହିତାଧିକାରୀ ଅଛନ୍ତି। ଶୁକ୍ରବାର ସୁଦ୍ଧା ୨୩ ଲକ୍ଷ ୬୯ ହଜାର ୮୮୨ ହିତାଧିକାରୀଙ୍କ ଇ-କେୱାଇସି ସରିଛି। ପାଖାପାଖି ୩ ଲକ୍ଷ ହିତାଧିକାରୀ ଇ-କେୱାଇସିରେ ସାମିଲ ହୋଇନାହାନ୍ତି। ଅନ୍ୟପକ୍ଷରେ କାର୍ଡ କରିବା ଦିନଠାରୁ ଆଜି ପର୍ଯ୍ୟନ୍ତ ୧ ଲକ୍ଷ ୩୮ ହଜାର ୧୪୭ ମୃତ ହିତାଧିକାରୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ତାଲିକାରୁ ନାମ କାଟି ଦିଆଯାଇଛି। ଘରୋଇ ଓ ଠିକା କର୍ମଚାରୀ, ୧୦/୧୨ ହଜାର ଟଙ୍କା ଦରମା ପାଉଥିବା ଘରୋଇ କର୍ମଚାରୀମାନେ ବି କାର୍ଡଫେରାଇବେ ନାହିଁ। ଯେଉଁମାନେ ଆୟକର ରିଟର୍ଣ୍ଣ ଦାଖଲ କରୁଛନ୍ତି କିମ୍ବା ୩୦/୪୦ ହଜାର ଟଙ୍କା ଦରମା ପାଉଛନ୍ତି ସେମାନେ କାର୍ଡ ଫେରାଇବେ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଚଆରଏମଏସ ପୋର୍ଟାଲରେ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନେକ ଠିକା ଓ ଘରୋଇ କର୍ମଚାରୀଙ୍କ ନାମ ଯୋଡି ଦିଆଯାଇଛି। ବର୍ତ୍ତମାନର ସରକାରଙ୍କ ଗାଇଡ ଲାଇନ ଅନୁସାରେ ଯାଞ୍ଚ କରାଯିବ। ବର୍ତ୍ତମାନ ଯାଞ୍ଚ କାର୍ଯ୍ୟ ଚାଲିଛି। ଏଥି ସହିତ କ୍ଷେତ୍ର ପରିଦର୍ଶନ ବି ଆରମ୍ଭ ହୋଇଛି। କିଏ କେଉଁ ସ୍ତରରେ ଅଯୋଗ୍ୟ ତାହାକୁ ବି ଅନୁଧ୍ୟାନ କରାଯାଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପୋଷା ମୁଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଅଯୋଗ୍ୟ ୭୧ ପରିବାର ପକ୍ଷରୁ କାର୍ଡ ବିଭାଗର ହସ୍ତଗତ ହୋଇଛି। ଆଗାମୀ ଦିନରେ ଯେଉଁମାନେ ଅଯୋଗ୍ୟ ବୋଲି ସମ୍ପୂର୍ଣ୍ଣ ଚିହ୍ନଟ ହେବେ ସେମାନେ କାର୍ଡ ଫେରାଇବାକୁ ବାଧ୍ୟ। ଯଦି ସେମାନେ କାର୍ଡ ଫେରାଇ ନଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚେସ୍ ପୁରୁଷଦଳର ରାଞ୍ଚି ଗସ୍ତ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଶନିବାର ଚେସ ପୁରୁଷ ଦଳ ରାଞ୍ଚି ଗସ୍ତ କରିଛନ୍ତି। ରାଞ୍ଚି ସ୍ଥିତ ସାରଳା ବିରଳା ୟୁନିଭରସିଟି ଠାରେ ରବିବାରଠାରୁ ୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ହେବ। ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗ ପିନାକୀ ପଣ୍ଡା, ଟିଙ୍କିଟି ମହାବିଦ୍ୟାଳୟ ଓମ ପ୍ରକାଶ ସାହୁ, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜର ସୁରଜ କୁମାର ତ୍ରିପାଠୀ, ବ୍ରହ୍ମପୁର ସି. ଟି କଲେଜର ପ୍ରିୟାଂଶୁ ନାରାୟଣ ଜେନା, ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ସୁମିତ ନାୟକ ଅଛନ୍ତି। ମେନେଜର ଏବଂ କୋଚ ଭାବେ ବ୍ରାହ୍ମଣୀ ଗାଁ ଋଷିମାଳ ମହାବିଦ୍ୟାଳୟର ପିଇଟି ରବି ନାରାୟଣ ପାଢ଼ୀ ଦଳରେ ଅଛନ୍ତି। କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଡ.ସାରଦା ପ୍ରସାଦ ସାହୁ, ଜି. ସତ୍ୟ ନାରାୟଣ, ରାଜେଶ ମହାନ୍ତି, ରବି ଚରଣ ମିଶ୍ର, ବିନାୟକ ରଥ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଏମ୍‌କେସିଜିକୁ ପୁଣି ଦୁଇ ଚକ୍ଷୁ ମିଳିଲା

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ପ୍ରେମନଗର ଷଷ୍ଠ ଲାଇନର ବାସିନ୍ଦା ଚିନ୍ନାରି ଗଙ୍ଗା ଦେବୀ(୭୫)ଙ୍କ ମୃତ୍ୟୁ ହୋଇଥିଲା। ଫ୍ରେଣ୍ଡସ ହେଲପିଂ କ୍ଲବ ପ୍ରେରଣାରେ ତାଙ୍କ ଦୁଇ ପୁଅ ଚିନାରୀ ପ୍ରଭାକର ରାଓ ଓ ଚିନାରୀ ତିରୁମଲା ଓ ଦୁଇ ଝିଅ କେ.ଜ୍ୟୋତି ଓ ବି ଜ୍ୟୋତି ଓ ପୁତୁରା ଚିନାରିଶ୍ରୀନିବାସ ପ୍ରମୁଖ ଚକ୍ଷୁସଂଗ୍ରହ ବେଳେ ଉପସ୍ଥିତ ଥିଲେ। ଏମକେସିଜି ହସ୍ପିଟାଲ ଚକ୍ଷୁବିଭାଗ ଡା.ବିବେକାନନ୍ଦ ସାହୁ ଓ ଡ.ସ୍ମୃତି ଦେବାଙ୍ଗନ ଆସି ଚକ୍ଷୁ ଦୁଇଟିକୁ ସଂଗ୍ରହ କରିଥିଲେ। କ୍ଲବର ସଭ୍ୟ କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଭି.ଭି.ରାଜୁ, କେ.ନନ୍ଦେଶୁ ସେନାପତି ପ୍ରମୁ ଖ ସହଯୋଗ କରିଥିଲେ।

### ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ ଆଜି

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ସୋମବାରଠାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଆୟୋଜିତ ହେବ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ। ଦୀର୍ଘ ୯ ବର୍ଷ ପରେ ଗଞ୍ଜାମ ଜିଲା ଟେନିସ ସଂଘ ଏହା ଆୟୋଜନ କରୁଛି। ଏହି ଟୁର୍ନାମେଣ୍ଟରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗ ଆଦି ୫ ରାଜ୍ୟରୁ ୪୦ ପ୍ରତିଯୋଗୀ ଖେଳିବା ନିମନ୍ତେ ନାମ ଲେଖାଇ ସାରିଥିବା ବେଳେ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ିବା ଆଶା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ୧୬ ବର୍ଷ ବିଭାଗରେ ଉଭୟ ପୁଅ ଓ ଝିଅମାନେ ଏଥିରେ ଅଂଶଗ୍ରହଣ କରିପାରିବେ । ୟୁନିୟନ କ୍ଲବ ଟେନିସ ଏରିନା ଓ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ଟେନିସ ପଡିଆରେ ଏହି ଟୁର୍ନାମେଣ୍ଟ ହେବ। ଆସନ୍ତା ୮ ଓ ୯ ତାରିଖ ଭେଟେରିଆନ ତଥା ୪୦, ୫୦ ଓ ୬୦ ବୟସ ବିଭାଗ ମଧ୍ୟରେ ଏହି ଟୁର୍ନାମେଣ୍ଟ ସେହି ସ୍ଥାନରେ ହେବ ବୋଲି କୁହାଯାଇଛି।

### ୧୧ରେ ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ

ଭାଜପା ନେତୃତ୍ୱରେ ପ୍ରଥମ ସମିତି ବୈଠକ ବସିବ

ଭଞ୍ଜନଗର,୨।୨(ବାବୁଲା ପ୍ରଧାନ)

ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ ଆସନ୍ତା ୧୧ ତାରିଖରେ ବ୍ଲକ ସମ୍ମିଳନୀ କକ୍ଷରେ ବସିବ। ଏନେଇ ସମିତିର ସମସ୍ତ ସଭ୍ୟାସଭ୍ୟଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ ସମିତି ବୈଠକ ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳାରେ ଆଲୋଚନା କରିଛନ୍ତି। ବ୍ଲକ ପ୍ରଶାସନ ମଧ୍ୟ ବୈଠକ ନେଇ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି। ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ପଦବୀ ବିଭିନ୍ନ ସମୟରେ କଂଗେସ, ଜନତା ଦଳ, ବିଜେଡି, ବାମପନ୍ଥୀ ନେତୃତ୍ୱଙ୍କ ହାତରେ ରହିଥିଲା। ଭାଜପା କେବେ ବ୍ଲକ ଅଧ୍ୟକ୍ଷ ପଦବୀ ଅକ୍ତିଆର କରି ନ ଥିଲା। ଇତିମଧ୍ୟରେ ଭାଜପା ବିଧାୟକ ଭାବେ ପ୍ରଦ୍ୟୁମ୍ନ କୁମାର ନାୟକ ନିର୍ବାଚିତ ହେବା ପରେ କିଛିଦିନ ତଳେ ଭଞ୍ଜନଗରକୁ କେନ୍ଦ୍ରମନ୍ତ୍ରୀ ଗସ୍ତରେ ଆସିଥିଲେ। ଏହି ସମୟରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ଏବଂ ୪ ଜଣ ସମିତିସଭ୍ୟ ଭାଜପାରେ ଯୋଗ ଦେଇଥିଲେ। ଫଳରେ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ପଦବୀ ଭାଜପା ଆକ୍ତିଆରକୁ ଆସିଥିଲା। ଆସନ୍ତା ୧୧ରେ ଭଞ୍ଜନଗର ବ୍ଲକ ଭାଜପା ସମର୍ଥିତ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଏହା ଭାଜପାର ପ୍ରଥମ ସମିତି ବୈଠକ ହେବ।

# ଅଲିଭ ରିଡ୍‌ଲେଙ୍କ ପାଇଁ ବେଳାଭୂମିକୁ ପ୍ଲାଷ୍ଟିକ ଶୂନ୍ୟ ଉଦ୍ୟମ



ବେଳାଭୂମିରୁ ପ୍ଲାଷ୍ଟିକ ସଂଗ୍ରହ କରାଯାଇଛି।

ବ୍ରହ୍ମପୁର,୨।୨(ଅଶୋକ କୁମାର ସାହୁ)

ଏବେ ସାମୁଦ୍ରିକ ବିରଳ ଅଲିଭ ରିଡଲେ କଇଁଛମାନେ ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଗଣ ଅଣ୍ଡାଦେବାକୁ ଋଷିକୁଲ୍ୟା ମୁହାଣ ତଥା ସାମୁଦ୍ରିକ ବେଳାଭୂମିକୁ ଆସିବେ। ବର୍ତ୍ତମାନ କଇଁଛମାନେ ଅଣ୍ଡା ଦେବା ସ୍ଥଳ ସେମାନଙ୍କ ପାଇଁ ଉପଯୁକ୍ତ କି ନାହିଁ ପରଖି ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ଉକ୍ତ ଅଞ୍ଚଳକୁ ପ୍ଲାଷ୍ଟିକ ଶୂନ୍ୟ କରିବାକୁ ଉଦ୍ୟମ ହୋଇଛି। ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ଓ ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ଫାଉଣ୍ଡେସନର ଡ. ସୁବ୍ରତ ଦେବତା ଓ ଆସିଷ୍ଟାଣ୍ଟ ମ୍ୟାନେଜର ରାଜଶ୍ରୀ ଗଉଡଙ୍କ ସହିତ ଏକ ଟିମ ସହାୟତା କରିଥିଲେ।

କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଓ ଅଗସ୍ତି ନୂଆଗାଁ ୮ମ ବାଟାଲିୟନର କମାଣ୍ଡିଂ ଅଫିସରଙ୍କ ସମେତ ୯୦ଜଣ ଏଥିରେ ସାମିଲ ଥିଲେ। ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ କଇଁଛମାନଙ୍କ ପ୍ରଜନନ ଋତୁ। ନଭେମ୍ବରରୁ ଜାନୁଆରୀ ମଧ୍ୟରେ ମିଳନ ସରିଛି। ଏବେ ସମୁଦ୍ରରେ ସମୁଦ୍ରର ୧ କିମି ଅଞ୍ଚଳରେ ମାଈ କଇଁଛମାନେ ଭାସମାନ ଅବସ୍ଥାରେ ରହୁଛନ୍ତି। ବେଳେବେଳେ କୂଳକୁ ଆସି ଯାଉଛନ୍ତି। ଏଭଳି ସ୍ଥଳରେ ସଫା ନଥିଲେ ସେମାନେ ଆସିବେ ନାହିଁ। ତେଣୁ ପୁରୁଣାବନ୍ଧରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ଲାଷ୍ଟିକ ଶୂନ୍ୟ କରିବା ଉଦ୍ୟମ ହୋଇଛି। ଶନିବାର ପ୍ରାୟ ୧୪୦୦ ମିଟର ସମୁଦ୍ର ବେଳାଭୂମି ସଫା କରାଯାଇଥିବାବେଳେ ପ୍ରାୟ ୫୦୦ କେଜି ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଛି। ଏଥିରେ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାଶ, ଡେପୁଟି କମାଣ୍ଡାଣ୍ଟ ଜେ.ସେଠୀ, ସୁବେଦାର ସୁବ୍ରତ ଗଉଡ, ବ୍ରାଞ୍ଚ ଆସୋସିଏସନ ସଭାପତି ଯୋଶବନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜାମ ବିଜେଡିର ଦୁଇ ସାଙ୍ଗଠନିକ ଜିଲା ହେବ

ବ୍ରହ୍ମପୁର,୨।୨(ନରସିଂହ ସାହୁ)

ଗଞ୍ଜାମ ବିଜେଡିର ଦୁଇ ସାଙ୍ଗଠନିକ ଜିଲା ଗଠନ ହେବ। ଖୁବ୍ ନିକଟରେ ଘୋଷଣା କରାଯିବ। ଆଗାମୀ ପୌର ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯିବ ବୋଲି ବିଜେଡି ସମନ୍ୱୟ କମିଟି ସଦସ୍ୟ ତଥା ପୂର୍ବତନ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ସୂଚନା ଦେଇଛନ୍ତି। ସମନ୍ୱୟ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ସେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଏହି ବୃହତ୍ତମ ଜିଲାରେ ୩ ସବଡିଭିଜନ, ୨୨ ବ୍ଲକ ଏବଂ ୫୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଅଛି। ବ୍ରହ୍ମପୁର ମହାନଗର ସମେତ ୧୮ ସହରାଞ୍ଚଳ ରହିଛି। ତେଣୁ ଦଳର ତୃଣମୂଳ ସ୍ତରରେ ବିଜେଡି ସଂଗଠନ ବିସ୍ତାର କରିବା ନିମନ୍ତେ ବିଭାଜନ ଜରୁରୀ ହୋଇପଡ଼ିଥିବା ସାହୁ ସୂଚାଇଛନ୍ତି। ତାଙ୍କ କହିବାନୁସାରେ ଜିଲାର ଦୁଇ ଲୋକସଭା ଓ ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଆସିକା ଓ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରକୁ ନେଇ ଦୁଇ ସାଙ୍ଗଠନିକ ଜିଲା କରାଯିବାର ପ୍ରସ୍ତାବ ରଖାଯାଇଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୁଗୁଡା,୨।୨(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି-ମତାଝରି ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ତାକରଡା ଗ୍ରାମର ଶିବ ନାୟକ(୨୯) ଗୁରୁତର ଜଣକ ମଧ ସେହି ଗ୍ରାମର ଶିବରାମ ନାୟକ(୨୯) ବୋଲି ଜଣାପଡିଛି। ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସୁରଟ ଫେରନ୍ତା ଶିବ ଓ ଶିବରାମ ଉଭୟେ ଜଗନ୍ନାଥ ପ୍ରସାଦ ବ୍ଲକର ଆଙ୍କାପ୍ରସାଦ ଗ୍ରାମରୁ ଏକ ଜନ୍ମଦିନ ଭୋଜିରେ ଯୋଗ ଦେଇ ଶନିବାର ବିଳମ୍ବିତ ରାତିରେ ବାଇକ୍ ଯୋଗେ ଗାଁକୁ ଫେରୁଥିଲେ। ବାଟରେ ଏକ ବିଦ୍ୟୁତ୍ ଖୁଣ୍ଟ ସହ ଭାରସାମ୍ୟ ହରାଇ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ଉଭୟେ ରାସ୍ତା କଡରେ ଅଚେତ ପଡିରହିଥିଲେ। ସେହି ରାସ୍ତାରେ ଆସୁଥିବା ଏକ ଯାତ୍ରୀବାହୀ ଗାଡିର ଲୋକେ ଏହା ଦେଖି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ସେଠାରେ ଡ଼ାକ୍ତର ଶିବ ନାୟକଙ୍କୁ ମୃତ ଘୋଷଣା କରଥିଲେ।

# ଗ୍ରେଟର ବ୍ରହ୍ମପୁରକୁ ନେଇ ଉଠିଲା ପ୍ରଶ୍ନ

ବ୍ରହ୍ମପୁର,୨।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର, ହିଞ୍ଜିଳିକାଟୁ ଓ ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦକୁ ନେଇ ଗ୍ରେଟର ବ୍ରହ୍ମପୁର ଗଠନ ଦାବି ଓ ସ୍ୱର ଉତ୍ତୋଳନ ହୋଇ ଆସୁଥିଲେ ସୁଦ୍ଧା ଏଥିପ୍ରତି ତତ୍ପରତା ପ୍ରକାଶ ପାଇ ନାହିଁ। ବିଡିଏ ପକ୍ଷରୁ ଦୀର୍ଘ ବର୍ଷ ଧରି ଏକ ସଂସ୍ଥା ଦ୍ୱାରା ସର୍ଭେ କରାଯାଇ ଡିପିଆର ପ୍ରସ୍ତୁତ କରାଯାଇଛି। ୨୦୨୪ ଡିସେମ୍ବର ମାସରେ ବିଡିଏ ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ଗ୍ରେଟର ବ୍ରହ୍ମପୁର ଗଠନ ନେଇ ଜିଲାପାଳଙ୍କୁ ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ। ଗ୍ରେଟର ବ୍ରହ୍ମପୁର ହେଲେ ମେନୁଫେକଚରିଂ ହବ ଓ ଆଇଟି ଭେଲୀ ସୃଷ୍ଟି ସହ ଶିଳ୍ପ କରିଡର, ସିପ ୟାର୍ଡ, ଇଣ୍ଟର ଷ୍ଟେଟ ଟର୍ମିନାଲ, କମିଶନରେଟ ପୋଲିସ, ଶିକ୍ଷା ଓ ସ୍ୱାସ୍ଥ୍ୟର ଅଗ୍ରଗତି ହୋଇପାରିବ। କିନ୍ତୁ ନିକଟରେ ବିଭାଗୀୟ କାର୍ଯ୍ୟ ଓ ଉନ୍ନୟନ ପ୍ରାଧିକରଣ କାର୍ଯ୍ୟକଳାପର ସମୀକ୍ଷା ସମୟରେ ଭୁବନେଶ୍ୱର, କଟକ ଓ ପୁରୀକୁ ନେଇ ଟ୍ରାଇ ସିଟି ତଥା ବୃହତ୍ତର ସମ୍ବଲପୁର ଓ ରାଉରକେଲା ଗଠନ କାର୍ଯ୍ୟ ଏବଂ ପ୍ରଗତି ଘୋଷଣା ହୋଇଛି। କିନ୍ତୁ ଗ୍ରେଟର ବ୍ରହ୍ମପୁର ଗଠନ ନେଇ କିଛି ବି ଆଲୋଚନା ହୋଇ ନାହିଁ। ଫଳରେ ସହରବାସୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ମନ୍ତ୍ରୀ ଗସ୍ତ ସମୟରେ ଯାହା କହିଥିଲେ। ତାହା ଆଗାମୀ ଦିନରେ ବାସ୍ତବ ରୂପ ନେବ ନା ପ୍ରହେଳିକା ହୋଇ ରହିଯିବ। ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଜିଲା ପ୍ରଶାସନ ଏ ଦିଗରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

### କବିସୂର୍ଯ୍ୟ ବଳଦେବଙ୍କ ଜୟନ୍ତୀ

ବ୍ରହ୍ମପୁର,୨।୨(ନରସିଂହ ସାହୁ)-ପବିତ୍ର ଶ୍ରୀପଞ୍ଚମୀ ତିଥିରେ ବ୍ରହ୍ମପୁର ସାନବଜାର ନିକଟ ଦ୍ୱିତୀୟ ଗୌଡ଼ ସାହିରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କବିସୂର୍ଯ୍ୟ ବଳଦେବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ମୁଖ୍ୟଅତିଥି ରୂପେ ଯୋଗଦେଇ କବିସୂର୍ଯ୍ୟଙ୍କ ପାଣ୍ଡିତ୍ୟ ନେଇ ଆଲୋକପାତ କରିଥିଲେ। ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷି ବହୁଳ ଜଳନ୍ତରଗଡ଼ର ତତ୍କାଳୀନ ରାଜାଙ୍କ ପଣ୍ଡିତ ସଭାରେ ବଳଦେବ ମୁଖ୍ୟ ଭାବେ କିଭଳି ସୁନାମ ଅର୍ଜନ କରିଥିଲେ ସେନେଇ ସାହାଣୀ ସଚେତନ କରାଇ ସେହି ଅମ୍ଳାନ ଆତ୍ମା ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତ୍ରିନାଥ ମହାରଣା, ନରେଶ ଚନ୍ଦ୍ର ତ୍ରିପାଠୀ, କର୍ପୋରେଟର ଟି. କିଶୋର, ଗୌରୀ ଶଙ୍କରଙ୍କ ସମେତ ଅଞ୍ଚଳର ଅନେକ କଳା ଓ ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ।



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାତ୍ରୀଙ୍କୁ ଆରାଧନା। (ଫଟୋ: ସମୀର)

# ଏମ୍‌କେସିଜିରେ ରାଜ୍ୟସ୍ତରୀୟ କର୍ମଶାଳା ଆରମ୍ଭ

## ଅଣୁ ଜୀବ ବିଜ୍ଞାନର କୌଶଳ ଶିଖିଲେ

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ମଲ୍ଟି ଡିସିପ୍ଲିନାରୀ ରିସର୍ଚ୍ଚ ୟୁନିଟ ପକ୍ଷରୁ ୩ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ରବିବାରଠାରୁ ଆରମ୍ଭ ହୋଇଛି। ମଲିକୁଲାର ବାୟୋଲୋଜି ଟେକନିକ୍ସ (ଅଣୁ ଜୀବ ବିଜ୍ଞାନ କୌଶଳ) ଶୀର୍ଷକ କର୍ମଶାଳାରେ ଏମକେସିଜି ଡିନ୍ ତଥା ଅଧକ୍ଷା ପ୍ରଫେସର ଡା. ସୁଚିତ୍ରା ଦାସ, ଉପାଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜେ ସାଗର ପୃଷ୍ଟି, ପ୍ରଫେସର ଡା. ମନୋଜ କୁମାର ପାତ୍ର, ପ୍ରଫେସର ଡା. ସଙ୍ଘମିତ୍ରା ପାଢୀ, ପ୍ରଫେସର ଡା. ଶିବ ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ରିସର୍ଚ୍ଚ ୟୁନିଟ ମୁଖ୍ୟ ପ୍ରଫେସର ଡା. ସମୀର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ବିଷୟ ବିଶାରଦ ଭାବେ ବଲାଙ୍ଗୀର ସ୍ଥିତ ମେଡିକାଲ କଲେଜ ରିସର୍ଚ୍ଚ ୟୁନିଟର ବୈଜ୍ଞାନିକ ଡା. ପ୍ରୀତିନନ୍ଦା ମନସ୍ୱିନୀ ଦାସ, ସୁନ୍ଦରଗଡର ଡା. ରମାକାନ୍ତ ରଣା, ଏମକେସିଜି ଭିଆରଡିଏଲର ଡା. ନବକିଶୋର ନାୟକ ଯୋଗ ଦେଇଥିଲେ । ଏମକେସିଜି ରିସର୍ଚ୍ଚ ୟୁନିଟର ଡା. ପ୍ରଶାନ୍ତ ପୁରୋହିତ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ କହିଥିବା ବେଳେ ଡା. ଅପରୂପା ନାଏକ, ଏମ. ରାଧାରାଣୀ ଦୋରା, ହିମାଂଶୁ ଶେଖର ସାହୁ ଓ ସତ୍ୟନାରାୟଣ ମହାନ୍ତି ସହଯୋଗ କରିଥିଲେ । ଏଥିରେ ବିଭିନ୍ନ ମେଡିକାଲ କଲେଜର ୨୦ ପିଜି ଛାତ୍ରୀଛାତ୍ର, ରେସିଡେଣ୍ଟ ଡାକ୍ତର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ବିଭିନ୍ନ ପ୍ରକାର ମଲିକୁଲାର ବାୟୋଲୋଜି ଟେକନିକ ଶିଖିଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଜ୍ଞାନ କୌଶଳକୁ ରୋଗୀ କଲ୍ୟାଣରେ କିଭଳି ବ୍ୟବହାର କରାଯାଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏମକେସିଜି ଅଧକ୍ଷାଙ୍କ ଦ୍ୱାରା ସମସ୍ତ ବିଶାରଦ ଏବଂ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଫେସର ଡା. ସମୀର କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

ଫଟୋ: ବ୍ରହ୍ମପୁର-୩: ଡିନ ପ୍ରଫେସର ଡା. ଦାସଙ୍କ ସହ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଡାକ୍ତର।

**ସମଗ୍ର ଶିକ୍ଷା, କଳାହାଣ୍ଡି**
No.n-201
Letter No. 226 Dtd.31.01.25
**ନିଯୁକ୍ତି ବିଜ୍ଞାପନ**
କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀ ଯଥା- Warden, Accountant, Part Time Teachers (English), Part Time Teachers (Sanskrit / Hindi), Part Time Teachers (Science / Mathematics) ପଦବୀ କେବଳ ମହିଳା ପ୍ରାର୍ଥିନୀମାନଙ୍କଠାରୁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ www.kalahandi.odisha.gov.inରୁ ଆବଶ୍ୟକ ଦରଖାସ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟୱାରୀ ଖାଲି ପଡ଼ିଥିବା ତାଲିକା ଓ ଆବେଦନ କରିବା ପାଇଁ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ କରି ତା୩।୨।୨୫ରିଖରୁ ୧୧।୦୨।୨୦୨୫ ତାରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା।
ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା, କଳାହାଣ୍ଡିଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି
OIPR-27172/11/0003/2425

**NOTICE**
DIST-BOLANGIR
COURT OF SENIOR CIVIL JUDGE, TITILAGARH
Execution case No.1/2016
Food Corporation of India, District Office, Titilagarh. ... D.Hr.
Versus
Utkal Roller Flour Mills Pvt. Ltd. & others. ... J.Drs.
To
(i) Utkal Roller Flour Mills Pvt. Ltd., Cherupali.
(ii) Thawar mal Swamy, S/o Baluram Swamy.
(iii) Suresh Kumar Swamy, S/o Baluram Swamy.
All resident of At/P.O. Cherupali, P.S.Dunguripali,Civil Judgeship- B.Rampur, District Sonepur, Odisha. ...J.Drs.
Where as Area Manager Food Corporation of India on behalf of Food Corporation of India, District Office, Titilagarh has made application to this court for execution of decree in Civil suit No.84/2009 on the allegation that you are the judgement Debter in the case. This is to give you notice to appear before this court on the day of 20.02.2025. to show cause why execution should not be granted.
Given under my hand and the seal of the court this 18th day of January 2025.
Sd/-
Civil Judge. (SD)

# ନୂତନ ବ୍ଲକ ଗଠନରେ ଗୁଲୁବା ପଞ୍ଚାୟତକୁ ସାମିଲ ନ କରିବାକୁ ପଞ୍ଚାୟତବାସୀଙ୍କ ଦାବି



ଗୁଲୁବା ଗ୍ରାମବାସୀ ଦାବି ସମ୍ପର୍କିତ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ବାହାରିଛନ୍ତି।

ମୋହନା,୨।୨(ମନ୍ମଥ ମିଶ୍ର): ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ସୁନ୍ଦରଡାଙ୍ଗ ପଞ୍ଚାୟତକୁ ନୂତନ ବ୍ଲକ ସହ ନ ଯୋଡ଼ିବା ପାଇଁ ଗୁଲୁବା ପଞ୍ଚାୟତ୍‌ବାସୀ ଦାବି କରିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ଏନେଇ ପଞ୍ଚାୟତରେ ଏକ ବୈଠକ ବସିବା ଗ୍ରାମବାସୀ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଯଦି ମୋହନା ବ୍ଲକରେ ଥିବା ଗୁଲୁବା ପଞ୍ଚାୟତକୁ ନୂଆଗଡ ବ୍ଲକ ସୁନ୍ଦରଡାଙ୍ଗରେ ମିଶାଯାଏ ତେବେ ଆମେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଗୁଲୁବା ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିରିକୋଟରେ ନୂତନ ବ୍ଲକ ଗଠନ କରାଗଲେ ପଞ୍ଚାୟତବାସୀ ସମସ୍ତ ବିକାଶମୂଳକ କାର୍ଯ୍ୟରୁ ଉପକୃତ ହୋଇପାରିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରେଜିନା ପ୍ରଧାନ, ଏଏନଏମ କନକଲତା ବେହେରା, ଶିକ୍ଷକ ଇଡିମା ରାଇକ, ଲାଜାର ମାଝୀ, ସମିତିସଭ୍ୟ ଚରା ମାଝୀ, ଏଲିଅ ମାଝୀ, ଲୁକ ଗମାଙ୍ଗ, ମନ୍ଦ ମାଝୀ, ବିଗ୍ନେଶର ପାତ୍ର, ରାଜ କୁମାର, ନବୀନ ଦଳେଇ , ଗଧାଦର ରାଉତଙ୍କ ସହ ଶତାଧିକ ପଞ୍ଚାୟତବାସୀ ସାମିଲ ହୋଇଥିଲେ।

**State Health Assurance Society**
No.E-
A1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar – 751007, Odisha
Phone/Fax :0674-2620500
**TENDER CALL NOTICE FOR PRINTING & SUPPLY OF ENVELOP, ABPMJAY-GJAY CARD HOLDER (POUCH), FAQ (LEAFLET) & HCM LETTER**
Tender Advt. No. 01/2025 Date: 03.02.2025
Sealed tenders are invited from registered agencies (with GST registration having GSTIN) having adequate experience in taking up the works of composing /proof reading / designing and printing. Details regarding the design of these items, specifications, printing and supply terms & conditions may be downloaded from the websites: www.nhmodisha.gov.in (under link "Tender"). A pre-bid meeting shall be held on 06.02.2025, 03.30 PM at NHM Conference Hall, Unit-8, Bhubaneswar. The tender should reach the office of the undersigned by 10.02.2025 (till 03.00 PM). The Tender will be opened at 04.00 PM on 10.02.2025 at NHM Conference Hall, Unit-8, Bhubaneswar. Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders / cancel the tender without assigning any reason thereof.
OIPR-10170/11/0008/2425
Sd/
Chief Executive Officer
State Health Assurance Society, Odisha

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ମୋହନା,(ମନ୍ମଥ ମିଶ୍ର): ମୋହନା ଥାନା ଶିଙ୍ଖୁଲି ପଦର ପଞ୍ଚାୟତ ଅନ୍ତର୍ଗତ ମେରାପଲ୍ଲୀ ଗାଁରେ ଜଣେ ବୃଦ୍ଧାଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ସେ ହେଲେ ଦୁଃଖିଶ୍ୟାମ ପ୍ରଧାନ। ରବିବାର ସକାଳେ ସେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କର ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀ କୁ ଯାଇ ସେ ପାଣିରେ ବୁଡି ଯାଇଥିବା ସନ୍ଦେହ କରିଥିଲେ। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ମୋହନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୋହନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

# ତାଳଗୁଡ଼ ଦେଉଛି ରୋଜଗାର

ପାରଳାଖେମୁଣ୍ଡି,୨।୨(ଗିରିଧାରୀ ପରିଛା)



- ■ଗଜପତି ଜିଲାର ୩ ବ୍ଲକରେ ୪ଶହ ଚାଷୀ କରୁଛନ୍ତି ଚାଷ
- ■ଗତବର୍ଷ ଉତ୍ପାଦନ ହୋଇଥିଲା ୮ଶହ କୁଇଣ୍ଟାଲ
- ■ସହଯୋଗ କରୁଛି ତାଳଗୁଡ଼ ସମବାୟ ସମିତି

ତାଳ ଗୁଡ଼। ଯିଏ ବ୍ୟବହାର କରିଛି ସେ ଜାଣିଛି ତା'ର ସ୍ୱାଦ। ତାଳଗୁଡ଼ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ଗଜପତି ଜିଲାର ତାଳଗୁଡ଼ ଚାଷୀ। ଜିଲାର ରା.ଉଦୟଗିରି ବ୍ଲକର ଲୁବୁରିସିଂଠାରେ ଏଥିପାଇଁ ରହିଛି ତାଳଗୁଡ଼ ସମବାୟ ସମିତି। ଏହି ଅଞ୍ଚଳରେ ମୁଖ୍ୟ ଚାଷ ମକା ଓ ଧାନ ହୋଇଥିଲେ ମଧ୍ୟ କେତେଜଣ ଚାଷୀ ପ୍ରସ୍ତୁତ କରୁଛନ୍ତି ତାଳଗୁଡ଼। ଏହାର ବେଶ ଚାହିଦା ରହିଛି ବଜାରରେ। ତାଳଗୁଡ଼ ପ୍ରସ୍ତୁତ ପାଇଁ ସରକାର ୧୯୬୮ରେ ଚାଷୀଙ୍କ ପାଇଁ ଏହି ସମବାୟ ସମିତି ପ୍ରତିଷ୍ଠା କରିଥିଲେ। ଜିଲାର ରା.ଉଦୟଗିରି, ନୂଆଗଡ ଓ ରାମଗିରି ଅଞ୍ଚଳର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ତାଳଗୁଡ଼ ପ୍ରସ୍ତୁତ କରି ଭଲ ଅର୍ଥ ରୋଜଗାର କରି ଲାଭବାନ ହେଉଛନ୍ତି। ଲୋକେ ଖଜୁରି ରସରୁ ତାଡି ତିଆରି କରି ପିଅନ୍ତି। ଏହା ସ୍ୱାସ୍ଥ୍ୟପ୍ରତି ହାନିକାରକ ହେଉଥିବା ବେଳେ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ବର୍ତ୍ତମାନ ଏହି ରସରୁ ପ୍ରସ୍ତୁତ ତାଳଗୁଡ଼ ସାସ୍ଥ୍ୟକର, ଏଥିରେ ଆଇରନ ଓ ଭିଟାମିନ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ।

ପ୍ରତିଦିନ ସନ୍ଧ୍ୟାରେ ଖଜୁରୀ ଗଛର ଉପର ଭାଗକୁ କିଛି ମାତ୍ରାରେ କାଟି ସେଥିରେ ଏକ ମାଟି ହାଣ୍ଡି ଲଗାଇଥାନ୍ତି। ପରଦିନ ଭୋରରୁ ଏହି ଖଜୁରୀରସକୁ ସଂଗ୍ରହ କରି ଜୈବିକ ପ୍ରଣାଳୀରେ ଏଥିରୁ ତାଳଗୁଡ ପ୍ରସ୍ତୁତ କରାଯାଇଥାଏ। ଏହି ଗୁଡ଼ ୩ ପ୍ରକାରର– ଯଥା ଧୂଳି ତାଳ ଗୁଡ, ଚେକା ତାଳଗୁଡ଼ ଓ ତରଳ ତାଳଗୁଡ଼। ଯାହାର ମୂଲ୍ୟ ସମବାୟ ସମିତିରେ କିଲୋ ପିଛା ଚେକାଗୁଡ଼ ୮୦ ଟଙ୍କା, ଗୁଣ୍ଡ ଗୁଡ଼ ୧୫୦ ଓ ତରଳ ଗୁଡ଼ ୧୦୦ ଟଙ୍କା ରହିଛି। ଏହି ଗୁଡ଼ର ରଙ୍ଗ କଳା ଓ ଧୂସର ହୋଇଥିବା ବେଳେ ଏହାର ସ୍ୱାଦ ନିଆରା। ଏହାକୁ ପ୍ରସ୍ତୁତ କରି ପ୍ରତ୍ୟେହ ୯୦୦ ରୁ ୧ହଜାର ଟଙ୍କା ରୋଜଗାର କରି ପରିବାରର ଭରଣ ପୋଷଣ କରୁଛନ୍ତି ବୋଲି କହନ୍ତି ଚାଷୀ ଦୁଃସାଶନ ମଣ୍ଡଳ, ଇମାନୁଏଲ ଶବର, ସୁଧାକର ରଇତ। ବର୍ତ୍ତମାନ ଏହି ତାଳଗୁଡକୁ ସରକାରଙ୍କ ଉଦ୍ୟମରେ ଜିଆଇ ଟ୍ୟାଗ ମିଳିବା ପରେ ଏହାର ଚାହିଦା ବୃଦ୍ଧି ପାଇଛି। ଚାଷୀ ଏହି ଗୁଡ଼ ଅଧିକରୁ ଅଧିକ ପ୍ରସ୍ତୁତ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ପ୍ରାୟ ୮୦୦ କୁଇଣ୍ଟାଲ ତାଳଗୁଡ଼ ପ୍ରସ୍ତୁତ କରାଯାଇଥିଲା।

## ସଂକ୍ଷେପରେ

### କୁହୁଡ଼ି ଯୋଗୁ ପରିବା ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଧରାକୋଟ,୨।୨( ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅଞ୍ଚଳରେ ସପ୍ତାହେ ହେଲା ମଧରାତ୍ରରୁ ଘନ କୁହୁଡ଼ି ଆରମ୍ଭ ହୋଇ ସକାଳ ଆଠଘଣ୍ଟା ପର୍ଯ୍ୟନ୍ତ ରହୁଛି। ଯାହା ଫଳରେ ମୁଗ, ବିରି ଗଛରେ ଧରିଥିବା ଫୁଲ ପତ୍ର ଜଉ ପୋକ ଲାଗି ଗଛ ସବୁ ନଷ୍ଟ ହେଲାଣି। ବିଲରେ ଗଛଗୁଡ଼ିକରେ ଖାଲି ଡାଳ ସବୁ ରହିଛି। ଏଣୁ ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ଠିକ୍ ସେହିପରି କୁହୁଡ଼ି ଯୋଗୁଁ ଆମ୍ବ ଗଛରେ ଆସିଥିବା ବଉଳ ସବୁ ନଷ୍ଟ ହେବାକୁ ବସିଲାଣି। ସେହିପରି ପନିପରିବା ଫସଲ ମଧ ପ୍ରଭାବିତ ହେଉଥିବା ଯୋଗୁ ବଜାରରେ ମିଳୁଥିବା ପରିବାଗୁଡ଼ିକର ଧୀରେ ଧୀରେ ଦର ବୃଦ୍ଧି ହେଲାଣି। ଏଣୁ ଖାଉଟିମାନଙ୍କର ଚିନ୍ତା ଦୁଇଗୁଣ ବଢ଼ି ଗଲାଣି। ଧାନ ଫସଲର କ୍ଷତି ପୂରଣ ଏ ପର୍ଯ୍ୟନ୍ତ ମିଳି ନ ଥିବା ବେଳେ କୁହୁଡ଼ିଜନିତ ଡାଲି ଓ ପନି ପରିବା କ୍ଷତି ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି।

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ବାଲିଗୁଡ଼ା,୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାସ୍ଥିତ ବ୍ଲକ୍ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଏନ୍ଏସି(୧) କେନ୍ଦ୍ର ସଂଯୋଜିକା ସୌଦାମିନୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ସହ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ କଲୋନି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୈତାରୀ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୌଦାମିନୀ ସାହୁ ମେଳାର ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଏହି ମେଳାରେ ବ୍ଲକ୍ କଲୋନି କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଏଫ୍ଏଲ୍ଏନ୍ ଶିକ୍ଷୟିତ୍ରୀ ଶିକ୍ଷକ ତଥା ପ୍ରତ୍ୟେକ ବିଦ୍ୟାଳୟରୁ ୧୦ଜଣ ଲେଖାଏ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷଣ ସାମଗ୍ରୀ ସହିତ ଉପସ୍ଥିତ ରହି ମେଳାକୁ ଉପଭୋଗ କରିବା ସହିତ ଆସୁଥିବା ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ତଥା ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଏହାର ଉପଯୋଗିତା ବିଷୟରେ ବୁଝାଇଥିଲେ।

### ଖବରଦାତାଙ୍କ ଭ୍ରାତୃ ବିୟୋଗ

ଖଲ୍ଲିକୋଟ,୨।୨(ପ୍ରଶାନ୍ତ କୁମାର ମିଶ୍ର)



ଧରିତ୍ରୀର ଖଲ୍ଲିକୋଟ ବ୍ଲକ ଖବରଦାତା ପ୍ରଶାନ୍ତ କୁମାର ମିଶ୍ରଙ୍କ ଭାଇ ଅଶୋକ କୁମାର ମିଶ୍ର (୫୭)ଙ୍କ ରବିବାର ଭୋରରେ ଶ୍ରୀକୃଷ୍ଣ ଶରଣପୁର ଶାସନସ୍ଥିତ ଘର ନିକଟରେ ହୃଦଘାତରେ ମୃତ୍ୟୁ ଘଟିଛି। ସେ ଏଲଆଇସିରେ କାର୍ଯ୍ୟରତ ଥିଲେ। ଅଶୋକ ଜଣେ ସ୍ୱଷ୍ଟବାଦୀ, ବନ୍ଧୁବତ୍ସଳ ଓ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ମଧୁସ୍ମିତା, ପୁତ୍ର ଅମିତ, ଅଙ୍କିତ, ବଡ଼ଭାଇ ଆଦିକନ୍ଦ, ସାନଭାଇ ପ୍ରଶାନ୍ତ, ଭଉଣୀ ସନ୍ଧ୍ୟାରାଣୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସରକାରୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ଆର.ଉଦୟଗିରି,୨।୨(ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଲିୟବସ୍ଥିତ ସେବାଶ୍ରମ ବିଦ୍ୟାଳୟ ଲିୟବର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଭାବେ ନୂଆଗଡ଼ ବିଇଓ ନୟନ ରଞ୍ଜନ ମଣ୍ଡଳ, ମୁଖ୍ୟବକ୍ତା ରୂପେ ଏବିଇଓ ଲିଙ୍ଗରାଜ କାର୍ଜି, ମୁଖ୍ୟଅତିଥି ଭାବେ ଅତରସିଂ ସିଆରସିସି ଏଲିଓ ସାୟା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମ୍ବରା ମଣ୍ଡଳ, ପରିମଳ ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ସେବକ କାର୍ତ୍ତିକ ପାଇକ, ତଟରଙ୍ଗ ଆଶ୍ରମ ବିଦ୍ୟାଳୟ ପ୍ରଧାନ ସେବକ ପି. ଭାସ୍କର ରାଓ, ଅତରସିଂ ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ସେବକ ବେଦବର ଜେନା, ଅବାରସିଂ ଆଶ୍ରମ ବିଦ୍ୟାଳୟର ପ୍ରଧାନ ସେବିକା ମିନତି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ସେବକ ସରୋଜ ମିଶ୍ର ଉପସ୍ଥିତ ଥିଲେ। ଗୁପ୍ତେଶ୍ୱର ଭଜନ ସଂଘ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ସେବକ ଗୋବିନ୍ଦ ପାଇକ ବିବରଣୀ ପାଠ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଭାତ ବାଡ଼ତ୍ୟା ପରିଚାଳନା କରିଥିଲେ।

## ଅନ୍ୱେଷା ହଷ୍ଟେଲରେ ଅବ୍ୟବସ୍ଥା ଅଭିଯୋଗ

**ଆନ୍ଦୋଳନ କରିବେ ଅଭିଭାବକ**

ଭଞ୍ଜନଗର,୨।୨(ବାବୁଲା ପ୍ରଧାନ)

ଭଞ୍ଜନଗର କଲେଜ ରୋଡ଼ରେ ଥିବା ଅନ୍ୱେଷା ହଷ୍ଟେଲ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସେଠାରେ ଆଦିବାସୀ ଛାତ୍ରୀଛାତ୍ରମାନେ ରହି ଭଞ୍ଜନଗର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠ ପଢୁଛନ୍ତି। କିନ୍ତୁ ହଷ୍ଟେଲରେ ଅନେକ ଅବ୍ୟବସ୍ଥା ନେଇ ରବିବାର ଶିକ୍ଷା ବଞ୍ଚାଅ ଅଭିଭାବକ ସଂଘ ପକ୍ଷରୁ ଜାଭିୟର ସ୍କୁଲ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କୁ ପେଟ ପୁରା ଖାଇବାକୁ ଦିଆଯାଉ ନାହିଁ, ଷ୍ଟାଣ୍ଡାର୍ଡ–୧ ଓ ଷ୍ଟାଣ୍ଡାର୍ଡ–୨ ଛାତ୍ରୀ ଛାତ୍ରମାନଙ୍କୁ ସଫାସୁତୁରା କରାଯାଉନି, ସ୍କୁଲ ଡ୍ରେସ ଗୁଡିକ ଇସ୍ତ୍ରି କରାଯାଉ କରାଯାଉ ନଥିବା ଅଭିଯୋଗ ହୋଇଛି। ହଷ୍ଟେଲ ଭିତର ପରିବେଶ ମଧ୍ୟ ପରିଚ୍ଛନ୍ନ ରଖା ଯାଉନାହିଁ। ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ବିଭିନ୍ନ ରୋଗରେ ପଡୁଛନ୍ତି। ଅନ୍ୟପଟେ ପିଲାମାନଙ୍କ ପାଇଁ ଆସୁଥିବା ସାବୁନ, ତେଲ, ବିସ୍କୁଟ ନିୟମିତ ମିଳୁ ନଥିବା ରବିବାର ସଭାରେ ଅଭିଯୋଗ ହେଇଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସଭାରେ ଶିକ୍ଷା ବଞ୍ଚାଅ ଅଭିଭାବକ ସଂଘର ସଭାପତି ନିରାକାର ନାୟକ, ଉପସଭାପତି ସୂର୍ଯ୍ୟ ସେଠି, କୋଷାଧକ୍ଷ ଦେବରାଜ ନାଇକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ମତାମତ ରଖିଥିଲେ।

## ୪ରୁ ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଆଜ୍ଞାମାଳ ଧରି ସହର ପରିକ୍ରମା କରୁଛନ୍ତି।

ରାଇକିଆ,୨।୨(ପ୍ରଦୀପ ବେହେରା)

ଆସନ୍ତା ମାର୍ଚ୍ଚ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଇକିଆରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ସମସ୍ତ ଚାଲିଛି। ଶନିବାର ପରିଚାଳନା କମିଟି ସଦସ୍ୟମାନେ ପୁରୀ ମହାପ୍ରଭୁ ଜଗନ୍ନାଥଙ୍କଠାରେ ପୂଜାର୍ଚ୍ଚନା କରିବା ସହ ଆଜ୍ଞା ମାଳ ଧରି ରାଇକିଆରେ ପହଞ୍ଚିଛନ୍ତି। ରବିବାର ଶୁଭଖୁଣ୍ଟି ସ୍ଥାପନ ସହ ଆଜ୍ଞା ମାଳକୁ ନାମ ସଙ୍କୀର୍ତ୍ତନରେ ସହର ପରିକ୍ରମା କରାଯାଇଥିଲା। ସଭାପତି ସତ୍ୟବାନ ପାତ୍ର, ଉପସଭାପତି ଦୁର୍ଯ୍ୟୋଧନ ଲେଙ୍କା, ସମ୍ପାଦକ ବାଇନାଥ ଦାସ, ଯୁଗ୍ମ ସମ୍ପାଦକ ସନ୍ତୋଷ ଲେଙ୍କା, ରାମଚନ୍ଦ୍ର ପଣ୍ଡା, ସୀମାଞ୍ଚଳ ପ୍ରଧାନ, ଶ୍ରୀନିବାସ ଆଚାରୀ, ଶ୍ରୀଧର ପାତ୍ର, ପ୍ରଭାକର ପାଢୀ, ଦେବକୃଷ୍ଣ ପାଢ଼ୀଙ୍କ ସମେତ କମିଟି ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ । ଏକ ସପ୍ତାହବ୍ୟାପୀ ହେବାକୁ ଥିବା ଉକ୍ତ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା, ବନଯାଗ, ରତ୍ନ ମୁଦ ପ୍ରତିଷ୍ଠା, ପଞ୍ଚ ଯଜ୍ଞ, ରତ୍ନ ସିଂହାସନାରୋହଣ, ଧ୍ୱଜ ଭ୍ରମଣ, ପୂର୍ଣ୍ଣାହୁତି, ଭାଗବତ ସପ୍ତାହ ଆଦି କାର୍ଯ୍ୟକ୍ରମ ହେବ।

## ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ: ବାଚସ୍ପତି



ଅତିଥିମାନେ ପତ୍ରିକା ' ଆମ ସ୍ୱର ଛତ୍ରପୁର' ଉନ୍ମୋଚନ କରୁଛନ୍ତି।

ଛତ୍ରପୁର,୨।୨(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ସ୍ଥାନୀୟ ଅନସ୍ଲୋ ମିନି ଷ୍ଟାଡିୟମଠାରେ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ଅଟନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଛତ୍ରପୁର ପ୍ରେସ କ୍ଲବ ଆଜି ଜିଲାର ସମସ୍ତ ସାମ୍ବାଦିକଙ୍କୁ ଏକ କରିଦେଇଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ମହିଳା ସାମ୍ବାଦିକ ସୁଜାତା ସାବତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷାବିତ ତଥା ୟୁରୋ ସ୍କୁଲର ମୁଖ୍ୟ ପୃଷ୍ଠ ପୋଷାକ ସସ୍ମିତା ମହାପାତ୍ର, ରାଧେଶ୍ୟାମ ଫାଉଣ୍ଡେଶନ ଆଣ୍ଡ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ସାମାଜିକ କର୍ମୀ ସମାପ୍ତି ପଟ୍ଟନାୟକ, କମଳ ପଣ୍ଡା ଓ ଶିକ୍ଷାବିତ ସୁଧୀର କୁମାର ସାହୁଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ହୋଇଥିବା ଝୋଟି ପ୍ରତିଯୋଗିତା ଏବଂ ବରିଷ୍ଠ ନାଗରିକ ମଧ୍ୟରେ ହୋଇଥିବା ପାଦଚଲା ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରେସ କ୍ଲବ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସମର୍ପଣ ସାଂସ୍କୃତିକ ପରିଷଦ ସଭାପତି ସମ୍ବର୍ଦ୍ଧିତ

ତୁମୁଡ଼ିବନ୍ଧ,୨।୨(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଗୁମାସ୍ଥିତ ସେବା ସମର୍ପଣ ସାଂସ୍କୃତିକ ପରିଷଦକୁ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଖିଳ ଭାରତୀୟ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଶାଖା କାର୍ଯ୍ୟକାରିଣୀ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ ବୁଲୁନ ଭାଇ ସେବା ସଦନଠାରେ ହୋଇଥିବା କାର୍ଯ୍ୟକ୍ରମରେ ଉତ୍ତମ ସମାଜସେବା ପାଇଁ ଏହାର ସଭାପତି ସଞ୍ଜୟ ମାଝି ସମ୍ବର୍ଦ୍ଧିତ ହୋଇଥିଲେ। ୨୦୧୬ରେ ଗୁମା ଅଞ୍ଚଳର କିଛି ଶିକ୍ଷିତ ଯୁବକ ଓ ସମାଜିକ କର୍ମୀମାନେ ଏହି ପରିଷଦ ଗଠନ କରି କୁଟିଆ କନ୍ଧ ଆଦିମ ଜନଜାତି ଗୁମା, ବେଲଘର ଓ ବିଲମାଳ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ଅଭାବ ଅସୁବିଧା ସମୟରେ ଠିଆ ହେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ତଥା ସାମଗ୍ରିକ ବିକାଶ ପାଇଁ ସର୍ବଦା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ଏହି କାର୍ଯ୍ୟକ୍ରମରେ ସେବା ସମର୍ପଣ ସାଂସ୍କୃତିକ ପରିଷଦର ସଭାପତି ସଞ୍ଜୟ ମାଝି, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଅମରସେଠ, ସମ୍ପାଦକ ମଦନ ପରାସେଠ, କୋଷାଧ୍ୟକ୍ଷ ଭୀମରାଜ ବଡନାୟକ, ସହସମ୍ପାଦକ କାହ୍ନୁଚରଣ ପାତ୍ର ଓ ବୀରେନ୍ଦ୍ର ଯାନୀ ଉପସ୍ଥିତ ଥିଲେ।

## ସୋନିଆ,ରାହୁଲଙ୍କ କୁଶ ପୁତ୍ତଳିକା ଦାହ କଲା ଭାଜପା

**ରାଷ୍ଟ୍ରପତିଙ୍କୁ ଅପମାନ ସୂଚକ ମନ୍ତବ୍ୟର ପ୍ରତିବାଦ**

ବୁଗୁଡା,୨।୨(କାଳିଚରଣ ଦାଶ)

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଅପମାନସୂଚକ ମନ୍ତବ୍ୟ ଦେଇଥିବାରୁ ଏହାର ପ୍ରତିବାଦ କରିଛି ଭାଜପା। ବୁଗୁଡା ନଗର ଭାଜପା ପକ୍ଷରୁ ରବିବାର ସନ୍ଧ୍ୟାରେ ମଦନ ମୋହନ ଛକରେ ଦଳୀୟ କର୍ମୀମାନେ ସୋନିଆ–ରାହୁଲଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବୁଗୁଡ଼ା ନଗର ଭାଜପା ସଭାପତି କେଦାର ନାଥ ମହାରଣାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ହର ପ୍ରସାଦ ଦାଶ, ଯଜ୍ଞ ନାରାୟଣ ପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଦିଲ୍ଲୀପ ପ୍ରଧାନ, ଶ୍ରୀହର୍ଷ ପ୍ରଧାନ, ରବିନ୍ଦ୍ର ପରିଡ଼ା, ସୁଶାନ୍ତ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଅନୁଷ୍ଠାନରେ ବାଗ୍‌ଦେବୀଙ୍କ ପୂଜା

ଆସିକା,୨।୨ (ସୁରେନ୍ଦ୍ର ନାଥ ସାହୁ)



କୃଷ୍ଣସିଂହ ପାଠାଗାରରେ ସରସ୍ୱତୀ ପୂଜା।

ଆସିକା ସହର ଓ ଗ୍ରାମାଞ୍ଚଳରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଷ୍ଠାନରେ ରବିବାର ଦିନ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଛି । ବିଭିନ୍ନ ସ୍ଥାନରେ ଦେବୀଙ୍କ ମୃଣ୍ମୟ ମୂର୍ତ୍ତି ଓ ଫଟୋ ଚିତ୍ର ସ୍ଥାପନ ପୂର୍ବକ ଆବାହନ, ପୂଜା, ହୋମ, ଆରତୀ, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କ ବିଦ୍ୟାରମ୍ଭ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା ।

## ସିଲ୍ ମଦ ଦୋକାନରୁ ଚୋରି

**୧୩୬ ପେଟି ବିଦେଶୀ ମଦ, ୫ ପେଟି ବିୟର ଉଭାନ**

କ.ନୂଆଗାଁ,୨।୨(କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ କୁଦୁଡୁଲି ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନ ୨୦୨୪–୨୫ ବର୍ଷ ପାଇଁ ନବୀକରଣ ହୋଇ ନ ଥିବାରୁ ଗତ ୩୧।୩।୨୦୨୪ରେ ବାଲିଗୁଡା ଭାରପ୍ରାପ୍ତ ଅବକାରୀ ଉପ ନିରୀକ୍ଷକ ସୁମିତ୍ରା ଦଳାଇ ମଦ ଦୋକାନକୁ ସିଲ କରିଥିଲେ। ଦୋକାନ ଗୃହରେ ଥିବା ମଦ ବୋତଲ ତାଲିକା ପ୍ରସ୍ତୁତ କରି ପୂର୍ବ ଲାଇସେନ୍ସଧାରୀଙ୍କୁ ତାଲିକାର ଏକ ନକଲ ପ୍ରଦାନ କରିଥିଲେ। ତାଙ୍କ ଉପସ୍ଥିତିରେ ଦୋକାନ ସିଲ୍ କରିଥିଲେ। ଗତ ୧।୪।୨୦୨୪ରୁ ୩୧।୧।୨୦୨୫ ରିଖ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଇତି ମଧ୍ୟରେ ୨୦।୧।୨୫ରେ ଶୋଭାରାଣୀ ପଣ୍ଡାଙ୍କୁ ୨୦୨୪–୨୫ ଆର୍ଥିକ ବର୍ଷ ପାଇଁ ନୂତନ ଭାବେ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଫେବୃଆରୀ ୧ରେ ମାଜିଷ୍ଟ୍ରେଟ ତଥା କ.ନୂଆଗାଁ ତହସିଲଦାର ଆନନ୍ଦ ପଣ୍ଡାଙ୍କ ଉପସ୍ଥିତିରେ ସିଲ୍ ଥିବା ମଦ ଦୋକାନ ଖୋଲା ଯାଇଥିଲା। ସେହି ସମୟରେ ବାଲିଗୁଡା ରେଞ୍ଜ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଅବକାରୀ ଉପ ନିରୀକ୍ଷକ ସୁମିତ୍ରା ଦଳେଇ ଓ ଅବକାରୀ କର୍ମଚାରୀ ଶ୍ୟାମସୁନ୍ଦର ପ୍ରଧାନ, ଜ୍ଞାନ ପ୍ରକାଶ ସାହୁ, ସଞ୍ଜୀବ ଭୁକ୍ତା ଉପସ୍ଥିତ ଥିଲେ। ଦୋକାନ ଖୋଲିବା ସମୟରେ ପୂର୍ବରୁ ଜବତ ହୋଇଥିବା ବିଦେଶୀ ମଦ ୧୩୬ ପେଟି ଓ ବିୟର ୫ ପେଟି ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଅବକାରୀ ଉପ ନିରୀକ୍ଷକ ଦଳେଇ କ.ନୂଆଗାଁ ଥାନାରେ ପୂର୍ବର ଲାଇସେନ୍ସଧାରୀ ସନ୍ତୋଷ ସାହୁ, ମନୋଜ ପାତ୍ର, କୁନା ସାହୁ, ନିଶିକାନ୍ତ ପ୍ରଧାନ ଓ ଏଲ.ସୁଶିଲଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏନେଇ ନଂ.୨୭/୨୫ରେ ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ଦମୟନ୍ତୀ ବେହେରା ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ଅଶୋକ ହାଂସଦା କହିଛନ୍ତି।

## ଭାଜପାର ପ୍ରତିବାଦ ସଭା

ଜି.ଉଦୟଗିରି,୨।୨(ଚିନ୍ମୟ କୁମାର ସେଠୀ)

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ସଂସଦ ବାହାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ବୋରିଂ କହି ତାଚ୍ଛଲ୍ୟ କରିବା ଘଟଣାକୁ ନେଇ ସାରା ଦେଶରେ ବିଭିନ୍ନ ସ୍ଥାନରେ ଭାଜପା ତରଫରୁ ପ୍ରତିବାଦ କରାଯାଉଛି। ଆଦିବାସୀ ସମ୍ପ୍ରଦାୟର ପ୍ରଥମ ମହିଳା ରାଷ୍ଟ୍ରପତିଙ୍କ ପ୍ରତି ଏପରି ଅପମାନଜନକ ମନ୍ତବ୍ୟ ବିରୋଧରେ ଜି.ଉଦୟଗିରି ଭାଜପା ତରଫରୁ ସଭାପତି ଉଦେସନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ପ୍ରତିବାଦ କରାଯାଇଛି। ପ୍ରତିବାଦ ସଭାରେ ବରିଷ୍ଠ କର୍ମୀ ଲକ୍ଷ୍ମଣ ଆଚାର୍ଯ୍ୟ, ମାୟାବନ୍ଧୁ ପ୍ରଧାନ, ଭୁବନ ମଲିକ, ଭେଙ୍କଟେଶ୍ୱର ବେହେରା, ମାନଗୋବିନ୍ଦ ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଟିକିଟି,୨।୨(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉଭାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମାଞ୍ଜଳି ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ରୂପେ ବିଆର୍‌ସିସି ନିଗମାନନ୍ଦ ପଣ୍ଡା, ଚାନ୍ଦପୁର ଗ୍ରାମପଞ୍ଚାୟତ ସରପଞ୍ଚ ସଙ୍ଗୀତା ସେଠୀ ଓ ବିଦ୍ୟାଳୟ ପରିଚାଳନା ସଭାପତି ପୀତାମ୍ବର ବେହେରା, ସିଆର୍‌ସିସି କୁରେଶ ସାହୁ, ପୂର୍ବତନ ସିଆର୍‌ସିସି କେ.ଜଗନ୍ନାଥ ରାଓ ଓ ନିରଞ୍ଜନ ସେଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଠଗଡ଼ପାଟଣାରେ କବିସୂର୍ଯ୍ୟ ମହୋତ୍ସବ

କବିସୂର୍ଯ୍ୟନଗର,୨।୨(କୃପାସିନ୍ଧୁ ସ୍ୱାଇଁ)



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ। .

ଓଡ଼ିଶାର ଐତିହ୍ୟସ୍ଥଳ ତଥା କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥଳ କବିସୂର୍ଯ୍ୟନଗର ଆଠଗଡ଼ପାଟଣାର କବିସୂର୍ଯ୍ୟ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ କବିସୂର୍ଯ୍ୟ ମହୋତ୍ସବ ପାଳିତ ହୋଇଯାଇଛି। କବିସୂର୍ଯ୍ୟ ସାହିତ୍ୟ ସଂସଦ ଓ ଅଷ୍ଟଦୁର୍ଗ ଉନ୍ନୟନ ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଅଷ୍ଟଦୁର୍ଗ ଉନ୍ନୟନ ପରିଷଦ ଉପଦେଷ୍ଟା କିଶୋର ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଦକ୍ଷିଣ ଓଡିଶା ସାହିତ୍ୟ ସଂସଦ ମହାସଚିବ ଦଣ୍ଡପାଣି ମହାପାତ୍ର, ଆଠଗଡ଼ପାଟଣା ସରପଞ୍ଚ ଛବିରାଣୀ ତ୍ରିପାଠୀ, ଅବସର ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗବେଷକ ବାୟମନୁ ଚର୍ଚ୍ଚି, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ତ୍ରିପାଠୀ, ଅଧ୍ୟକ୍ଷ ପ୍ରଣବ ପ୍ରକାଶ ପଣ୍ଡା, ସାମ୍ବାଦିକ ଗଜାନନ ତ୍ରିପାଠୀ, ଯୁବ ଗବେଷକ ଧରିଣୀଧର ବେହେରା, ସାମ୍ବାଦିକ ରାମଚନ୍ଦ୍ର ଡାକୁଆ ଯୋଗ ଦେଇଥିଲେ। ଅବସର ଶିକ୍ଷକ ଜଗବନ୍ଧୁ ଭୋଳ ସଭାପତିତ୍ୱ କରିଥିଲେ । ଅଞ୍ଚଳର କଳା, ସଂସ୍କୃତି, ସାହିତ୍ୟ, ବାଣିଜ୍ୟ ଓ ପରମ୍ପରାକୁ ନେଇ କବିସୂର୍ଯ୍ୟଙ୍କ ୨୩୬ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଥିଲା। ସମାଜସେବୀ ଲକ୍ଷ୍ମୀନାରାୟଣ ପାଇକରାୟ, କବିସୂର୍ଯ୍ୟ ସାହିତ୍ୟ ସଂସଦ ଦମ୍ପାଦକ ସୁରେଶ ଚନ୍ଦ୍ର ପଟ୍ଟନାୟକ ଏହାର ଆବାହକ ଥିଲେ । ମୁଖ୍ୟ ଅତିଥି ଷଡଙ୍ଗୀ କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ସମ୍ପର୍କରେ ଦାର୍ଶନିକ ପ୍ରାମାଣିକ ଆଧାରରେ ପ୍ରମାଣ ଉପସ୍ଥାପନା କରିଥିଲେ । ପ୍ରଶାସନିକ ମଧ୍ୟସ୍ଥତାରେ ଏଥିପାଇଁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ସୁରେଶ ପଟ୍ଟନାୟକ। ଉଦଘୋଷକ ବଳରାମ ପୋଲାଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାପା, ବୈଦୁତିକ ମିଡ଼ିଆ ପ୍ରତିନିଧିମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ଅତିଥି। ସନ୍ଧ୍ୟାରେ ଭଜନ ସମାରୋହ ହୋଇଥିଲା ।

# ଟ୍ରମ୍ପଙ୍କ ଟାରିଫ୍‌ରୁ ବାଣିଜ୍ୟ ଯୁଦ୍ଧ

**ଚାଇନା, ମେକ୍ସିକୋ ଓ କାନାଡାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଚଢ଼ା ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଦେଶଗୁଡ଼ିକର ସାମଗ୍ରୀ ଆମେରିକାକୁ ରପ୍ତାନି କରିବାରେ ଅସୁବିଧା ସୃଷ୍ଟି ହେବ। ଏହାର ଜବାବ ଦେବା ପାଇଁ ବାଣିଜ୍ୟିକ ସହଯୋଗୀମାନେ ରଣନୀତି ପ୍ରସ୍ତୁତ କରିଥିବାରୁ ଆମେରିକା ସହ ଏକ ନୂଆ ଟ୍ରେଡ୍ ୱାର୍ ଆରମ୍ଭ ହୋଇଛି। ବାଣିଜ୍ୟ ଯୁଦ୍ଧର ଦୁଷ୍ପରିଣାମ କେବଳ ଏହି ଦେଶଗୁଡ଼ିକ ମଧ୍ୟରେ ସୀମିତ ନ ରହି ବିଶ୍ୱବ୍ୟାପୀ ଅନୁଭୂତ ହେବ ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।**



## ମେକ୍ସିକୋ, କାନାଡା, ଚାଇନାର ପାଲଟା ଚ୍ୟାଲେଞ୍ଜ

ୱାଶିଂଟନ/ବେଜିଂ,୨।୨

ଆମେରିକାର ରିପବ୍ଲିକାନ୍ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ୍ ଶନିବାର ସ୍ୱାକ୍ଷର କରିଥିବା ଅର୍ଡର ଅନୁସାରେ କାନାଡା ଓ ମେକ୍ସିକୋରୁ ଆସୁଥିବା ସାମଗ୍ରୀ ଉପରେ ମଙ୍ଗଳବାରଠାରୁ ୨୫% ଏବଂ ଚାଇନା ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗିବ। ଟ୍ରମ୍ପ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଦର୍ଶାଇଛନ୍ତି, ଆମେରିକୀୟମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନା, ମେକ୍ସିକୋ ଓ କାନାଡା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା। ବେଆଇନ ଫେଣ୍ଟାନିଲ୍ ଉତ୍ପାଦନ ଓ ରପ୍ତାନି ଉପରେ କଟକଣା ସହ ଆମେରିକାକୁ ଆପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଏଥିରେ ସେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପଙ୍କ ନୂଆ ଟାରିଫ୍ ଲାଗୁ ସହ ନିର୍ବାଚନ ପ୍ରଚାର ବେଳେ ଗ୍ରୋସେରି, ଗ୍ୟାସୋଲିନ୍, ଗୃହନିର୍ମାଣ, ଅଟୋ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଦରଦାମ ହ୍ରାସ ପାଇଁ ସେ ଦେଶର ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ଗୋଟିଏ ପୂରଣ ହୋଇଛି। କିନ୍ତୁ ଟ୍ରମ୍ପଙ୍କ ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ବୈଶ୍ୱିକ ଅର୍ଥନୀତିକୁ ଅନିଶ୍ଚିତତା ଆଡ଼କୁ ଠେଲିଦେଇଥିବା ସମାଲୋଚକମାନେ କହିଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ନୂଆ ଟାରିଫ୍ ଜାରି ରହିଲେ ମୁଦ୍ରାସ୍ଫୀତି ଅହେତୁକ ବୃଦ୍ଧି ଘଟିବ। ଏଥିସହ ଆମେରିକା ସହିତ ଏହି ରାଷ୍ଟ୍ରଗୁଡ଼ିକର ବାଣିଜ୍ୟ ଯୁଦ୍ଧ ଚାଲିବ।

ଇତିମଧ୍ୟରେ ମେକ୍ସିକୋ ଓ କାନାଡା ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବଉମ୍ ପର୍ଡୋ ତତ୍କାଳ ଜବାବୀ ୨୫% ଟାରିଫ୍ କଷିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା ୧୫୫ ବିଲିୟନ୍ ଡଲାର ସାମଗ୍ରୀ ଉପରେ ୨୫% ଟାରିଫ୍ ଘୋଷଣା କରିଛନ୍ତି। ଆମେରିକୀୟ ଆଲ୍‌କୋହଲ ଓ ଫଳଗୁଡ଼ିକୁ ନେଇ ୩୦ ବିଲିୟନ୍ ଡଲାର ସାମଗ୍ରୀ ଉପରେ ଏହା ମଙ୍ଗଳବାରଠାରୁ ଲାଗୁ ହେବ ବୋଲି ସେ ଚ୍ୟାଲେଞ୍ଜ ଦେଇଛନ୍ତି। ଅନୁରୂପ ଭାବେ ଚାଇନାର କମ୍ୟୁନିଷ୍ଟ ସରକାର ରବିବାର ଟ୍ରମ୍ପ୍ ପ୍ରଶାସନର ଏହି ନୀତିକୁ ସମାଲୋଚନା କରିଛନ୍ତି। କିନ୍ତୁ ବିବାଦର ସମାଧାନ ପାଇଁ ଆମେରିକା ଲାଗି ଆଲୋଚନାର ଦ୍ୱାର ଖୋଲା ରଖିଛନ୍ତି। ଟ୍ରମ୍ପଙ୍କ ଟାରିଫ୍ ଅନ୍ତର୍ଜାତୀୟ ବାଣିଜ୍ୟିକ ଆଇନର ଗମ୍ଭୀର ଉଲ୍ଲଂଘନ। ଏହାକୁ ବେଜିଂ ୱାର୍ଲ୍ଡ ଟ୍ରେଡ୍ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଟିଓ)ରେ ଚ୍ୟାଲେଞ୍ଜ କରିବ। ଏଥିସହ କେତେକ ଅନିର୍ଦ୍ଦିଷ୍ଟ ମୁକାବିଲା ପଦକ୍ଷେପ ନେବ ବୋଲି ଚାଇନାର ଅର୍ଥ ଓ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପ୍ରକାଶଯେ, ବାଇଡେନ୍ ପ୍ରଶାସନର ଭୁଲ୍ ଆର୍ଥିକ ପରିଚାଳନା ଯୋଗୁ ଆମେରିକା ଅର୍ଥନୀତି କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାବେଳେ ରିପବ୍ଲିକାନ୍ ଟ୍ରମ୍ପ୍ ଅନେକ ବିତ୍ତୀୟ ସଂସ୍କାର ପଦକ୍ଷେପର ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିଲେ। ଜାନୁଆରୀ ୨୦ରେ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଶପଥ ନେବା ପରଠୁ ଜାତୀୟ ସ୍ୱାର୍ଥର ଦୁହାଇଦେଇ ଗୋଟିଏ ପରେ ଗୋଟିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଚାଲିଛନ୍ତି। ତନ୍ମଧ୍ୟରେ ଏହି ଟାରିଫ୍ ଅର୍ଡର ରହିଛି।

## 'ନିଅଣ୍ଟ ପାଇଁ ଚାଇନା, ମେକ୍ସିକୋ, କାନାଡା ଦାୟୀ'



ଆମେରିକାର ବାଣିଜ୍ୟ ନିଅଣ୍ଟ ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ ଚାଇନା, ମେକ୍ସିକୋ ଏବଂ କାନାଡାକୁ ଦାୟୀ କରିଛନ୍ତି। ଆମେରିକା ବାଣିଜ୍ୟ ନିଅଣ୍ଟରେ ଚାଇନାର ସର୍ବାଧିକ ୩୦.୨% ଅବଦାନ ରହିଥିବାବେଳେ ମେକ୍ସିକୋର ୧୯ ଏବଂ କାନାଡାର ୧୪ ପ୍ରତିଶତ ରହିଥିବାରୁ ଟ୍ରମ୍ପ୍ ପ୍ରଥମ ପର୍ଯ୍ୟାୟ ଟାରିଫ ଏହି ୩ ଦେଶ ଉପରେ ଲଗାଇଛନ୍ତି। ଅନ୍ୟପକ୍ଷରେ ବାଣିଜ୍ୟ ନିଅଣ୍ଟରେ ଭାରତର ଭାଗ ମାତ୍ର ୩.୨ ଥିବାରୁ ଏହାର ଉକ୍ତ ଟାରିଫ୍‌ରୁ ବାଦ୍ ପଡ଼ିଛି। ଉପରୋକ୍ତ ୩ ଦେଶ ଆମେରିକାକୁ ବିପୁଳ ପରିମାଣର ଫେଣ୍ଟାନିଲ୍ ରପ୍ତାନି କରୁଛନ୍ତି, ଯେଉଁଥିରେ ବର୍ଷକୁ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟୁଛି। କାନାଡା ସହ ଆମେରିକାର ୨୦୦ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟ ଥିବାବେଳେ ମେକ୍ସିକୋ ସହ ୨୫୦ ବିଲିୟନ ଡଲାର ନିଅଣ୍ଟ ରହିଥିବା ଟ୍ରମ୍ପ୍ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

## ଲୋକଙ୍କ ବଜେଟ୍, ଲୋକମାନଙ୍କ ପାଇଁ: ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୨।୨(ପି.ଟି.)

କେନ୍ଦ୍ର ବଜେଟ ଲୋକମାନଙ୍କର ଏବଂ ସେମାନଙ୍କ ପାଇଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର କହିଛନ୍ତି। ବଜେଟ ଉପସ୍ଥାପନ ପରବର୍ତ୍ତୀ ପ୍ରଥମ ସାକ୍ଷାତ୍‌କାରରେ ସେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆବ୍ରାହାମ୍ ଲିଙ୍କନ୍‌ଙ୍କ ଉକ୍ତିକୁ ଉଦ୍ଧାର କରିବା ସହ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଟିକସ କାଟିବା ଚିନ୍ତାଧାରା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ଣ୍ଣ ସମର୍ଥନ ରହିଥିବା କହିଛନ୍ତି। ତେବେ ଅମଲାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ସମୟ ଲାଗିଥିଲା। ସଙ୍କୋଚ କରଦାତା ସତ୍ତ୍ୱେ ମଧ୍ୟମବର୍ଗଙ୍କ ଆଶା ଆକାଂକ୍ଷା ପୂରଣ ହେଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଆମକୁ ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ୱର ଶୁଣିବାକୁ ହେଲା ବୋଲି ସୀତାରାମନ୍ ସାକ୍ଷାତ୍‌କାରରେ କହିଛନ୍ତି। ମୁଦ୍ରାସ୍ଫୀତି ଆଦି ପ୍ରଭାବକୁ ସୀମିତ କରିବା ଦିଗରେ ସରକାର ଅଧିକ କିଛି କରନ୍ତୁ ବୋଲି ସଙ୍କୋଚ ଓ ଗର୍ବିତ ଟିକସଦାତା ଚାହାନ୍ତି। ସେମାନଙ୍କୁ ସହାୟତା ପାଇଁ ତୁରନ୍ତ ଉପାୟ ଖୋଜିବାକୁ ପ୍ରଧାନମନ୍ତ୍ରୀ ତାଙ୍କୁ ଦାୟିତ୍ୱ ଦେଇଥିଲେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆୟକରରେ ସୁବିଧା ଦେବା ପାଇଁ ପ୍ରଧାନମନ୍ତ୍ରୀ ତୁରନ୍ତ ରାଜି ହୋଇଥିବାବେଳେ ଅର୍ଥ ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଟିକସ ବୋର୍ଡ (ସିବିଡିଟି)ର ପ୍ରଶାସନିକ ଅଧିକାରୀମାନଙ୍କୁ ଏ ନେଇ ସହମତ କରାଇବାକୁ ସମୟ ଲାଗିଥିଲା। ଅର୍ଥମନ୍ତ୍ରୀ ସୀତାରାମନ୍ ଶନିବାର କ୍ରମାଗତ ଅଷ୍ଟମ ଥର ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ବ୍ୟକ୍ତିଗତ ଆୟକର ଦାଖଲ ପାଇଁ ଆୟ ସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସମ୍ପର୍କରେ ଘୋଷଣା କରିଥିଲେ। ଏଥିସହିତ ଟ୍ୟାକ୍ସ ବ୍ରାକେଟରେ ପରିବର୍ତ୍ତନ କରାଯାଇଛି, ଯାହା ଫଳରେ ଏହାଠାରୁ ଅଧିକ ରୋଜଗାର କରୁଥିବା ଲୋକମାନଙ୍କୁ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାରେ ସହାୟକ ହେବ। ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କା ବୃଦ୍ଧି କରାଯିବା ସର୍ବାଧିକ ଏବଂ ୨୦୦୫ରୁ ୨୦୨୩ ମଧ୍ୟରେ ଦିଆଯାଇଥିବା ସହାୟତା ସହ ସମାନ। ଏହା ଲୋକମାନଙ୍କ ବଜେଟ, ଯାହା ସେମାନେ ଚାହୁଁଥିଲେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ସଂକ୍ଷେପରେ

## ଅଯୋଧ୍ୟାରେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା

ଲକ୍ଷ୍ନୌ,୨।୨

ଉତ୍ତରପ୍ରଦେଶର ଅଯୋଧ୍ୟା ଅନ୍ତର୍ଗତ ସହନାୱା ଗ୍ରାମ ବାହାରେ ଥିବା ଡ୍ରେନ୍‌ରୁ ଶନିବାର ଜଣେ ୨୨ ବର୍ଷୀୟା ଦଳିତ ଯୁବତୀଙ୍କ ଉଲଗ୍ନ ମୃତଦେହ ମିଳିଛି। ଏହା ଏକ ଗଣବଳାତ୍କାର ଓ ହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ମୃତା ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ଦାବି ହୋଇଛି। ଗୁରୁବାର ରାତିରୁ ଯୁବତୀ ଜଣକ ନିଖୋଜ ଥିଲେ। ଶୁକ୍ରବାର ଥାନାରେ ଅଭିଯୋଗ ପରେ ନିଖୋଜ ମାମଲା ରୁଜୁ ହୋଇଥିଲା। ଶନିବାର ସକାଳେ ଗାଁ ବାହାରେ ଏକ ଶୁଖିଲା ଡ୍ରେନ୍‌ରୁ ତାଙ୍କ ମୃତଦେହ ରହସ୍ୟମୟ ଅବସ୍ଥାରେ ମିଳିଥିଲା। ତାଙ୍କ ଶରୀର ସମ୍ପୂର୍ଣ୍ଣ ଉଲଗ୍ନ ଥିବାବେଳେ ଗୋଡ଼ହାତ ଭାଙ୍ଗିଦିଆଯାଇଛି। ଦେହସାରା କ୍ଷତଚିହ୍ନ ରହିଛି ଏବଂ ଆଖି ବାହାରିଯାଇଛି। ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଓ ଗ୍ରାମବାସୀ ସନ୍ଦେହ କରିଛନ୍ତି। କୋଟ୍ୱାଲି ପୋଲିସ ଏହାକୁ ହତ୍ୟା ମାମଲା ଭାବେ ଗ୍ରହଣ କରି ଅଧିକ ତଦନ୍ତ ଚଳାଇଛି। ରବିବାର ଫୈଜାବାଦର ସମାଜବାଦୀ ପାର୍ଟି ଏମ୍‌ପି ଅୱଧେଶ ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ଘଟଣାକୁ ନେଇ କାନ୍ଦି ପକାଇବା ସହ ଦଳିତ ଯୁବତୀଙ୍କ ପରିବାରକୁ ନ୍ୟାୟ ନ ମିଳିଲେ ନିଜ ଆସନରୁ ଇସ୍ତଫା ଦେବେ ବୋଲି କହିଛନ୍ତି।

## କେନ୍ ମାର୍ଟିନ୍ ଆମେରିକା ଡେମୋକ୍ରାଟ୍ ନେତା ନିର୍ବାଚିତ



ୱାଶିଂଟନ,୨।୨

ଆମେରିକାର ଡେମୋକ୍ରାଟ୍‌ମାନେ ୫୧ ବର୍ଷୀୟ ପ୍ରଗତିଶୀଳ ଆକ୍ଟିଭିଷ୍ଟ କେନ୍ ମାର୍ଟିନ୍‌ଙ୍କୁ ଶନିବାର ସେମାନଙ୍କ ନେତା ନିର୍ବାଚିତ କରିଛନ୍ତି। ଗତବର୍ଷ ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ପରାଜିତ ହେବା ପରେ ସ୍ଥିତି ସୁଧାରିବା ପାଇଁ ମାର୍ଟିନ୍ ଦଳର ପୁନର୍ଗଠନ କରିବେ। ଏଥିସହିତ ରିପବ୍ଲିକାନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସବୁ ଦିଗରୁ କିପରି ବିରୋଧ କରାଯିବ, ସେ ନେଇ ବାଟ ବାହାର କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ସବୁ ନିର୍ବାଚନରେ ଏବଂ ସବୁ ସ୍ତରରେ ଦଳକୁ ସଶକ୍ତ କରାଇବା ପାଇଁ ଆମକୁ କଠିନ ପରିଶ୍ରମ କରିବାର ସମୟ ଆସିଛି ବୋଲି ଡେମୋକ୍ରାଟିକ୍ ନ୍ୟାଶନାଲ କମିଟି (ଡିଏନ୍‌ସି)ର ନୂଆ ଅଧ୍ୟକ୍ଷ ମାର୍ଟିନ୍ କହିଛନ୍ତି।

## ଆଜି ଅମୃତ ସ୍ନାନ ପାଇଁ ବ୍ୟାପକ ପ୍ରସ୍ତୁତି

### ହାଇ ଆଲର୍ଟରେ ମେଡିକାଲ ଟିମ୍

ପ୍ରୟାଗରାଜ/ମହାକୁମ୍ଭ ନଗର,୨।୨

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭରେ ଗତ ମାସ ୨୯ ତାରିଖ ମୌନି ଅମାବାସ୍ୟା ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ସୋମବାର ବସନ୍ତ ପଞ୍ଚମୀ ଶାହୀ ସ୍ନାନ ପଡୁଥିବାରୁ ଆୟୋଜନରେ ଯେପରି ସାମାନ୍ୟ ତ୍ରୁଟି ନ ରହେ, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରୟାଗରାଜରେ ଶନିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ପାରମ୍ପରିକ ଭବ୍ୟ ଶୋଭାଯାତ୍ରା ଏବଂ ଆଖଡ଼ା ପାଇଁ ସମୟସୀମା ମଧ୍ୟରେ ସମସ୍ତ ଆବଶ୍ୟକ ପ୍ରସ୍ତୁତି ଶେଷ ହେବା ଜରୁରୀ। ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ପବିତ୍ର ବୁଡ଼ ବେଳେ କୌଣସି ଭିଆଇପି ପ୍ରୋଟୋକଲ ରହିବ ନାହିଁ। ପ୍ରୟାଗରାଜ ଡିଭିଜନର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପୂର୍ଣ୍ଣ ସଜାଗ ରଖାଯାଇଛି। ସମଗ୍ର ମହାକୁମ୍ଭ ନଗର ଏବଂ ଡିଭିଜନ୍‌ର ଡାକ୍ତରମାନଙ୍କୁ କୋଟି କୋଟି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ରବିବାର ପ୍ରୟାଗରାଜର ତ୍ରିବେଣୀ ସଙ୍ଗମଠାରେ ବୁଡ଼ ପକାଉଛନ୍ତି। ଏହି ଅବସରରେ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁ ସାଧୁ ସନ୍ଥଙ୍କୁ ସାକ୍ଷାତ କରିଛନ୍ତି।

## ମହାକୁମ୍ଭ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଚିନ୍ତା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨।୨(ପି.ଟି.)

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ଗତ ମାସ ୨୯ ତାରିଖ ଅମୃତ ସ୍ନାନ ବେଳେ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଥିଲେ। ମେଳାରେ ଯୋଗଦେଉଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଏବଂ ନିୟମାବଳୀ କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସୋମବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠରେ ଏହାର ଶୁଣାଣି ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା କଜ୍ ଲିଷ୍ଟରୁ ଜଣାପଡ଼ିଛି।



ଆଇନଜୀବୀ ବିଶାଲ ତିୱାରି ଦାଏର କରିଥିବା ଉକ୍ତ ପିଟିଶନରେ ଦଳାଚକଟା ଭଳି ଘଟଣା ଯେପରି ନ ଘଟେ, ତାହା ସୁନିଶ୍ଚିତ କରିବା ଏବଂ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ, ସମାନତା ଓ ଜୀବନ ଧାରଣ ମୌଳିକ ଅଧିକାରର ସୁରକ୍ଷା ପାଇଁ ନିବେଦନ କରିଥିଲେ। ଏଥିରେ କେନ୍ଦ୍ର ଏବଂ ସମସ୍ତ ରାଜ୍ୟଙ୍କୁ ପକ୍ଷ କରାଯାଇଛି। ମହାକୁମ୍ଭ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିବେଦନ କରିଛନ୍ତି। ପ୍ରୟାଗରାଜକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷା ତଥ୍ୟ ଯୋଗାଇଦେବା ସହ ସହାୟତା କରିବା ପାଇଁ ସବୁ ରାଜ୍ୟ ସେଠାରେ ସୁବିଧା କେନ୍ଦ୍ର ଖୋଲିବାକୁ ପିଟିଶନରେ ପ୍ରସ୍ତାବ ଦିଆଯାଇଛି। ତୀର୍ଥଯାତ୍ରୀମାନଙ୍କ ଯାତାୟାତରେ ସୁବିଧା ପାଇଁ ସୂଚନା ଫଳକ ଲଗାଇବା ସହ ବିଭିନ୍ନ ଭାଷାରେ ଘୋଷଣା କରାଯିବାକୁ ନିବେଦନ କରାଯାଇଛି। ଏଥିସହିତ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପ୍ରୋଟୋକଲ୍‌ର ପ୍ରଚାର ପାଇଁ ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ବ୍ୟବହାର ନିମନ୍ତେ ଆବେଦନରେ ପ୍ରସ୍ତାବ ରହିଛି।

### ଫୁରସତ୍

## ବିଶ୍ୱର ଏକମାତ୍ର ଟେନ୍ ଷ୍ଟାର୍ ହୋଟେଲ

ଦୁବାଇ

ସାଉଦି ଆରବର ଦୁବାଇରେ ବିଶ୍ୱର ଏକମାତ୍ର ଦଶ ତାରକା ହୋଟେଲ 'ଜୁମିରା ବୁର୍ଜ ଅଲ ଆରବ' ରହିଛି। ଦୁବାଇର ଏକ କୃତ୍ରିମ ଦ୍ୱୀପରେ ନିର୍ମିତ ଏହି ହୋଟେଲ ଅତ୍ୟନ୍ତ ବିଳାସପୂର୍ଣ୍ଣ ହୋଇଥିବା ବେଳେ ଏହାର ଆକାର ଏକ ଡଙ୍ଗା ପରି ରହିଛି। ଆର୍କିଟେକ୍ଟ ଟମ୍ ରାଇଟ୍ ଏହି ହୋଟେଲର ଡିଜାଇନ୍ କରିଥିଲେ। ୧୯୯୯ ମସିହାରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ୩୨୧ ମିଟର ଉଚ୍ଚତାର ଏହି ହୋଟେଲ ବିଶ୍ୱର ସବୁଠାରୁ ଉଚ୍ଚ ହୋଟେଲ ଭାବେ ମଧ୍ୟ ପରିଚିତ। ପିକ୍ ସିଜନରେ ବୁର୍ଜ ଅଲ୍ ଆରବ ହୋଟେଲରେ ଗୋଟିଏ ରାତ୍ରିଯାପନ ପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଦେବାକୁ ପଡ଼ିଥାଏ। ତେଣୁ କେବଳ ଭିଆଇପି ଓ ସେଲିବ୍ରିଟିମାନେ ଏହି ହୋଟେଲରେ ଛୁଟି କଟାଇବାକୁ ଆସିଥାନ୍ତି। ଏହି ଅଲଟ୍ରା ବିଳାସପୂର୍ଣ୍ଣ ହୋଟେଲରେ ବୁକିଂ କରୁଥିବା ଲୋକଙ୍କୁ ଏକ ଘରୋଇ ଜେଟ୍ ଦ୍ୱାରା ସ୍ୱାଗତ କରାଯାଇଥାଏ। ସେହିପରି ଅନେକ ବିଳାସପୂର୍ଣ୍ଣ ଯାନ ସେମାନଙ୍କୁ ପାଛୋଟି ନେବାକୁ ଆସିଥାନ୍ତି। ଏହି ହୋଟେଲର ଭିତର ଅଂଶ ୨୪ କ୍ୟାରେଟ୍ ସୁନା ପ୍ଲେଟ୍‌ରେ ନିର୍ମିତ। ସେହିପରି 'ଜୁମିରା ବୁର୍ଜ ଅଲ ଆରବ'ରେ ଗ୍ରାହକମାନଙ୍କୁ ବିଶ୍ୱର ସର୍ବୋତ୍ତମ ଖାଦ୍ୟ ପରଷା ଯାଇଥାଏ। ଏହି ହୋଟେଲରେ ଏକ ଅଣ୍ଡର ୱାଟର ରେଷ୍ଟୁରାଣ୍ଟ ମଧ୍ୟ ରହିଛି।



## ରୋମାଣ୍ଟିକ ଫିଲ୍ମ କରିବାକୁ ଚାହୁଁଛନ୍ତି ଜୟଦୀପ

ମୁମ୍ବାଇ

ଅଭିନେତା ଜୟଦୀପ ଅହଲାୱତ୍‌ଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା ଲାଗିରହିଛି। ବର୍ତ୍ତମାନ ସୁଦ୍ଧା ସେ କୌଣସି ରୋମାଣ୍ଟିକ ଫିଲ୍ମ କିମ୍ବା ରୋମାଣ୍ଟିକ ଚରିତ୍ରରେ କାର୍ଯ୍ୟ କରିନାହାନ୍ତି। ରୋମାଣ୍ଟିକ ଫିଲ୍ମ କରିବାକୁ ଚାହାନ୍ତି ନାହିଁ କି ବୋଲି ରବିବାର ଏକ ସାକ୍ଷାତ୍‌କାରରେ ଜୟଦୀପଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି, ରୋମାଣ୍ଟିକ ଫିଲ୍ମ କରିବାକୁ ତାଙ୍କର ଇଚ୍ଛା ରହିଛି। ବର୍ତ୍ତମାନ ସୁଦ୍ଧା କୌଣସି ରୋମାଣ୍ଟିକ ଚରିତ୍ର କରି ନ ଥିଲେ ମଧ୍ୟ ଭବିଷ୍ୟତରେ ସୁଯୋଗ ମିଳିଲେ ଏପରି ଚରିତ୍ରକୁ ସେ ଠିକ୍ ଭାବେ କରି ଦର୍ଶକଙ୍କ ହୃଦୟ ଜିତିପାରିବେ। ଏହି ବିଶ୍ୱାସ ତାଙ୍କର ରହିଛି ବୋଲି ଜୟଦୀପ କହିଛନ୍ତି। ତେବେ ବୋଧହୁଏ କୌଣସି ଫିଲ୍ମ ନିର୍ମାତା ତାଙ୍କୁ ରୋମାଣ୍ଟିକ ଫିଲ୍ମରେ କାଷ୍ଟ କରିବାକୁ ଚାହାନ୍ତି ନାହିଁ। ସେ ରୋମାଣ୍ଟିକ ଚରିତ୍ର ମଧ୍ୟ କରିପାରିବେ, ଯେପର୍ଯ୍ୟନ୍ତ ଏନେଇ ଫିଲ୍ମନିର୍ମାତାମାନଙ୍କୁ ବିଶ୍ୱାସ ଆସିନାହିଁ ସେଯାଏ ତାଙ୍କୁ ରୋମାଣ୍ଟିକ ଚରିତ୍ରରେ ଅଭିନୟ କରିବାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଜୟଦୀପ କହିଛନ୍ତି।





ଦିଲ୍ଲୀର ଆର୍‌କେ ପୁରମଠାରେ ଏକ ନିର୍ବାଚନୀ ଜନସଭାରେ ପାଲାମ୍ ଖାପ୍ ମୁଖ୍ୟ ସୁରେନ୍ଦ୍ର ସୋଲାଙ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ହଳର ପ୍ରତିକୃତି ଭେଟି ଦେଉଛନ୍ତି।


# ତେଲଙ୍ଗାନା କଂଗ୍ରେସରେ ଫାଟ

**ପଞ୍ଚାୟତ ନିର୍ବାଚନ ପୂର୍ବରୁ ୧୦ ବିଧାୟକଙ୍କ ଗୁପ୍ତ ବୈଠକ**

ହାଇଦ୍ରାବାଦ,୨।୨

ତେଲଙ୍ଗାନାରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶାସକ ଦଳରେ ଅସନ୍ତୋଷକୁ ନେଇ ଚିନ୍ତା ବଢ଼ିଛି। ନିର୍ବାଚନ ପୂର୍ବରୁ କଂଗ୍ରେସର ୧୦ ଜଣ ବିଧାୟକ ଗୋପନରେ ରୁଦ୍ଧଦ୍ୱାର ବୈଠକ କରିଥିବାରୁ ଦଳରେ ଫାଟ ସୃଷ୍ଟି ହୋଇଥିବା ନେଇ କଳ୍ପନାଜଳ୍ପନା ବଢ଼ିଛି। ହାଇଦ୍ରାବାଦ ଉପକଣ୍ଠରେ ଥିବା ବିଧାୟକ ଅନିରୁଦ୍ଧ ରେଡ୍ଡୀଙ୍କ ଫାର୍ମ ହାଉସ୍‌ରେ ଏହି ଗୁପ୍ତ ବୈଠକ ବସିଥିଲା। ଠିକାଦାରମାନଙ୍କ ବିଲ୍ ମଞ୍ଜୁର କରାଇବା ପାଇଁ ୨ ମନ୍ତ୍ରୀ ଲାଞ୍ଚ ଦାବି କରୁଥିବାରୁ ଏହାକୁ ନେଇ ବିଧାୟକମାନେ ଚିନ୍ତା ପ୍ରକଟ କରିଥିଲେ। ଦଳ ଭିତରେ ବିଶେଷ କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁପ୍ତ ବୈଠକରେ ସାମିଲ ହୋଇଥିବା କଂଗ୍ରେସ ବିଧାୟକମାନେ ହେଲେ ନୈନି ରାଜେନ୍ଦ୍ର ରେଡ୍ଡୀ, ଭୂପତି ରେଡ୍ଡୀ, ୟେନ୍ନାମ ଶ୍ରୀନିବାସ ରେଡ୍ଡୀ, ମୁରଲୀ ନାଏକ, କୁଚାକୁଲ୍ଲା ରାଜେଶ ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଅନିରୁଦ୍ଧ ରେଡ୍ଡୀ, ଲକ୍ଷ୍ମୀକାନ୍ତ ରାଓ, ଦୋଣ୍ଡି ମାଧବ ରେଡ୍ଡୀ ଏବଂ ବିର୍ଲା ଇଲାୟା। ଅସନ୍ତୋଷ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମନ୍ତ୍ରୀମାନଙ୍କ ବୈଠକ ଡାକିଥିବା ଜଣାପଡ଼ିଛି। ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଗୁପ୍ତ ବୈଠକରେ ଯୋଗ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ଏବଂ ଏମ୍‌ଏଲ୍‌ସି ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କ ବିଦ୍ରୋହ ଲୋକଙ୍କ ପାଖକୁ ଭୁଲ୍ ବାର୍ତ୍ତା ପଠାଇବ ବୋଲି ଦଳ ହାଇକମାଣ୍ଡ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟକମାନଙ୍କ ସହ ସମନ୍ୱୟ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ ସହକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଭାଜପାରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା, ୪ ସରପଞ୍ଚ



ଭାଜପାରେ ମିଶିଥିବା ନେତାମାନଙ୍କୁ ସ୍ୱାଗତ କରାଯାଉଛି।

ଛତ୍ରପୁର,୨।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ରିକାପଲ୍ଲିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ୪ ସରପଞ୍ଚ, ୩ ସମିତିସଭ୍ୟଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଓ ପଞ୍ଚାୟତ ପ୍ରତିନିଧି ବିଜେଡି ଏବଂ ସିପିଆଇ ଛାଡି ଛତ୍ରପୁର ବିଧାୟକ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକମାନେ ସେମାନଙ୍କୁ ଭାଜପା ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଭାଜପାରେ ଯୋଗଦେଲେ ବୋଲି ନୂତନ ନେତାମାନେ ଘୋଷଣା କରିଥିଲେ । ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା , ବଡ଼ମାଧପୁର ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ପୂର୍ବତନ ଜିଲା ପରିଷଦ ଏସ. କିଶୋର ଚନ୍ଦ୍ର ରେଡ୍ଡୀ, ପୋଡ଼ାପଦର ସରପଞ୍ଚ ସୁଜାତା ଦାସ, ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ସାହୁ, ସମିତି ସଭ୍ୟ ବି. ସୋନାଲି ସେନାପତି , ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ସାହୁ, ଲକ୍ଷ୍ମୀପୁର ସମିତି ମେମ୍ବର ଏନ. ରମେଶ ରେଡ୍ଡୀ, ଅଗସ୍ତିନୂଆଗାଁ ସରପଞ୍ଚ ଉର୍ମିଳା ଦାସ, ବାପି ଦାସ, ମହାନାଦପୁର ସମିତି ସଭ୍ୟା ସୁନୀତା ବେହେରା, ପୂର୍ବତନ ସରପଞ୍ଚ ଅଶୋକ ପାଣିଗ୍ରାହୀ, ବିପୁଲିଙ୍ଗି ପଞ୍ଚାୟତର କାମରାଜୁ ଖୁଣ୍ଟିଆ, ଚମାଖଣ୍ଡି ପଞ୍ଚାୟତ ସିପିଆଇର ବରିଷ୍ଠ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ , ବଉଳଗାଁ ସମିତି ମେମ୍ବର ରାମଚନ୍ଦ୍ର ପରିଡ଼ା, ଶ୍ରୀରାମଚନ୍ଦ୍ରପୁରର ନାରାୟଣ ପ୍ରଧାନ ଓ ଗଞ୍ଜାମ ବ୍ଲକ ହୁମା ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ଦାସ ପ୍ରମୁଖ ଭାଜପାରେ ମିଶିଥିଲେ ।

# ବଜେଟକୁ ନେଇ ଭାଜପାକୁ ଟାର୍ଗେଟ କଲେ ବିଜେଡି, କଂଗ୍ରେସ

ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)

- ବିହାରରେ ନିର୍ବାଚନ ରହିଛି, ସେଥିଲାଗି ସେମାନେ ହ୍ୱାଇଁ ପୁଅ: ବିଜେଡି
- ଓଡ଼ିଶାକୁ ନିରାଶ କରିଛି ଡବଲ ଇଞ୍ଜିନ ସରକାର: କଂଗ୍ରେସ
- ବଜେଟକୁ ଜନସମର୍ଥନ ଦେଖି ବିରୋଧୀ ବ୍ୟସ୍ତବିବ୍ରତ: ଭାଜପା

କେନ୍ଦ୍ର ବଜେଟରେ ଓଡ଼ିଶାକୁ ଅବହେଳା କରାଯାଇଥିବା ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। ଆଗକୁ ନିର୍ବାଚନ ଥିବାରୁ ବିହାରକୁ ଫୋକସ୍‌ରେ ରଖାଯାଇଥିବା ବେଳେ ଓଡ଼ିଶାକୁ ଅବହେଳା କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟ ଭାଜପାର ଯୁକ୍ତି କିନ୍ତୁ ପୂର୍ବ ଅପେକ୍ଷା ଓଡ଼ିଶାକୁ ଢେର୍ ଅଧିକ ଅର୍ଥ ମିଳିଛି।

ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବଜେଟରେ ଓଡ଼ିଶା ପୁଣି ଅବହେଳିତ ହୋଇଛି। ରାଜନୈତିକ ସ୍ୱାର୍ଥକୁ ଆଖି ଆଗରେ ରଖି ବଜେଟରେ ବ୍ୟବସ୍ଥା କରାଯାଇଛି। ବିହାରରେ ନିର୍ବାଚନ ଅଛି, ସେଥିପାଇଁ ବିହାର ହ୍ୱାଇଁ ପୁଅ ହୋଇଗଲା। ଓଡ଼ିଶା ପ୍ରତି କାହିଁକି ଏଭଳି ବୈମାତୃକ ମନୋଭାବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି, କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ନିରାଶ କରିଛି। ଓଡ଼ିଶା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନାହିଁ କି ଦୀର୍ଘଦିନ ଧରି ଦାବି ହେଉଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲାନି। ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ଏହାକୁ ମୁକାବିଲା ପାଇଁ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ମିଳିଲାନି ବୋଲି ପଞ୍ଚାନନ କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି, ପାର୍ଲାମେଣ୍ଟରେ ଶନିବାର ଏକ ଐତିହାସିକ, ଜନକଲ୍ୟାଣକାରୀ ଓ ବିକାଶମୁଖୀ ବଜେଟ ଆଗତ କରାଯାଇଛି। ଏହି ବଜେଟକୁ ଅଭୂତପୂର୍ବ ଜନସମର୍ଥନ ମିଳିଛି। ଏନେଇ ବିଜେଡି ବ୍ୟସ୍ତବିବ୍ରତ ହୋଇପଡିଛି। ଏହି ଜନକଲ୍ୟାଣକାରୀ ବଜେଟ ଓଡ଼ିଶା ବିକାଶକୁ ତ୍ୱରାନ୍ୱିତ କରିବ। ଦେଶର ସବୁବର୍ଗର ଲୋକେ ସବୁଦିଗରୁ ଏହି ବଜେଟ ଦ୍ୱାରା ଲାଭାନ୍ୱିତ ହେବେ। ପ୍ରଧାନମନ୍ତ୍ରୀ ସବୁବେଳେ ଓଡ଼ିଶା ଉପରେ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ରାଜ୍ୟରେ ବିଜେଡି ସରକାରରେ ଥିଲାବେଳେ ବେପରୁଆ ମନୋଭାବ ପ୍ରଦର୍ଶନ କରି ମହିଳା ବିକାଶଠାରୁ ଆରମ୍ଭ କରି ପୋଷଣ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦୁଇଦଶନ୍ଧି ଧରି ଅବହେଳିତ କରିଥିଲା। ମାତ୍ର ଏବେ ଓଡ଼ିଶାରେ ଭାଜପା ସରକାର ଥିବାରୁ ଏସବୁ ଅସୁବିଧା ଦୂର କରି ରାଜ୍ୟକୁ ବିକାଶ ପଥରେ ଆଗେଇ ନେବାରେ ଲାଗିଛି ବୋଲି ସେ କହିଛନ୍ତି।

## ସୋନିଆ, ରାହୁଲ, ପ୍ରିୟଙ୍କାଙ୍କ ନାଁରେ ମାମଲା

ମୁଜାଫରପୁର, ୨।୨

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀଙ୍କ ନାଁରେ ରବିବାର ମୁଜାଫରପୁର ସିଜେଏମ୍ କୋର୍ଟରେ ମାମଲା ରୁଜୁ ହୋଇଛି। ମୁଜାଫୁରପୁରର ଜଣଶୁଣା ଆଇନଜୀବୀ ସୁଧୀର କୁମାର ଓଝାଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ ହୋଇଛି। ସଂସଦର ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ ରାହୁଲ, ସୋନିଆ ଓ ପ୍ରିୟଙ୍କା ତାଙ୍କୁ ନେଇ ଅପମାନଜନକ ଟିପ୍ପଣୀ କରିଥିଲେ ବୋଲି ସୁଧୀର ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

Business

# ସର୍ବୋଚ୍ଚ ସ୍ତରରେ ସୁନା ଦର

**ରୁପା ଦର ୧.୧୦ ଲକ୍ଷ ନିକଟବର୍ତ୍ତୀ**

ନୂଆଦିଲ୍ଲୀ,୨।୨(ଅଭୟ ଦାଶ)



କ୍ରମାଗତ ଭାବେ ସୁନା ଓ ରୁପା ଦର ଘରୋଇ ବଜାରରେ ବୃଦ୍ଧି ପାଇଚାଲିଛି। ଏପରି କି ବର୍ତ୍ତମାନ ବିବାହ ଋତୁ ଓ ଶୁଭକାର୍ଯ୍ୟ ସାରା ଦେଶରେ ଜାରି ରହିଥିଲାବେଳେ ମୂଲ୍ୟବାନ ଧାତୁ ଏବଂ ସୁନା ଓ ରୁପା ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ଅତିରିକ୍ତ ଖର୍ଚ୍ଚାନ୍ତ କରାଉଥିଲା ବେଳେ ବ୍ୟବସାୟ ମାନ୍ଦା ରହୁଥିବା ବେଳେ ବର୍ତ୍ତମାନ ସୁନା ଦର ସର୍ବୋଚ୍ଚସ୍ତରରେ ପହଞ୍ଚିଛି ଏବଂ ରୁପା ଦର ୧.୧୦ ଲକ୍ଷ ନିକଟବର୍ତ୍ତୀ ହୋଇଛି ବୋଲି ଉଭୟ ରିଟେଲ ଓ ବୃହତ୍‌ବର୍ଗର ବ୍ୟବସାୟୀମାନେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଦରବୃଦ୍ଧି ଯୋଗୁ ଗ୍ରାହକ କାର୍ଯ୍ୟ ଚଳାଇବା ଭଳି କାରବାର ବା ସାମଗ୍ରୀ କ୍ରୟ କରୁଥିବା ଅଳଙ୍କାର ବ୍ୟବସାୟୀମାନେ କହିଛନ୍ତି। ଏପରି କି ସେମାନଙ୍କ କହିବା ଅନୁଯାୟୀ ଯେଉଁ ଗ୍ରାହକ ପୂର୍ବ ଥର ମନ ମୁତାବକ ସାମଗ୍ରୀ କ୍ରୟ କରୁଥିଲାବେଳେ ବର୍ତ୍ତମାନ ସେହି ଗ୍ରାହକ କାମ ଚଳାଇବା ଭଳି ସାମଗ୍ରୀ କ୍ରୟ କରୁଛି। ଗୋଟିଏ ପଟରେ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଉଚ୍ଚା ରହିଥିଲା ବେଳେ ଅପରପକ୍ଷରେ ଶୁଭ କାର୍ଯ୍ୟ ପାଇଁ ସୁନା ଓ ରୁପା ଭଳି ମୂଲ୍ୟବାନ ସାମଗ୍ରୀ କିଣିବାକୁ ମଧ୍ୟ ଗ୍ରାହକ କୁଣ୍ଠାବୋଧ କରୁଛନ୍ତି।

ସେହିଭଳି ରବିବାର ଭୁବନେଶ୍ୱରରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନାର ଦର ୮୪,୪୧୦ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୭୭,୪୫୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନାର ଦର ୬୩,୩୭୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୭,୦୦୦ ଟଙ୍କାରେ ରହିଛି।

ସେହିପରି ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନାର ଦର ୮୪,୬୭୩ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ ଗ୍ରାମ ପିଛା ୨୨କ୍ୟାରେଟ ସୁନାର ଦର ୭୭,୬୨୩ ଟଙ୍କା ଏବଂ ୧୮ କ୍ୟାରେଟ ସୁନାର ଦର ୬୩,୪୯୦ ଟଙ୍କାରେ ବିକ୍ରି ହେଉଥିଲା ବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୨,୦୦୦ଟଙ୍କାରେ ରହିଛି।

ଉଲ୍ଲେଖଯୋଗ୍ୟ, ଚେନ୍ନାଇ ବଜାରରେ ୨୪ କ୍ୟାରେଟ ସୁନାର ଦର ୮୪,୫୧୧ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୯,୭୦୦ ଟଙ୍କାରେ ପହଞ୍ଚିଛି।

## ଡିଜିଟ୍ ଲାଇଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୨

ଗୋ ଡିଜିଟ୍ ଲାଇଫ୍ ଇନସ୍ୟୁରାନ୍ସ ଲିମିଟେଡ୍ ବା ଡଜିଟ୍ ଲାଇଫ୍‌ର ନୂତନ ଉତ୍ପାଦ ତଥା ପ୍ରଥମ ବ୍ୟକ୍ତିଗତ ପିୟୋର୍ ଟର୍ମ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ଲାନ 'ଡିଜିଟ୍ ଗ୍ଲୋ ଟର୍ମ ଲାଇଫ୍ ଇନସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାକୁ ସ୍ୱତନ୍ତ୍ର ଭାବେ ସେଲ୍ଫ-ଏମ୍ପ୍ଲଏଡ୍ ଭାରତୀୟମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ଅପରପକ୍ଷରେ ଗ୍ରାହକସେବାକୁ ସୁଗମ କରିବା ଏବଂ ଏଜେଣ୍ଟମାନଙ୍କୁ ଶୀଘ୍ର ସାମିଲ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏପରିକି ଭୁବନେଶ୍ୱରର ଶହୀଦ ନଗରଠାରେ ଡିଜିଟ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ସିଧାସଳଖ ପଲିସି କ୍ରୟ ଏବଂ ଏଜେଣ୍ଟମାନଙ୍କୁ ସାମିଲ କରିବା ପାଇଁ କାର୍ଯ୍ୟାଳୟ ଖୋଲିଛି।

## 'ସଲିଟାୟାର ୱାନ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୨



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ସଲିଟାୟାର ୱାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହା ପ୍ରାକୃତିକ ହୀରାକୁ ନେଇ ଏକ ଉତ୍କୃଷ୍ଟ କଲେକ୍ସନ୍ ହୋଇଥିଲାବେଳେ ପ୍ରତ୍ୟେକଟି ଅନ୍ତର୍ଜାତୀୟ ପରୀକ୍ଷାଗାର ଦ୍ୱାରା ଏହା ପ୍ରମାଣିତ ହୋଇଛି। ଏପରିକି ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ୍ ଆମ୍ବାସାଡର ଆଲିଆ ଭଟ୍ଟଙ୍କୁ ନେଇ ଏକ ନୂତନ ଟିଭିସ ଏବଂ ସଲିଟାୟାର ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ସ୍ମୃତିବହୁଳ କରିବା ପାଇଁ ଉଦ୍ଦିଷ୍ଟ ହୋଇଛି, ରତ୍ନ ପାଇଁ ପ୍ରତ୍ୟେକ ମହିଳା ଭଲ ପାଇବାକୁ ଏହା ପ୍ରତିଫଳିତ କରିଛି। ସେହିଭଳି ଆଲିଆ ଭଟ୍ଟଙ୍କ ଅଭିନୀତ ଏକ ମନମୋହକ ଚଳଚ୍ଚିତ୍ର ସହିତ ଆରମ୍ଭ ହୁଏ, ଯାହା ସୁନ୍ଦର ଭାବେ ଜଡିତ ୩ଟି ପ୍ରେମ କାହାଣୀକୁ ଜୀବନ୍ତ କରିଥାଏ। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ସଲିଟାୟାର ୱାନ୍ କେବଳ ଏକ କଲେକ୍ସନ୍ ନୁହେଁ ବରଂ କିଛି ଅଧିକ। ଏହା କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପ୍ରେମ ଶକ୍ତିର ଏକ ଉତ୍ସ। ଏହି ଅଭିଯାନ ମହିଳାମାନେ ସଲିଟାୟାର ସହିତ ଅଂଶୀଦାର କରୁଥିବା ଗଭୀର ଭାବପ୍ରବଣ ସମ୍ପର୍କକୁ କଏଦ କରିଛି। ଯାହା ସୌନ୍ଦର୍ଯ୍ୟ ଏବଂ ସ୍ଥାୟୀ ମୁହୂର୍ତ୍ତ ଉଭୟକୁ ପ୍ରତୀକ କରିଥାଏ। ଏହି ଅଭିଯାନରୁ ପାଇଥିବା ପ୍ରତିକ୍ରିୟାରେ ଆମେ ବହୁତ ଉତ୍ସାହିତ ଏବଂ ଏହାକୁ ପିନ୍ଧୁଥିବା ପ୍ରତ୍ୟେକ ମହିଳାଙ୍କ ଶକ୍ତି, କୃତିତ୍ୱ ଏବଂ ବ୍ୟକ୍ତିତ୍ୱକୁ ପ୍ରତିନିଧିତ୍ୱ କରୁଥିବା ଏକ ଖଣ୍ଡ ପ୍ରଦାନ କରିବାକୁ ଗର୍ବିତ।

## ଆକ୍ସିସ ମ୍ୟାକ୍ସ ଲାଇଫ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୨।୨

ଦେଶର ପ୍ରମୁଖ ବୀମା କମ୍ପାନୀ ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍‌ସ୍ୟୁରାନ୍ସ ଲିମିଟେଡର ନୂତନ ଅଭିଯାନ 'ଇନ୍‌ସ୍ୟୋର ଆର୍ଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନ ଅଧୀନରେ ଦେଶର ଟିୟର-୪ ଓ ଟିୟର-୩ ଟାଉନରେ ଥିବା ବୀମା କମ୍ପାନୀର ୩୫ ଶାଖା ଅଞ୍ଚଳରେ ୭୦୦୦ରୁ ଅଧିକ ଚାରାରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ ଏବଂ କେରଳ ଭଳି ୩୫ଟି ଆରୋହଣ ଶାଖାରେ ଏହି ଅଭିଯାନ ଆରମ୍ଭ ହୋଇଛି।

ସେହିଭଳି କମ୍ପାନୀ କର୍ମଚାରୀ, ଏଜେନ୍ସି ଅଂଶୀଦାର ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୧୭୦୦ରୁ ଅଧିକ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଏହି ଅଭିଯାନ ଓ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ପାର୍କ, ସ୍କୁଲ ଏବଂ ସାର୍ବଜନୀନ ସ୍ଥାନ ଭଳି ସ୍ଥାନୀୟ ହଟ୍‌ସ୍ପଟ୍‌କୁ ସବୁଜ ଏବଂ ସ୍ୱଚ୍ଛ ପରିବେଶରେ ପରିଣତ କରି ସବୁଜ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନ ଓ ବୃକ୍ଷରୋପଣ ପଦକ୍ଷେପର ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଅଂଶୀଦାର ମାଲିକାନା ଏବଂ ଦୀର୍ଘମିଆଦୀ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ସମୁଦାୟକୁ ସକ୍ରିୟ ଭାବେ ନିୟୋଜିତ କରାଯାଉଛି। ଏ ସମ୍ପର୍କରେ ଆକ୍ସିସ ମ୍ୟାକ୍ସ ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ ସୁମିତ ମଦନ କହିଛନ୍ତି,ଆମେ 'ଡବଲ୍ ଭରସା'ର ପ୍ରତିଶ୍ରୁତି ପୂରଣ କରିବାରେ ବିଶ୍ୱାସ କରିଥାଉ। ଯେହେତୁ ଆମେ ମେଟ୍ରୋ ଏବଂ ଟିୟର-୧ ଟାଉନଠାରୁ ଅଧିକ ବିସ୍ତାର କରୁଛୁ, ଆମେ ଏହି ସହରଗୁଡ଼ିକରେ ଥିବା ସମ୍ପ୍ରଦାୟଗୁଡ଼ିକୁ ଆର୍ଥିକ ନିରାପତା ପ୍ରଦାନ କରିବା ସହିତ ସେମାନଙ୍କ ପରିବେଶ କଲ୍ୟାଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସେମାନଙ୍କ ସହିତ ଗଭୀର ସମ୍ପର୍କ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।

ସେହିଭଳି ଆକ୍ସିସ ମ୍ୟାକ୍ସ ଲାଇଫ ଇଏସ୍‌ଜି ମୁଖ୍ୟ ଏବଂ କମ୍ପାନୀ ସେକ୍ରେଟାରୀ ଜେନେରାଲ କାଉନସେଲ ଅନୁରାଗ ଚୌହାନ କହିଛନ୍ତି, 'ଇନ୍‌ସ୍ୟୋର ଆର୍ଥ' ଅଭିଯାନ ସ୍ଥାନୀୟ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛି।

## ମହାକୁମ୍ଭରେ ରିଲାଏନ୍ସର ସେବା କାର୍ଯ୍ୟ ଜାରି



ମହାକୁମ୍ଭରେ ରିଲାଏନ୍ସ ପକ୍ଷରୁ ଅନ୍ନ ସେବା ଯୋଗାଇ ଦିଆଯାଉଛି।

ମୁମ୍ବାଇ,୨।୨

ଦୀର୍ଘ ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆୟୋଜିତ 'ମହାକୁମ୍ଭ' (କୁମ୍ଭ ମେଳା)ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ସେବା କାର୍ଯ୍ୟ ଜାରି ରହିଛି। ଏପରି କି ପ୍ରତିଦିନ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସେବା ଯୋଗାଇବା ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟ ହାତକୁ ନିଆଯାଇଛି। ବିଶେଷ କରି ପୁଷ୍ଟିକର ଭୋଜନ, ଆବଶ୍ୟକ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପରିବହନ ଏବଂ ଯୋଗାଯୋଗ ସଂଯୋଗ ପରି ଅନେକ ସେବା ତୀର୍ଥଯାତ୍ରୀଙ୍କୁ ରିଲାଏନ୍ସ ପକ୍ଷରୁ ପ୍ରଦାନ କରାଯାଉଛି। ସେହିଭଳି 'ତୀର୍ଥଯାତ୍ରୀ ସେବା' ମାଧ୍ୟମରେ ରିଲାଏନ୍ସ ପକ୍ଷରୁ ଯାତ୍ରାକୁ ସୁରକ୍ଷିତ, ଆରାମଦାୟକ ଏବଂ ଆଧ୍ୟାତ୍ମିକ ଭାବେ ସମୃଦ୍ଧ କରିବାକୁ ପ୍ରୟାସ କରାଯାଉଛି। ତୀର୍ଥଯାତ୍ରୀଙ୍କୁ ୮ଟି ପ୍ରମୁଖ ଉପାୟରେ ସେବା ଯୋଗାଇ ଦିଆଯାଉଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏଥିମଧ୍ୟରୁ ସବୁଠାରୁ ବଡ଼ ହେଉଛି ଅନ୍ନସେବା, ଯାହା ଅଧୀନରେ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀଙ୍କୁ ମାଗଣା ଭୋଜନ ପରିବେଷଣ କରାଯାଉଛି। ରିଲାଏନ୍ସ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଆଖଡ଼ାଗୁଡିକରେ ମାଗଣା ଭୋଜନ ଏବଂ ଜଳ ପରିବେଷଣ କରୁଛନ୍ତି।

ରିଲାଏନ୍ସ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଓପିଡି ଏବଂ ଦନ୍ତ ଚିକିତ୍ସା ସେବା ଭଳି ସୁବିଧା ଦିନ ରାତି ୨୪ ଘଣ୍ଟା ଉପଲବ୍ଧ କରାଉଛନ୍ତି। ମହିଳାମାନଙ୍କୁ ମାଗଣା ସାନିଟାରୀ ନାପକିନ୍ ବଣ୍ଟନ କରାଯାଉଛି। ଏହାବ୍ୟତୀତ ଯାତ୍ରାକୁ ସହଜ, ସୁଗମ ଏବଂ ନିରାପଦ କରିବା ପାଇଁ ଆହୁରି ଅନେକ ଉଦ୍ୟମ ମଧ୍ୟ କରାଯାଉଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି, କୁହାଯାଏ ଯେ ଯେତେବେଳେ ଆମେ ତୀର୍ଥଯାତ୍ରୀମାନଙ୍କ ସେବା କରୁ, ସେତେବେଳେ ଆମେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାଉ। ସହସ୍ରାବ୍ଦୀରେ ଗୋଟିଏ ଥର ହେଉଥିବା ଏହି ଆୟୋଜନରେ ତୀର୍ଥଯାତ୍ରୀମାନଙ୍କୁ ଆମର ସେବା ଯୋଗାଇଦେବା ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ ରହିଛି।

## ଓଲାର ନୂଆ ଏସ୍‌୧ ଜେନ୍ ୩ ପୋର୍ଟଫୋଲିଓ

ନୂଆଦିଲ୍ଲୀ,୨।୨

ଦେଶର ପ୍ରମୁଖ ଇଲେକ୍ଟ୍ରିକ ଭେହିକିଲ ବା ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଏସ୍‌୧ ଜେନ୍ ୩ ପୋର୍ଟଫୋଲିଓ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଇଭି ଟେକ୍ନୋଲୋଜିକୁ 'ନେକ୍ସଟ ଲେଭେଲ ବା ପରବର୍ତ୍ତୀ ସ୍ତରକୁ ମାର୍ଗ ଦେଖାଇବ।

ଏ ସମ୍ପର୍କରେ ଓଲା ଇଲେକ୍ଟ୍ରିକର ଅଧ୍ୟକ୍ଷ ତଥା ଏମ୍‌ଡି ଭାବିଶ ଅଗ୍ରୱାଲ କହିଛନ୍ତି, ଆମର ପ୍ରଥମ ପିଢ଼ିର ସ୍କୁଟରଗୁଡ଼ିକ ସହ ଆମେ ଗ୍ରାହକଙ୍କୁ ବାସ୍ତବରେ ଏକ ଆକାଂକ୍ଷିତ ଇଲେକ୍ଟ୍ରିକ ସ୍କୁଟର ପ୍ରଦାନ କରୁଛୁ, ଯାହା ଦେଶରେ ଇଭି ବିପ୍ଳବର ଆରମ୍ଭ କରିଥିଲା। ଜେନ ୨ ସହିତ ଆମେ ପ୍ରତ୍ୟେକ ମୂଲ୍ୟ ବର୍ଗରେ ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍କୁଟର ସହ ଆମର ପୋର୍ଟଫୋଲିଓକୁ ବିସ୍ତାର କରି ସ୍କୁଟରଗୁଡ଼ିକୁ ସ୍ମାର୍ଟ ଓ ଅଧିକ ପହଞ୍ଚଯୋଗ୍ୟ କରିଛୁ। ଏପରିକି ଆଜି ଆମେ ଜେନ୍ ୩ ସହିତ ଇଭି ୨ଡବ୍ଲ୍ୟୁ ଶିଳ୍ପକୁ ମଧ୍ୟ 'ନେକ୍ସଟ ଲେଭେଲ'କୁ ନେଇଛୁ। ଜେନ୍ ୩ ଅତୁଳନୀୟ ପ୍ରଦର୍ଶନ, ଉନ୍ନତ ଦକ୍ଷତା ଓ ଆମେ ନିଜ ପାଇଁ ସୃଷ୍ଟି କରିଥିବା ପୁନଃଆବିଷ୍କୃତ ପାଇଁ ବେଞ୍ଚମାର୍କ ଆଣିଛି, ଯାହା ଶିଳ୍ପକୁ ପୁଣିଥରେ ପରିବର୍ତ୍ତନ କରିବ। ସେହିଭଳି ଆଡ୍‌ଭାନ୍ସଡ ଜେନ୍ ୩ ପ୍ଲାଟଫର୍ମ ଉପରେ ନିର୍ମିତ ନୂଆ ପୋର୍ଟଫୋଲିଓର ମୂଲ୍ୟ ବର୍ତ୍ତମାନ ଏସ୍‌୧ ଏକ୍ସ (୨କେଡବ୍ଲ୍ୟୁଏଚ୍)ର ମୂଲ୍ୟ ୭୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏସ୍‌୧ ପ୍ରୋ+ ୫.୩ କେଡବ୍ଲ୍ୟୁଏଚ୍‌ର ପ୍ରାରମ୍ଭିକ ମୂଲ୍ୟ ୧,୬୯,୯୯୯ ଟଙ୍କା ରହିଛି। ଜେନ ୩ ପୋର୍ଟଫୋଲିଓର ଶୀର୍ଷକ ହେଉଛି,ଫ୍ଲାଗଶିପ ଏସ୍‌୧ ପ୍ରୋ+ ୫.୩ କେଡବ୍ଲ୍ୟୁଏଚ୍ (୪୬୮୦ ଭାରତ ସେଲ୍ ସହିତ) ଏବଂ ୪ କେଡବ୍ଲ୍ୟୁଏଚ୍ ଯାହାର ମୂଲ୍ୟ ଯଥାକ୍ରମେ ୧୬୯,୯୯୯ ଟଙ୍କା ଓ ୧୫୪,୯୯୯ ଟଙ୍କା ରହିଛି।୪ କେଡବ୍ଲ୍ୟୁଏଚ୍ ଓ ୩ କେଡବ୍ଲ୍ୟୁଏଚ୍ ବ୍ୟାଟେରି ବିକଳ୍ପରେ ଉପଲବ୍ଧ ହେଉଥିବା ଏସ୍‌୧ ପ୍ରୋର ମୂଲ୍ୟ ଯଥାକ୍ରମେ ୧,୩୪,୯୯୯ ଟଙ୍କା ଓ ୧,୧୪,୯୯୯ ଟଙ୍କା ରହିଛି।ଏସ୍‌୧ ଏକ୍ସର ମୂଲ୍ୟ ୨କେଡବ୍ଲ୍ୟୁଏଚ୍ ପାଇଁ ୭୯,୯୯୯ ଟଙ୍କା, ୩ କେଡବ୍ଲ୍ୟୁଏଚ୍ ପାଇଁ ୮୯,୯୯୯ ଟଙ୍କା ଓ ୪କେଡବ୍ଲ୍ୟୁଏଚ୍ ପାଇଁ ୯୯,୯୯୯ ଟଙ୍କା ରହିଛି।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚଢ଼ାଣି ମାଛର ମୁଣ୍ଡରେ ବାଡ଼ି ।**

ମାଛ ଯେପର୍ଯ୍ୟନ୍ତ ପାଣି ତଳେ ଥାଏ ସେ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ । ପରନ୍ତୁ ଯେତେବେଳେ ପାଣିରେ ମୁଣ୍ଡ ଟେକେ ସେତେବେଳେ ତାକୁ ଧରିବା ସହଜ ହୋଇଯାଏ । ପରୋକ୍ଷରେ ନିଜ ସ୍ତରକୁ ଭୁଲି ଔଦ୍ଧତ୍ୟ ଦେଖାଉଥିବା ବ୍ୟକ୍ତି ବିପଦ ବରଣ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଛି' ବୋଲି କହିଲେ କୁକୁର ବାର ବର୍ଷ ପାଣି ଛୁଏଁ ନାହିଁ ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଆତ୍ମସମ୍ମାନକୁ ଜଗିରଖି କାର୍ଯ୍ୟ କରିବା ଉଚିତ । ଆତ୍ମସମ୍ମାନ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବହୁଗୁଣିତ କରିଥାଏ । ସାଧାରଣତଃ ଆତ୍ମସମ୍ମାନ ହରାଇଥିବା ବ୍ୟକ୍ତିଙ୍କୁ ସମସ୍ତେ ହୀନଚକ୍ଷୁରେ ଦେଖିଥାନ୍ତି । କୁକୁର ଭଳି ଇତର ପ୍ରାଣୀର ମଧ୍ୟ ଆତ୍ମସମ୍ମାନ ଅଛି ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର ।

# ରାତିସାରା ଉପାସ ରହିଲେ ଶ୍ରୀଜୀଉ

- ପୂଜାନୀତିରେ ବିଭ୍ରାଟ
- ସରସ୍ୱତୀ ପୂଜାରେ ଧାରଣା ଦେଲେ ଶ୍ରଦ୍ଧାଳୁ
- ମୁହାଁମୁହିଁ ହେଲେ ମନ୍ଦିର ପ୍ରଶାସନିକ କର୍ତ୍ତୃପକ୍ଷ ଓ ଭକ୍ତ
- ୬ ଘଣ୍ଟା ଧାରଣା ପରେ ଅପରାହ୍ନ ୧ଟାରେ ପୂଜାନୀତି ଆରମ୍ଭ

ରଣପୁର, ୨।୨ (ସୁକାନ୍ତ କିଶୋର ଡାକୁଆ)



ପୂଜାନୀତିରେ ବିଭ୍ରାଟକୁ ବିରୋଧ କରି ଶ୍ରଦ୍ଧାଳୁମାନେ ଧାରଣାରେ ବସିଛନ୍ତି ।

ରବିବାର ପବିତ୍ର ଶ୍ରୀପଞ୍ଚମୀ ତିଥିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲା ରଣପୁର ଜଗନ୍ନାଥଙ୍କ ମନ୍ଦିରରେ ପୂଜାନୀତିରେ ବିଭ୍ରାଟ ଦେଖାଦେଇଥିଲା । ମନ୍ଦିରକୁ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଯାଇଥିଲେ । ହେଲେ ମନ୍ଦିର ରାତିତମାମ ଖୋଲା ରହିଥିଲା । ଅର୍ଥାତ୍ ଶନିବାର ରାତିରୁ ପୂଜା ଓ ଭୋଗନୀତିରେ ବିଭ୍ରାଟ ଦେଖାଦେଇଥିବା ଯୋଗୁ ଶ୍ରୀଜୀଉ ଉପବାସରେ ଥିଲେ । ଫଳରେ ରାତିତମାମ ମନ୍ଦିରରେ ପହଡ଼ ପଡ଼ି ନ ଥିଲା । ଶ୍ରଦ୍ଧାଳୁମାନେ ଏ କଥା ଜାଣିଲା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବହୁ ଶ୍ରଦ୍ଧାଳୁ ଜଗନ୍ନାଥ ମନ୍ଦିର ସମ୍ମୁଖ ରଣପୁର-ଚାନ୍ଦପୁର ରାସ୍ତାରେ ସକାଳ ୭ଟାରୁ ଧାରଣାରେ ବସିରହିଥିଲେ । ଖବର ପାଇ ରଣପୁର ତହସିଲଦାରଙ୍କ ସହିତ ମନ୍ଦିର ମ୍ୟାନେଜର ପହଞ୍ଚି ଉକ୍ତ ବିବାଦର ସମାଧାନ ପାଇଁ ଉଦ୍ୟମ କରିଥିଲେ । ହେଲେ ଶ୍ରଦ୍ଧାଳୁମାନେ ଏଥିରେ ବିରକ୍ତ ପ୍ରକାଶ କରିବା ସହିତ ପାତିଭୁକ୍ତ କରିବାରୁ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କ ସହିତ ସେମାନଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ବୁଧବାର ମନ୍ଦିର ପରିଚାଳନା କମିଟି ସହିତ ରଣପୁର ଜନସାଧାରଣଙ୍କ ଏକ ବୈଠକ ଡକାଯାଇ ଏହି ବିବାଦର ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ମିଳିବା ପରେ ଦୀର୍ଘ ୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା । ଏହାପରେ ମନ୍ଦିରରେ ମଧ୍ୟାହ୍ନ ୧ଟାରେ ପୂଜାନୀତି ଆରମ୍ଭ ହୋଇଥିଲା । ସୂଚନା ଅନୁଯାୟୀ, ଶ୍ରୀଜୀଉଙ୍କ ପହଡ଼ ପଡ଼ିବା ପୂର୍ବରୁ ମନ୍ଦିରରେ ଅନଭୋଗ ସହିତ ପୁଳି ଏଣ୍ଡୁଳି ଭୋଗ କେଉଁ ଆବହମାନ କାଳରୁ ହୋଇଆସୁଛି । ଏହାକୁ ମନ୍ଦିରର ଜଣେ ସେବାୟତ ପରିବାର କରି ଆସୁଛନ୍ତି । ଏହି ସେବା ପାଇଁ ମନ୍ଦିର ପ୍ରଶାସନ ତରଫରୁ ପ୍ରତିଦିନ ପୁଳି ଏଣ୍ଡୁଳି ଭୋଗ ପାଇଁ ୩୦ ଟଙ୍କା ଦିଆଯାଉଥାଏ । ବଜାରରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ପୁଳି ଏଣ୍ଡୁଳି ପାଇଁ ପ୍ରାପ୍ୟ ବଢ଼ାଇବା ଲାଗି ଲିଖିତ ଭାବେ ସେବାୟତ ପରିବାର ମନ୍ଦିର ପ୍ରଶାସନକୁ ଜଣାଇଥିଲେ । ହେଲେ ମନ୍ଦିର ପ୍ରଶାସନ ପ୍ରାପ୍ୟ ବଢ଼ାଇବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ । ଏହାପରେ ସେବାୟତ ପରିବାର ଶନିବାର ରାତିରୁ ଆଉ ପୁଳି ଏଣ୍ଡୁଳି ଭୋଗ ମନ୍ଦିରକୁ ଦେଇ ନଥିଲେ । ଏହାକୁନେଇ ଶନିବାର ରାତିରେ ଆଉ ଅନ ଭୋଗ ହୋଇପାରି ନ ଥିଲା କି ଶ୍ରୀଜୀଉଙ୍କ ପୂଜାନୀତି ସହିତ ମନ୍ଦିରରେ ପହଡ଼ ପଡ଼ି ନ ଥିଲା ।

# ଚାଇନା ଗଢୁଛି 'ସୁପର ପେଣ୍ଟାଗନ୍'

ୱାଶିଂଟନ୍/ନୂଆଦିଲ୍ଲୀ, ୨।୨: ପ୍ରତିରକ୍ଷା କ୍ଷେତ୍ରରେ ଆମେରିକାକୁ ଟକ୍କର ଦେଇ ବିଶ୍ୱର ସର୍ବବୃହତ୍ ସାମରିକ ଶକ୍ତି ଭାବେ ଉଭା ହେବା ପାଇଁ ଚାଇନା ଉଦ୍ୟମ ଚଳାଇଛି । ଏହି କ୍ରମେ ରାଜଧାନୀ ବେଜିଂରୁ ୩୦ କିଲୋମିଟର ଦକ୍ଷିଣରେ ୧,୫୦୦ ଏକର ଜମି ଉପରେ ଏକ ସାମରିକ ସହର ନିର୍ମାଣ କରୁଛି ଚାଇନା । ପ୍ରସ୍ତାବିତ ମିଲିଟାରୀ କମାଣ୍ଡ ସେଣ୍ଟରର ନାମ ରଖିଛି 'ବେଜିଂ ମିଲିଟାରୀ ସିଟି' । କେତେକ ଇଂଲିଶ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆମେରିକୀୟ ପ୍ରତିରକ୍ଷା କାର୍ଯ୍ୟାଳୟ ପେଣ୍ଟାଗନ୍‌ଠାରୁ ଏହାର ଆକୃତି ୧୦ ଗୁଣା ଅଧିକ ହେବ । ଉପଗ୍ରହ ମାଧ୍ୟମରେ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି ଯେ, ୨୦୨୪ ମଧ୍ୟଭାଗରୁ ଚାଇନା ବେଜିଂ ମିଲିଟାରୀ ସିଟି ନିର୍ମାଣରେ ଲାଗିପଡ଼ିଛି । ପେଣ୍ଟାଗନ୍‌ରେ କାର୍ଯ୍ୟରତ ଓ ପୂର୍ବତନ ଅନେକ ଅଧିକାରୀ ଏହି ମେଗା କନ୍‌ଷ୍ଟ୍ରକ୍ସନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଯୁଦ୍ଧ ସମୟରେ ଚାଇନା ଏହାକୁ କମାଣ୍ଡ ସେଣ୍ଟର ଭାବେ ବ୍ୟବହାର କରିପାରେ ବୋଲି ଆମେରିକାର ଗୋଇନ୍ଦା ବିଭାଗ ଅନୁମାନ କରିଛି । ୨୦୨୭ରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ହେବାକୁ ଥିବାବେଳେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇପାରେ ।


## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-1567

E-procurement Notice

Tender Call Notice No. 393/DKLMPLTY/Date : 31.01.2025

| | | | |
|---|---|---|---|
| 1 | Name of the Work | : | Individual Sanitation work published the website |
| 2 | No. of works put to tender | : | 03 Nos. individual works |
| 3 | Estimated cost | : | Rs. 18.67 Lakhs to 19.32 Lakhs |
| 4 | Date and time of availability | : | From 11.00 hours of Dt. 01.02.2025 to 17.30 of Dt. 15.02.2025 of bid document in the portal |
| 5 | Last date / Time for receipt of bids | : | 17.30 hours of Dt. 15.02.2025 |
| 6 | Date and time of opening of bid | : | 11.00 hours of Dt. 17.02.2025 |
| 7 | Name and address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal https://tenderodisha.gov.in

Sd./- Executive Officer
Dhenkanal Municipality

OIPR-13146/11/0023/2425

## CT & GST CIRCLE, ANGUL

(Under CT & GST Territorial Range, Angul)
Finance Department, Govt. of Odisha
Phone No. 06764-230344, Email : dcctangulcircle@gmail.com

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅନୁଗୋଳ ମଣ୍ଡଳ, ଅନୁଗୋଳ
(ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଆଞ୍ଚଳିକ ଚକଲା, ଅନୁଗୋଳ ଅଧୀନସ୍ଥ)
ଅର୍ଥ ବିଭାଗ, ଓଡ଼ିଶା ସରକାର
ଫୋନ ନମ୍ବର - ୦୬୭୬୪-୨୩୦୩୪୪, ଇ-ମେଲ - dcctangulcircle@gmail.com

No. 2665/CT & GST — Date 31.01.2025

**TENDER CALL NOTICE FOR SUPPLY OF ONE WATCH AND WARD SERVICE PERSONNEL**

**No.S-28** : Sealed tenders from the registered reputed Service Provider Agencies are invited for providing one Watch and Ward Service personnel for utilization of their services in the Office of the Deputy Commissioner of CT & GST, CT & GST Circle, Angul. The last date of receipt of the tender is 21.02.2025 by 05.00 P.M. The detail tender documents with terms and conditions of the tender shall be available in the website www.angul.odisha.gov.in. and www.odishatax.gov.in. The same shall also be available in the Office of the Deputy Commissioner of CT & GST, CT & GST Circle, Angul.

Sd./- Deputy Commissioner of CT & GST
CT & GST Circle, Angul

OIPR-05022/11/0001/2425

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com
NIT No. - OSSC/Mktg (Hort) - 05/2025

**e-Tender Call Notice for Procurement of Certified Onion seeds for Kharif-2025**

**No.CAD-2439** : OSSC Ltd. invites e-Tender only from registered Onion seed producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Onion Seeds for Kharif-2025** in double cover system through online mode only for the work below.

| | |
|---|---|
| Name of the work | Purchase of Certified Onion Seeds for Kharif-2025 |
| No. of work | One |
| Availability of bid documents in portal | 15.00 hours on dt.03.02.2025 to 17.00 hrs of dt.24.02.2025 |
| Last date of receipt of tender in portal | 17.00 hrs of dt.24.02.2025 |
| Date and time opening of Bid | 10.30 hrs of dt.25.02.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/corrigendum/cancellation can also be seen in the said website.

Sd./- Managing Director
OSSC Ltd.

OIPR-01045/11/0018/2425

## PANCHAYAT SAMITI, SUBDEGA

(Panchayatiraj & Drinking Water Deptt., Govt. of Odisha)
e-mail id : ori-subdega@nic.in, PIN- 770014

No. 220 — Date : 30.01.2025

**TENDER CALL NOTICE**

**No.i-463** : Sealed Tenders are invited from the interested bidder for the civil work under BDO, Subdega of Sundargarh District. The detail of **works, eligibility, estimated cost and cost of tender paper** has been uploaded in the district website www.sundargarh.odisha.gov.in. The bidder should be **C & B class contractor**. They have to submit the bid document to the undersign in the address of Office **of the B.D.O, Subdega, At/P.O. - Subdega, Pin - 770014, Dist. - Sundargarh (odisha)** through Registered post/ Speed post only on or before **14.02.2025 at 5.30 P.M.** The sale of tender paper will be available from dated **31.01.2025** to dated **14.02.2025** in the district website www.sundargarh.odisha.gov. in. The authority reserves the right to cancel or reject the entire process without assigning any reason thereof. The tender will be opened on dated **15.02.2025 at 11.00 A.M.** in the office of the undersigned in the presence of the bidders or his/her representatives.

Sd./- Block Development Officer
Subdega

OIPR-19344/11/0005/2425

## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Plot No.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023

**Tender Ref. No.04/2025**

**No.CAD-2461** : Sealed tenders are invited from interested eligible System Integrators and IT Vendors for purchase of Laptops (MacBook Pro) items for Scientific & Official use in Odisha Space Applications Centre (ORSAC). For details please visit Website : http://www.odisha.gov.in and ORSAC Website : https://orsac.odisha.gov.in or ORSAC for the tender papers.

CHIEF EXECUTIVE

OIPR-28007/11/0005/2425

## ZILLA SWASTHYA SAMITI, MALKANGIRI

**TENDER CALL NOTICE**

Bid Reference No : 920 — Date : 31.01.2025

**No.E-723** : Sealed Tenders are invited from registered Firms/ Suppliers/ Dealers & Agencies under GST Act. for supply of **HB Variant Test Multipack (Gazzelle)** under the administrative control of CDM & PHO, Malkangiri. The details regarding terms, conditions & product specifications may be downloaded from district website https://malkangiri.odisha.gov.in. The bids in sealed envelope should reach the office of the undersigned by **20.02.2025** till **4.00** P.M. along with all relevant documents. The tender will be opened at **11.00** A.M. on **21.02.2025** in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd./- C.D.M & P.H.O-cum-District Mission Director
District Health Mission, Malkangiri

OIPR-10086/11/0006/2425

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୬ — **ବିଜ୍ଞାପନ** — ତା:୨୭।୦୧।୨୫

No. CAD-2451: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ଡା. ଦୀନନାଥ ଦାସ<br>ପିତା: ୰ସିଦ୍ଧନାଥ ଦାସ<br>ସା/ପୋ.: ବର୍ତ୍ତନ<br>ଥାନା: ଭୋଗରାଇ<br>ଜିଲ୍ଲା: ବାଲେଶ୍ୱର | ଫ୍ଲାଟ୍ ନଂ.-୨୦୪,<br>ଟାଇପ୍ - ୧, ୨ୟ ମହଲା<br>ରାଧାକୃଷ୍ଣ ଏନ୍‌କ୍ଲେଭ,<br>ୟୁନିଟ୍ - ୬<br>ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ଡା. ଶ୍ରୀମା ଦାସ (ବି.କନ୍ୟା)<br>୨. ଶ୍ରୀୟା ଦାସ (ବି. କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0440/2425

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

idco | ODISHA NEW OPPORTUNITIES — No.CAD-2425

Tender Call Notice No. IDCO:H.O./P&C/EST/E-2670/01/2024/2755 — Dated : 28.01.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Construction of cement concrete pavement approach road to Worker's Hostel at Kalunga, Rourkela.
2. Estimated Cost : Rs.204.45 Lakh
3. Period of completion : 04 (Four) Calendar months
4. Other details :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-41/2024-25 | 05.02.2025 at 17.00 Hrs. | 20.02.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in

Sd./- Chief General Manager
(P&C) IDCO, Bhubaneswar

OIPR-14003/11/0104/2425

## GOVERNMENT OF ODISHA DEPARTMENT OF WATER RESOURCES Office of the Superintending Engineer, Mechanical Division, Cuttack

No.A-1014

Email Address: semechanicalcuttack@gmail.com

**e-Procurement Notice- Bid Identification No.- SE/MDC-23/2024-25 dt. 31.01.2025**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 02 (Two) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates. |
| 4. | Bid Identification No. | : | SE/MDC-23/2024-25 dt. 31.01.2025 |
| 5. | Estimated Cost | : | Rs.5,88,396.00 to Rs.7,90,564.00 |
| 6. | Period of Completion | : | 01 (One) Calendar month. |
| 7. | Date & time of availability of bid documents in the Portal | : | From dt. 03.02.2025 (11.00 AM) to dt. 14.02.2025 (5.00 PM) |
| 8. | Last date/time for receipt of bid in the Portal | : | Dtd. 14.02.2025 (up to 5.00 PM) |
| 9. | Date and Place of opening of online bids | : | dt.15.02.2025 (11.00 AM onwards in the O/o the undersigned) |
| 10. | Name of the Officer inviting bid | : | Superintending Engineer, Mechanical Division, Cuttack |

Further details can be seen from the e-procurement portal **https://tendersodisha.gov.in**

Sd./- Superintending Engineer,
Mechanical Division, Cuttack

OIPR-32529/11/0007/2425

## PATHANI SAMANTA (DEGREE) COLLEGE, KHANDAPARA

*Office of the Principal*

At/Po - Baigunia, Via - Khandapara, Dist- Nayagarh, PIN - 752077, Mob : 9437111167
Website : www.pscollege.co.in, E-mail : pscollege.khandapara@gmail.com
NAAC ACCREDITED GRADE-B

Letter No : 113 — Date : 01.02.2025

**TENDER CALL NOTICE No-113/ HE-NCNE-PLAN-0003-2024/PSCK 2025**

**No.N-176** : Proposals are invited from the reputed registered eligible firms/ manufactures/authorized dealer /suppliers located within the state of Odisha having valid GST & PAN No. for supply of science laboratory equipments, Chemicals and glassware along with laboratory development items under HE-NCNE-PLAN-0003- 2024, Dept. of Higher Education, Govt. of Odisha in the premises. The interested firms may visit the college website and download the documents for detail information and submitted their sealed proposals to the principal by speed post/Regd. Post as per the terms and condition mentioned in the documents, so as to reach the college office on or before Dt. 25.02.2025 by 5 P.M .The authority reserves the right to extend, accept or reject any or all the proposals without assigning any reason thereof. For any query, please contact college e-mail id or through mobile no.

Sd./- Principal
P.S.College, Khandapara

OIPR-11047/11/0002/2425

## ଓଡ଼ିଶା ସରକାର, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

No.A-1016

**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୯ ତାରିଖ ୩୦.୦୧.୨୦୨୫
ନିଲାମ ଡାକରା ସଂଖ୍ୟା ଅନ୍‌ଲାଇନ-୦୮/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୪-୨୫
Bid Identification No. SEMIDNGPUR-08/2024-25
ଇ-ମେଲ୍: mingpur@yahoo.in, ଟେଲିଫୋନ୍ ନମ୍ବର- ୦୬୮୫୮-୨୨୨୧୩୦

| | | | |
|---|---|---|---|
| ୧ | କାର୍ଯ୍ୟର ନାମ | : | ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ୨୦୨୪-୨୫ ବର୍ଷ ପାଇଁ । |
| ୨ | ସର୍ବମୋଟ କାମର ସଂଖ୍ୟା | : | ୫ (ପାଞ୍ଚ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୩୨.୭୦ରୁ ୪୮.୯୬ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ''ଗ'' ଏବଂ ''ଖ'' ଶ୍ରେଣୀ |
| ୫ | ଟେଣ୍ଡର କାଗଜ ମୂଲ୍ୟ (Online) | : | ଟଙ୍କା ୬,୦୦୦.୦୦ |
| ୬ | ନିଲାମ ସୁରକ୍ଷା (Online) | : | ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭ | କାର୍ଯ୍ୟ ସମାପ୍ତି ସମୟ | : | ୦୪ (ଚାରି) ମାସ |
| ୮ | ନିଲାମ ଉପଲବ୍ଧତା ତାରିଖ ଓ ସମୟ | : | ତା-୦୪.୦୨.୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା-୧୦.୦୨.୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ୍ (www.tendersorissa.gov.in)ରେ ଉପଲବ୍ଧ |
| ୯ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା- ୦୪.୦୨.୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା- ୧୦.୦୨.୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନ୍‌ଲାଇନ୍ ୱେବ୍‌ସାଇଟ୍ ମାଧ୍ୟମରେ |
| ୧୦ | ନିଲାମ ଖୋଲିବା ତାରିଖ ଓ ସମୟ | : | ତା- ୧୧.୦୨.୨୦୨୫ରିଖ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ- ନବରଙ୍ଗପୁର, ଜିଲ୍ଲା:- ନବରଙ୍ଗପୁର, ପିନକୋଡ୍- ୭୬୪୦୫୯ |
| ୧୨ | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍‌ରେ ଅଧିକ ବିବରଣୀ ଦେଖିବାକୁ ମିଳିବ | : | www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ,
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR-32294/11/0012/2425

## ODISHA STATE CO-OPERATIVE MARKETING FEDERATION LTD., MARKFED-ODISHA

Old Station Road, Bhubaneswar - 751006
No. CAD-2444 E-mail: odishamarkfed@gmail.com

**"e" Procurement Notice**

**Bid Identification No. MARKFED/01/2024-25 - Civil/392/24-25**

No. 352 — Date: 31.01.2025

1. Name of the Work : Construction of Godown, Office Building, RCC Drain with Culvert, CC Approach Road, WBM Road of MARKFED at different locations in Odisha.
2. No. of Works : 5 (Five)
3. Estimated Cost : Rs.130.00 lakh to Rs.356.00 lakh
4. Period of Completion : 9 Months
5. Date & time of availability of Bid document in the portal : From 11.00 A.M. of 04.02.2025 to 5.00 P.M. on 27.02.2025
6. Last date/time of receipt of Bids in the portal : 5.00 P.M. on 27.02.2025
7. Date of opening of Bid from portal : 12.00 hours on 28.02.2025
8. Name & address of the Officer Inviting Bid : Managing Director, MARKFED - Odisha, Old Station Road, Bhubaneswar - 751006
9. The bidders have to participate in ONLINE bidding only. Further details can be seen from the website "e-Procurement portal **www.tendersodisha.gov.in**" & any addendum, corrigendum, cancellation of tender can also be seen in the said website.

Sd./- Managing Director
MARKFED - ODISHA

OIPR-39017/11/0003/2425

## DISTRICT PROJECT OFFICE, SAMAGRA SHIKSHA, BALASORE

Public High Schools, Near ADM Chhak-756001
E-mail: dpcbalasoressa.opepa@nic.in; ssabalasore@gmail.com

**No. 567 /Date: 31.01.25**

No. n-203:- Applications are invited from the eligible lady candidates to fill up the vacancies of various posts as below in different Kasturaba Gandhi Balika Vidyalayas (KGBV Type-III) located inside Upper Primary/ Secondary Govt. Schools of Balasore District on contractual basis.

| Sl. No. | Name of the Post | No. of Vacancies | Remuneration per month (Including Employer share) |
|---|---|---|---|
| 1 | Accountant | 01 | Rs.13750/- |
| 2 | Part Time Teacher Science & Mathematics | 03 | Rs.7500/- |
| 3 | Part Time Teacher English | 01 | Rs.7500/- |
| 4 | Part Time Teacher Sanskrit/Hindi | 01 | Rs.7500/- |

The detail eligibility criteria and application form etc. are available in the district website **balasore.gov.in** and **www.osepa.odisha.gov.in**. Application in the prescribed format completed in all respect along with all relevant enclosures in a closed envelope and the envelope superscribed "APPLICATION FOR THE POST OF ____________" should reach this office on or before **20.02.2025 by 5:00 PM**. The application may be sent by Speed Post/ Registered Post only to the **DISTRICT PROJECT OFFICE, SAMAGRA SHIKSHA , PUBLIC HIGH SCHOOL CAMPUS, NEAR ADM CHOWK, BALASORE-756001**. Application submitted after due date shall not be entertained. Undersigned reserves the right to modify /cancel the advertisement/interview without assigning any reason thereof.

By order of Collector-cum-Chairman,
Samagra Shiksha, Balasore
Sd./- District Education Officer cum DPC,
Samagra Shiksha, Balasore

OIPR-27131/11/0006/2425

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER CENTRAL IRRIGATION CIRCLE, BHUBANESWAR

No.A-1002

**'e' Procurement Notice No. ACECIC-14/2024-25**

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding: From | Bid documents available online for bidding: to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR- 06/ 2024- 25 | Cement Concrete Lining in Left Distributary of Kuanria Irrigation Project from RD. 10 Km to 16.400 Km. | 821.74 | 821800/- (On Line) | 10000/- (On Line) | "A" & "Special" Class | 04.02.2025 At 10.00 Hours | 18.02.2025 At 17.00 Hours | 19.02.2025 At 11.00 Hours | 18 (Eighteen Calendar Month) |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd./- Additional Chief Engineer, Central Irrigation Circle

OIPR-32160/11/0016/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଗ୍ନେଶ୍
ପରିବାରବର୍ଗ


ଆଜିମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜମି ବ୍ୟବସାୟୀଙ୍କୁ ମାରି ଫିଙ୍ଗିଦେଲେ

- ୪ ଦିନ ତଳୁ ନିଖୋଜ ଥିଲେ
- ୬ ଅଟକ

**ବାରିପଦା,୨।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭଞ୍ଜପୁର ଥାନା ଅଞ୍ଚଳରେ ଜମି କିଣାବିକାକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତମାନେ ଜଣେ ଜମି ବ୍ୟବସାୟୀଙ୍କୁ ହତ୍ୟା କରି ବେତନଟୀ ଥାନା ଅଧୀନ ଜାମଶୂଳୀ ସଂରକ୍ଷିତ ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି। ମୃତକ ହେଲେ ବାଘଡ଼ା ରୋଡ୍ ବଡ଼େଇ ସାହିର ସାଲଖୁ ମାର୍ଣ୍ଡି। ରବିବାର ଅପରାହ୍ନ ୪ଟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନାଯୋଗ୍ୟ, ସାଲଖୁ ଓ ଦାମୋଦରପୁର ଅଞ୍ଚଳର ଜଣେ ବ୍ୟକ୍ତି ଜମି କିଣାବିକା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗତ ୩୦ ତାରିଖଠାରୁ ସାଲଖୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇପାରି ନ ଥିଲେ। ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ସାଲଖୁଙ୍କ ସ୍ତ୍ରୀ ଭଞ୍ଜପୁର ଥାନାରେ ନିଖୋଜ ସମ୍ପର୍କିତ ଏତଲା ଦେଇଥିଲେ। ସାଥୀ ବ୍ୟବସାୟୀମାନେ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର ଟଙ୍କା ମାଗୁଥିବା ନେଇ ଅଭିଯୋଗରେ ଦର୍ଶାଇଥିବା ସୂଚନା ମିଳିଛି। ପୋଲିସ ସାଲଖୁଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଜଡ଼ିତ ଥିବା ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ୨ଜଣ, ଭଞ୍ଜପୁର ଥାନା ଅଞ୍ଚଳର ଜଣେ ଓ ଝାଡ଼ଖଣ୍ଡର ବହଡ଼ାଗୋଡ଼ା ଅଞ୍ଚଳର ୩ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ହତ୍ୟାକାଣ୍ଡର ସବିଶେଷ ବିବରଣୀ ପୋଲିସ ପ୍ରକାଶ କରିନାହିଁ।


ମୃତଦେହ ଫିଙ୍ଗାଯାଇଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

# ୩ କଇଁଛ, ୧୫ ଶୁଆ ଜବତ: ୪ ଗିରଫ

**ବୌଦ୍ଧ,୨।୨ (ଅଜିତ କୁମାର ବାରିକ)**

ବେଆଇନ ଶୁଆ, କଇଁଛ ଚାଲାଣ ଅଭିଯୋଗରେ ବୌଦ୍ଧ ବନ ବିଭାଗ ପକ୍ଷରୁ ରବିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବୌଦ୍ଧ ଥାନା ଅନ୍ତର୍ଗତ କଣ୍ଟୁଆଣି ଗ୍ରାମର କିଶୋର କୁମାର ସାହୁ, ସମ୍ବଲପୁର ଜିଲା ରେଢାଖୋଲ ଥାନା ସାଲେଇସିଙ୍ଗ ଗାଁର ଯୋଗେଶ୍ୱର ଦେହୁରୀ, ରେଢାଖୋଲ ସୁଦସାହିର ବଳରାମ ଜେନା, ରେଢାଖୋଲ ଖନ୍ଦାଡିପର ଆୟୁଷ କୁମାର ସାହୁ। ସେମାନଙ୍କଠାରୁ ୩ କଇଁଛ, ୧୫ ଶୁଆ ଜବତ କରାଯାଇଛି।



ବୌଦ୍ଧରେ ଶୁଆ ଚାଲାଣ ସମ୍ପର୍କିତ ସୂଚନା ବନ ବିଭାଗର ୱାଇଲ୍ଡ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ଭୋପାଳ ପକ୍ଷରୁ ଦିଆଯିବା ପରେ ଖୋର୍ଦ୍ଧା ୱାଇଲ୍ଡ ଲାଇଫ ବିଭାଗ ପକ୍ଷରୁ ବୌଦ୍ଧ ବନ ବିଭାଗକୁ ଏନେଇ ଶନିବାର ସୂଚନା ଦିଆଯାଇଥିଲା। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନିର୍ଦ୍ଦେଶରେ ବୌଦ୍ଧରେ ଅଧିକାରୀ ଅର୍ଚ୍ଚନା ଗମାଙ୍ଗ ଓ ଫରେଷ୍ଟର ଗୋବର୍ଦ୍ଧନ ମେହେରଙ୍କ ନେତୃତ୍ୱରେ ଶୁଆ ଚାଲାଣକାରୀଙ୍କୁ ଧରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏ ନେଇ ଶୁଆ ଶାବକ କ୍ରୟ କରିବା ପାଇଁ କିଶୋରଙ୍କୁ ଯୋଗାଯୋଗ କରାଯାଇଥିଲା। କିଶୋର ୩ଟି ଶୁଆ ଶାବକକୁ ନେଇ ବିକ୍ରୟ ପାଇଁ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ ବୌଦ୍ଧରେ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ ତାଙ୍କୁ ଧରିଥିଲେ। ପ୍ରଥମେ ୩ ଶୁଆ ଶାବକ ଜବତ କରିବା ସହ କିଶୋରଙ୍କୁ ଅଟକ ରଖି ପଚରାଉଚୁରା କରାଯାଇଥିଲା। ଏହି କାରବାରରେ ଏକ ର୍ୟାକେଟ୍ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀ ଜାଣିବାକୁ ପାଇଥିଲେ। କିଶୋରଙ୍କ ସୂଚନାକୁ ଆଧାର କରି ଯୋଗେଶ୍ୱର, ବଳରାମ, ଆୟୁଷଙ୍କ ଘରେ ଚଢାଉ କରାଯାଇ ସେମାନଙ୍କ ନିକଟରୁ ୧୨ଟି ଶୁଆ ଶାବକ ଓ ୩ଟି କଇଁଛ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ବନ୍ୟଜନ୍ତୁ ସୁରକ୍ଷା ଆଇନ ଆଧାରରେ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନ୍ତର୍ଗତ ପ୍ରତିବନ୍ଧିତ ପଶୁ ପକ୍ଷୀଙ୍କୁ ଘରେ ପାଳନ ନ କରିବାକୁ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।




ଧ-୨୭୯୧


## ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଘଟଣା

# ମାଷ୍ଟର ମାଇଣ୍ଡଙ୍କ ସମେତ ୨ ଗିରଫ

**ପାରଳାଖେମୁଣ୍ଡି,୨।୨ (ଗିରିଧାରୀ ପରିଚ୍ଛା)**

ପାରଳାଖେମୁଣ୍ଡି ଜଙ୍ଗମ ସାହିର ବରିଷ୍ଠ ଆଇନଜୀବୀ ପି. ରାମାରାଓଙ୍କ ଉପରେ ଏସିଡ୍ ମାଡ଼ ଘଟଣାରେ ପୋଲିସ ମାଷ୍ଟର ମାଇଣ୍ଡଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଆନ୍ଧ୍ର ପ୍ରଦେଶର ବିଜୟୱାଡାରୁ ଉଭୟଙ୍କୁ ଶନିବାର ଗିରଫ କରି ପୋଲିସ ପାରଳାଖେମୁଣ୍ଡି ଆଣିଛି। ସେମାନେ ହେଲେ ଜଣେ ଅବସରପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଡି. ଭେଙ୍କେଟ ରାଓ ଏବଂ ଡି. ସତୀଶ। ଭେଙ୍କେଟ ଘଟଣାର ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ସତୀଶ ଓ ଅନ୍ୟ ଜଣେ ତାଙ୍କଠାରୁ ସୁପାରି ନେଇ ରାମା ରାଓଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଘଟଣାର ଷଡ଼ଯନ୍ତ୍ରକାରୀ ଭେଙ୍କେଟ ପୁରୁଣାପାଟଣା ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ ଥିବାବେଳେ ପାରଳାଖେମୁଣ୍ଡିର ଜଣେ ବସ୍ ମାଲିକ ଇଞ୍ଜା ଭେଙ୍କେଟ ରାମଣାଙ୍କ ଘନିଷ୍ଠ ବନ୍ଧୁ ଥିଲେ। ଭେଙ୍କେଟ ୨୦୦୫ରେ ରାମଣାଙ୍କୁ ବାର ଓ ରେଷ୍ଟୁରାଣ୍ଟ କରିବା ପାଇଁ ବ୍ୟକ୍ତିଗତ ଭାବେ ୩୧ ଲକ୍ଷ ଟଙ୍କା ଋଣ ଆକାରରେ ଦେଇଥିଲେ। ପରବର୍ତ୍ତୀ ସମୟରେ ରାମଣା ଏହି ଋଣ ଶୁଝି ପାରି ନ ଥିଲେ। ଭେଙ୍କେଟ ନିଜ ଟଙ୍କା ପାଇବା ପାଇଁ ରାମଣାଙ୍କ ନାମରେ ଷ୍ଟେଟ ବ୍ୟାଙ୍କରୁ ୫୫ ଲକ୍ଷ ଟଙ୍କା ଲୋନ୍ କରାଇ ଦେଇଥିଲେ। ମାତ୍ର ସେ ତାଙ୍କଠାରୁ ନେଇଥିବା ୩୧ ଲକ୍ଷ ମୂଳଟଙ୍କା ନ ଦେଇ କେବଳ ସୁଧ ଦେଇ ଆସୁଥିଲେ। ଫଳରେ ନିଜ ମୂଳ ଟଙ୍କା ନ ପାଇବା ଏବଂ ୩୧ ଲକ୍ଷ ଟଙ୍କା ଦେବାବେଳେ ମଧ୍ୟସ୍ଥ ଥିବା ଆଇନଜୀବୀ ରାମା ରାଓଙ୍କ ପାଖରେ ଏସମ୍ପର୍କିତ ସମସ୍ତ ଦସ୍ତାବିଜ ଓ ସିକ୍ୟୁରିଟି ଆକାରରେ ରାମଣା ସେତେବେଳେ ଦେଇଥିବା ଚେକ୍ ଆଦି ଥିଲା। ଏହାକୁ ନେଇ ଆଇନଗତ ପଦକ୍ଷେପ ନେବାକୁ ଭେଙ୍କେଟ ରାମାରାଓଙ୍କୁ ସେସବୁ କାଗଜପତ୍ର ବାରମ୍ବାର ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ଫଳରେ ସେ ତାଙ୍କ ଉପରେ ପ୍ରତିଶୋଧ ନେବାକୁ ଏସିଡ୍ ମାଡ ଯୋଜନା କରିଥିଲେ। ଦୁଇଜଣଙ୍କୁ ୨ ଲକ୍ଷ ଟଙ୍କା ସୁପାରି ଦେବାକୁ ଡୁଟାଇ ପ୍ରଥମେ ଅଗ୍ରୀମ ଆକାରରେ ୧ ଲକ୍ଷ ଟଙ୍କା ଭେଙ୍କେଟ ଦେଇଥିଲେ। ପରବର୍ତ୍ତୀ ସମୟରେ ସୁପାରି ନେଇଥିବା ସତୀଶଙ୍କ ସହ ଅନ୍ୟ ଜଣେ ପାରଳାଖେମୁଣ୍ଡିରେ ପହଞ୍ଚି ନିକଟସ୍ଥ ଏକ ମଦ ଦୋକାନରେ ବିୟର ପିଇ ପରେ ବିୟର କେନରେ ଏସିଡ୍ ରଖି ଆଇନଜୀବୀ ରାମାରାଓଙ୍କ ଘରକୁ ଯାଇଥିଲେ। ପାର୍ସଲ ଦେବା ଆଳରେ ତାଙ୍କ ଘର କବାଟ ପିଟି ଡାକିଥିଲେ। ରାମାରାଓ କବାଟ ଖୋଲିବା ମାତ୍ରେ ସେମାନେ ତାଙ୍କ ମୁହଁକୁ ଏସିଡ ମାଡ କରି ସେଠାରୁ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ସୁଦ୍ଧା ରାମାରାଓ ବିଶାଖାପଟଣାର ଏଲ୍‌ଭି ପ୍ରସାଦ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଏସ୍‌ପି କହିଛନ୍ତି। ଏହି ଘଟଣାରେ ଅନ୍ୟ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି ଏବଂ ଉକ୍ତ ଅର୍ଥ କାରବାରରେ ଲିପ୍ତ ଥିବା ବସ୍ ମାଲିକଙ୍କ ସମ୍ପୃକ୍ତି ରହିଛି କି ନାହିଁ ପୋଲିସ ତା'ର ତଦନ୍ତ ଜାରି ରଖିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ୨ଟି ଟିମ୍ ଗଠିତ ହୋଇଥିଲା। ଏହି ୨ ଟିମ୍ ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ, ସାଇବର ସେଲର ସହାୟତା ଏବଂ ଘଟଣାରେ ବ୍ୟବହୃତ ପଲସର ବାଇକ୍‌କୁ ଭିତ୍ତିକରି ଓଡ଼ିଶା ଓ ଆନ୍ଧ୍ର ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ ଜାରି ରଖିଥିଲା।

# ଛାତ୍ରୀଙ୍କୁ ଅସଦାଚରଣ କରି ପ୍ରଧାନଶିକ୍ଷକ ଗିରଫ

**କେନ୍ଦୁଝର,୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ଥାନା ଶିବନାରାୟଣପୁରଗୋଡ଼ା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟକୁ ଯାଇ ମିଳିତ ଭାବେ ତଦନ୍ତ କରିଥିଲେ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଛାତ୍ରୀଜଣଙ୍କ ବିଦ୍ୟାଳୟ ହଷ୍ଟେଲରେ ରହି ଅନ୍ୟ ବିଦ୍ୟାଳୟରେ ପାଠ ପଢୁଥିଲେ। ବିଦ୍ୟାଳୟଟି ଶିକ୍ଷାବିଭାଗ ଅଧୀନରେ ରହିଥିବାବେଳେ ହଷ୍ଟେଲକୁ ଜିଲା ମଙ୍ଗଳ ବିଭାଗ ପରିଚାଳନା କରୁଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ବ୍ୟବହାର କରିବା ସହିତ ଅସଦାଚରଣ କରୁଥିଲେ। ଏ ନେଇ ଛାତ୍ରୀଜଣଙ୍କ ଅଭିଯାଗ କରିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ନେତୃତ୍ୱ କମିଟି ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ଓ ଛାତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରିଥିଲା। ଶନିବାର ଉକ୍ତ ଟିମ୍ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବା ପରେ ତେଲକୋଇ ପୋଲିସ ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଥିଲା। ରବିବାର ଏକ ମାମଲା(ନଂ.୧୫/୨୫)ରୁଜୁ କରି ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି।

# କଣ୍ଟାବାଞ୍ଜିରେ ଅନ୍‌ଲାଇନ ବେଟିଂ: ୫ ଗିରଫ

**କଣ୍ଟାବାଞ୍ଜି,୨।୨ (ଗୁରୁ ଦୟାଳ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଲାୟନ୍ସ ପବ୍ଲିକ ସ୍କୁଲ ନିକଟସ୍ଥ ଏକ ଭଡ଼ାଘରେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟର ସନ୍ତୋଷ କୁମାର ଯାଦବ (୨୯), ସନ୍ତୋଷ କୁମାର (୨୫), ସୋନୁ କୁମାର ଯାଦବ(୨୧) ଏବଂ କଣ୍ଟାବାଞ୍ଜି ନୂଆପଡ଼ାର କ୍ଷୀରସାଗର ନାୟକ(୨୯) ଓ ବେଲପଡ଼ା ଥାନା ଅଧୀନ ଲଥାକେନ୍ଦର ଜିତେନ୍ଦ୍ର ପୁଞ୍ଜି (୩୬)। ସେମାନଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୩ ଲାପଟପ୍ ଓ ବିଭିନ୍ନ କମ୍ପାନୀର ୨୦ଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ରବିବାର କଣ୍ଟାବାଞ୍ଜି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟବାହୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି।


# Classified Everyday
**0674-2580101, 9692975378**


REAL ESTATE
SALE

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**11700 sqft. Gharabari land sale at Pitapalli, NH Side - 7008634668.** D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) । Contact- 8917622925 D-2762


**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact-9438362399.** D-2772




Newly open health benefits spa by experience lady therapist. 8658088274. D-76191

Positively Health benefited spa by expert female therapist, Nayapalli. 7846814019 D-76190

Newly open Jyoti spa positively health benefits (Expert therapist). 8458067955 D-76192




**OFFICE SPACE / STORAGE SPACE 1700- 2000sqf. GF and FF with parking, loading and unloading premises at Satya Sai Enclaves, Aiginia, Khandagiri, BBSR. Available from March-2025. For Agreement in advance contact: 8104454250 / 8249356671.** D-2782

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**



ମୁଁ, Sabhal Tati, ବୟସ(୨୧), ଲିଙ୍ଗ-ମହିଳା, D/o- Mangal Tati, At-Balika Residencial School, Jangala, Post.-Matwada, Dist.- Bijapur, Chhatishgarh, PIN-494444, ଆଜିଠାରୁ ନିଜକୁ Manisha Thati ରୂପେ ଘୋଷଣା କରୁଅଛି । ଭବିଷ୍ୟତରେ ମୋତେ ଏହି ନାମରେ ଜଣାଯିବ ଏବଂ ମୋର ସମସ୍ତ ଦରକାରୀ କାଗଜପତ୍ର ଏହି ନାମରେ ପରିବର୍ତ୍ତନ କରାଗଲା। ଧ-୨୭୮୪

By virtue of an affidavit sworn before the Executive Magistrate, Bhubaneswar dated 1st February 2025, I, Somalita Kar, Address-4323/C, Rabi Talkies Square, Lewis Road, Bhubaneswar, PIN-751002, Odisha declare that I have changed my son's name from Asimanshu Barick to *Lakshya Barick*. Henceforth, he shall be known as Lakshya Barick for all purposes.
Somalita Kar
D-76042

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit in the Court of the Executive Magistrate, Simulia. I declare that in my Aadhaar & Bank Passbook my name has been mentioned as Usharani Barik, where as in my LIC Certificate bearing policy No.-587166608 my name is recorded as Gouribala Barik. Both the above name belongs to one and same person. D-2792

I, Baishnav Charan Sahoo, Son of Krushna Chandra Sahoo, resident of Plot No.- 266/2124, Canal Road, Shantoshi Vihar, Meherpalli, Bhubaneswar (M.C), Dist.- Khordha, Odisha-751006 declare by this affidavit No.- 61, dtd. 28.01.2025 that now onwards I shall be known as Baishnab Charan Sahoo for all purposes. D-2793

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**


**୰ରବିନ୍ଦ୍ର କୁମାର ମହାନ୍ତି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ।।
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି: ହତଭାଗ୍ୟ ପୁତ୍ର: ରାକେଶ୍, ବିପାଶ୍ ଓ ଶୋକାକୁଳ ପରିବାରବର୍ଗ ।
ଧ-୨୭୯୪

**ଏକବିଂଶ ଶ୍ରାଦ୍ଧବାର୍ଷିକୀ**


**ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ**

ତିରୋଧାନ-୦୩।୦୨।୨୦୦୪
ତୁମର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ ସହନଶୀଳତା ସମସ୍ତଙ୍କୁ ପ୍ରେରଣା ଦେଉଥାଉ । ଆଜିର ଏହି ଶ୍ରାଦ୍ଧ ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
-ଶ୍ରଦ୍ଧେୟ- ପତ୍ନୀ: ସୁରମା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲ୍, ମିଷ୍ଟି, ପାଖୀ ଓ ପରିବାରବର୍ଗ ।
ଧ-୨୭୭୯

**ଶ୍ରଦ୍ଧାଞ୍ଜଳି**


**୰ପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି**
ଭୁବନେଶ୍ୱର

ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘ ଷଷ୍ଠୀ)
ଆଜି ଆପଣଙ୍କ ପବିତ୍ର ପୁଣ୍ୟତିଥି (୨୭ତମ ଶ୍ରାଦ୍ଧବାର୍ଷିକୀ)ରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ: ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍ (ପୁଅ), ରାଗେଶ୍ରୀ, ଖ୍ୟାତି, ବନଶ୍ରୀ, ଶାରଦା (ବୋହୂ), ପ୍ରାଧ୍ୟାପିକା ମମତା (ଝିଅ), ରକ୍ଷକ (ଜ୍ୱାଇଁ), ରିୟା, ଶ୍ରେୟା, ନେହା, ରିକୁ, ଇମନ୍, ରୋହନ୍, ସୋହନ, ଶିମନ୍ (ନାତି), ରୋମି (ନାତୁଣୀ), ଅର୍ପିତ୍ (ନାତୁଣୀଜ୍ୱାଇଁ) ଓ ବନ୍ଧୁବର୍ଗ ।
ଧ-୨୭୯୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ସନ୍ତୁଳିତ ଜୀବନଶୈଳୀ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ କିଛି ପାଣି ଏବଂ ଖାଇବାର ଅଧଘଣ୍ଟା ପରେ ପାଣି ପିଇବା ଭଲ। କେତେକ ବ୍ୟକ୍ତି ଠିକ୍ ଖାଦ୍ୟ ଖାଇବା ପୂର୍ବରୁ, ଖାଦ୍ୟ ଖାଇବା ବେଳେ ଏବଂ ଖାଇବା ପରେ ପରେ ଥଣ୍ଡା ପାଣି ପିଅନ୍ତି, ଯାହାକି ଆମର ପାଚନ କ୍ରିୟାରେ ପ୍ରତିକୂଳ ପ୍ରଭାବ ପକାଇ ଶରୀରରେ ପାଚକ ରସକୁ ନିଷ୍କ୍ରିୟ କରାଇଥାଏ। ଆବଶ୍ୟକତାଠାରୁ ଅଧିକ ପାଣି ପିଇବା ଦ୍ୱାରା ତାହା ଶରୀରରେ ଖରାପ ପ୍ରଭାବ ପକାଇଥାଏ। ଆମର ପୂର୍ବଜମାନେ ଖାଦ୍ୟ ଖାଇ କ୍ଷେତରେ କଠିନ ପରିଶ୍ରମ କରୁଥିଲେ, ଯଦ୍ୱାରା ଶରୀରରେ ଖାଦ୍ୟ ଉପଯୁକ୍ତ ପରିପକ୍ୱ ହୋଇ ଶରୀର ସୁସ୍ଥ, ନୀରୋଗ ହୋଇ ଶତାୟୁ ବର୍ଷ ବଞ୍ଚି ରହୁଥିଲେ।''



ଭାରତୀୟ ପ୍ରାଚୀନ ପରମ୍ପରା, ଐତିହ୍ୟ, ସଂସ୍କୃତି ଅତି ମହାନ୍। ଆମର ପୂର୍ବପିଢ଼ି ପାଖାପାଖି ଶହେ ବର୍ଷ ବଞ୍ଚି ରହୁଥିଲେ। ବୟସର ଛାପ ସେମାନଙ୍କୁ ଡେରିରେ ସ୍ପର୍ଶ କରୁଥିଲା। ଜୀବନର ପରିଣତ ବୟସରେ ବି ଦୃଶ୍ୟପଟ ଠିକ୍ ରହିବା, ସ୍ପଷ୍ଟ ଶୁଣାଯିବା, କେଶ ନ ପାଚିବା, ଦାନ୍ତ ନ ଝଡ଼ି ସ୍ପଷ୍ଟ ଉଚ୍ଚାରଣ କରିପାରିବା, ବାହ୍ୟ ଚର୍ମ ସତେଜ, ମଜଭୁତ, କାର୍ଯ୍ୟଦକ୍ଷତା ରହୁଥିବାର ନଜିର ରହିଛି। ଏହାର ମୁଖ୍ୟ କାରଣ ହେଲା, ଠିକ୍ ଭାବରେ ଆହାର ବିହାର କରୁଥିଲେ। ଜୈବିକସାରରୁ ପ୍ରସ୍ତୁତ ଧାନ, ପନିପରିବା ଚାଷ କରି ଖାଦ୍ୟ ଭାବେ ଖାଉଥିଲେ। ଦୈନନ୍ଦିନ ଉପଯୁକ୍ତ ଶାରୀରିକ ପରିଶ୍ରମ କରୁଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛୋଟ ଶିଶୁ, ଯୁବକ, ମଧ୍ୟବୟସ୍କ ଆଦି ସମସ୍ତଙ୍କର ଦୈନନ୍ଦିନ ଚାଲିଚଳଣି, ଖାଦ୍ୟପେୟ ଆହାର ବିହାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେହିପରି ଖାଦ୍ୟପେୟ ସକାଳୁ ଘରୋଇ ପ୍ରସ୍ତୁତ ଚୁଡ଼ା, ମୁଢ଼ି, ଲିଆ, ଖୁଦ ଉପମା, ଛତୁଆ, ରୁଟି, ସୁଜି ଉପମା, ଇଡ୍‌ଲି, ଚକୁଳି ଜଳଖିଆ ପସନ୍ଦ ନ କରି ପୁରୀ, ବରା, ସିଙ୍ଗଡ଼ା, ନୁଡୁଲ୍‌ସ, ଚାଉମିନ, ପିଜା, ବର୍ଗରକୁ ସକାଳ ଜଳଖିଆ ଭାବେ ପସନ୍ଦ କରୁଛନ୍ତି। ଆଧୁନିକ ତଥା ପାଶ୍ଚାତ୍ୟ ଖାଦ୍ୟଶୈଳୀକୁ ଆପଣେଇ ଖରାବେଳେ ହେଉ କିମ୍ବା ରାତିରେ କେତେକ ବ୍ୟକ୍ତି ଭାତ ସହ ମାଂସ, ମାଛ, ଚିକେନ ଏବଂ ସାଦା ବିରିୟାନୀ, ଚିକେନ ବିରିୟାନୀ ଆଦି ଖାଇବା ପରେ ଆଇସ୍‌କ୍ରିମ, ଥଣ୍ଡା ପାଣି, କୋଲ୍ଡ ଡ୍ରିଙ୍କ୍‌ସକୁ ପାନୀୟ ଭାବେ ସେବନ କରୁଛନ୍ତି, ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଯେମିତି ଖାଦ୍ୟ ଖାଇବା ସେପ୍ରକାରର ଗୁଣବତ୍ତା ଆମେ ପାଇବା। ଅତ୍ୟଧିକ କାର୍ବୋହାଇଡ୍ରେଟ ଖାଦ୍ୟ ଆମ ପାଇଁ ଶୀଘ୍ର ବାର୍ଦ୍ଧକ୍ୟ ଆଣିଥାଏ। ତେଣୁ ଖାଦ୍ୟରେ ଭାତ ଓ ରୁଟିର ପରିମାଣ କମ୍ କରିବା ସହ ଖାଦ୍ୟରେ ଅଧିକ ଜୈବିକ ପ୍ରଣାଳୀରେ ପ୍ରସ୍ତୁତ ସବୁଜ ତଥା ତଟକା ପନିପରିବା, ଶାଗ ଓ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ଏହାଦ୍ୱାରା ଭିଟାମିନ ଏ,ବି,ସି,କେ, ଖଣିଜ ଜାତୀୟ ଦ୍ରବ୍ୟ ଶରୀରରେ ଅନୁକୂଳ ପ୍ରଭାବ ପକାଇଥାଏ, ଯାହାଫଳରେ ଆମ ଶରୀର ନୀରୋଗ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ସାହାଯ୍ୟ କରିଥାଏ। ଆମେ ଏକାଥରେ ପୁଳାଏ ଖାଦ୍ୟ ନ ଖାଇ କିଛି କମ୍ କରି ଖାଇବା ସହ ତିନିଥରକୁ ବରଂ ପାଞ୍ଚ ଥର କରି ଖାଇବା ସ୍ୱାସ୍ଥ୍ୟପ୍ରଦ ଅଟେ।

ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ। ତେବେ ପାଣି ପିଇବାର ଶୈଳୀ ରହିଛି। ସକାଳୁ ଉଠି ଖାଲି ପେଟରେ ଥଣ୍ଡା ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ କିଛି ପାଣି ଏବଂ ଖାଇବାର ଅଧଘଣ୍ଟା ପରେ ପାଣି ପିଇବା ଭଲ। କେତେକ ବ୍ୟକ୍ତି ଠିକ୍ ଖାଦ୍ୟ ଖାଇବା ପୂର୍ବରୁ, ଖାଦ୍ୟ ଖାଇବା ବେଳେ ଏବଂ ଖାଇବା ପରେ ପରେ ଥଣ୍ଡାପାଣି ପିଅନ୍ତି, ଯାହାକି ଆମର ପାଚନ କ୍ରିୟାରେ ପ୍ରତିକୂଳ ପ୍ରଭାବ ପକାଇ ଶରୀରରେ ପାଚକ ରସକୁ ନିଷ୍କ୍ରିୟ କରାଇଥାଏ। ଆବଶ୍ୟକତାଠାରୁ ଅଧିକ ପାଣି ପିଇବା ଦ୍ୱାରା ତାହା ଶରୀରରେ ଖରାପ ପ୍ରଭାବ ପକାଇଥାଏ। ଆମର ପୂର୍ବଜମାନେ ଖାଦ୍ୟ ଖାଇ କ୍ଷେତରେ କଠିନ ପରିଶ୍ରମ କରୁଥିଲେ, ଯଦ୍ୱାରା ଶରୀରରେ ଖାଦ୍ୟ ଉପଯୁକ୍ତ ପରିପକ୍ୱ ହୋଇ ଶରୀର ସୁସ୍ଥ, ନୀରୋଗ ହୋଇ ଶତାୟୁ ବର୍ଷ ବଞ୍ଚି ରହୁଥିଲେ। ଫଳସ୍ୱରୂପ ସେମାନେ ପରିଣତ ବୟସ ପର୍ଯ୍ୟନ୍ତ ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହିପାରୁଥିଲେ। ବର୍ତ୍ତମାନ ପରିସ୍ଥିତିରେ ମନୁଷ୍ୟ ଖାଦ୍ୟଖାଇବା ପରେ ସଙ୍ଗେସଙ୍ଗେ କମ୍ପ୍ୟୁଟର ପାଖରେ ଏବଂ କାର୍ଯ୍ୟାଳୟରେ ଅଧିକ ସମୟ ବସିବା, କେତେକ ବ୍ୟକ୍ତି ଖାଇବା ପରେ ପରେ ସଙ୍ଗେ ସଙ୍ଗେ ଶୋଇପଡ଼ିବା ହେତୁ ମେଦ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ ଖାଦ୍ୟ ଠିକ୍‌ଭାବେ ହଜମ ନ ହେବାରୁ ଗ୍ୟାଷ୍ଟ୍ରିକ୍ ସସମ୍ୟା ସୃଷ୍ଟି ହୋଇଥାଏ। ତେଣୁ ଖାଦ୍ୟ ଖାଇବା ପରେ କିଛି ସମୟ ଚଲାବୁଲା କରିବା ଉଚିତ। ଏଣୁ ଜୀବନଶୈଳୀ ହିଁ ଜୀବନର ମାନଦଣ୍ଡ। ଆମେ ହେୟଜ୍ଞାନ କରିବା ଦ୍ୱାରା ଏହାର ପ୍ରତିକୂଳ ପ୍ରଭାବ ଆମେ ହିଁ ଭୋଗ କରିଥାଉ।

ଆଜିକାଲି ଖାଇବା ସମୟରେ ମୋବାଇଲ, ଟିଭି ଦେଖିବା ଏବଂ ବିଳମ୍ବରେ ଶୋଇବା ଆଦି କେତେକଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଜ୍ଞାନ ମତରେ ଯେକୌଣସି ଖାଦ୍ୟ ଖାଇବା ବେଳେ ମନଲଗାଇ ଖାଇବା, ଖାଦ୍ୟ ପ୍ରତି ଆଗ୍ରହ ରଖି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ, ଯାହାକି ସ୍ୱାସ୍ଥ୍ୟପ୍ରଦ।

କେତେକ ବ୍ୟକ୍ତି ଅତ୍ୟନ୍ତ ଥଣ୍ଡା ପାଣି ବା ଫ୍ରିଜ ପାଣି ଏବଂ ଅଧିକ ଥଣ୍ଡା ଥିବା କୋଲ୍ଡ ଡ୍ରିଙ୍କସ ପିଇଥାଆନ୍ତି। ବିଭିନ୍ନ ପ୍ରକାର ଛଣା ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଗଲେ ତାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଆମର ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ଯେ ଆମେ ଯେପରି ଖାଦ୍ୟ ଖାଇବା ତା'ର ଗୁଣବତ୍ତା ଶରୀରରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜା, ଶୁକ୍ର ଏହିପରି ପ୍ରକ୍ରିୟା ସପ୍ତଧାତୁ ପ୍ରକ୍ରିୟାକରଣ ହୋଇ ଶେଷରେ ଶରୀରର ସର୍ବଶ୍ରେଷ୍ଠ ଧାତୁ 'ଓଜ' ସୃଷ୍ଟି ହୋଇଥାଏ। ଯଦି ଆମେ ଦୈନନ୍ଦିନ ଖାଦ୍ୟରେ କିଛି ପରିମାଣରେ ଗାଈ କ୍ଷୀର, ଶୁଦ୍ଧଘିଅ, ଶୁଦ୍ଧ ମହୁ, ପିସ୍ତାବାଦାମ, ଜୈବିକ ସାରରୁ ଉତ୍ପନ୍ନ ଖାଦ୍ୟଶସ୍ୟ ଆଦି ଖାଦ୍ୟ ରୂପେ ସେବନ କରିବା ଦରକାର। ତା'ସହ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରିବା, ଉପଯୁକ୍ତ ପରିଶ୍ରମ କରିବା ଏବଂ ଦୈନନ୍ଦିନ ଜୀବନଶୈଳୀ ଓ ଆହାର ବିହାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ।

ଉପରୋକ୍ତ ସମସ୍ତ ବିଷୟକୁ ପର୍ଯ୍ୟାଲୋଚନା କଲେ ଆମେ ଜାଣିପାରିବା ଯେ ଉତ୍ତମ ଖାଦ୍ୟଶୈଳୀ, ଜୀବନଚର୍ଯ୍ୟା ହିଁ ଦୀର୍ଘାୟୁ ଜୀବନର ମୂଳ ମନ୍ତ୍ର।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସୁସ୍ଥ ଶରୀର ଓ ଜଳ



ଆମ ଶରୀର ପାଇଁ ଜଳର କେତେ ଆବଶ୍ୟକତା ରହିଛି ତାହା କହିବା ଅନାବଶ୍ୟକ। କିନ୍ତୁ ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେଣୁ ଶରୀରରେ ଏହି ସ୍ତର ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଜଳୀୟ ଅଂଶ ଯଦି ଆବଶ୍ୟକତା ପରିମାଣ ଠାରୁ ଯଥେଷ୍ଟ କମିଯାଏ, ତେବେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆମେ ଖାଦ୍ୟ ଖାଇବା ସହ ଆବଶ୍ୟକ ପରିମାଣର ପାଣି ନିୟମିତ ପିଇବା ଦରକାର। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୩ ଲିଟର ପାଣି ପିଇବା ଆବଶ୍ୟକ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଶରୀରର ବିଭିନ୍ନ ଅଙ୍ଗକୁ ଚଳଚଞ୍ଚଳ ରଖିବାରେ ଏହାର ପ୍ରମୁଖ ଭୂମିକା ରହିଛି। ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ତା' ସହ ଶରୀରରେ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ।

## ସୁସ୍ଥ ହାର୍ଟ ପାଇଁ ସହଜ ଉପାୟ



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ହାର୍ଟର କାର୍ଯ୍ୟଧାରାରେ ଯଦି ବାଧା ସୃଷ୍ଟି ହୁଏ ତେବେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ଏହାକୁ ସୁସ୍ଥ ରଖିବାର ସରଳ ତଥା ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ହାର୍ଟ ଅନେକାଂଶରେ ସୁସ୍ଥ ରହିଥାଏ। 'ସୁସ୍ଥ ମାନସିକତା ଏବଂ ହାର୍ଟ' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ତା'ସହ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର ହାର୍ଟ ଉପରେ କିପରି ପଡୁଛି ତାହାକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଥିଲେ। ଅଧିକାଂଶ ସମୟ ନିଜର ମାନସିକତାକୁ ସକରାତ୍ମକ ରଖିବା ଫଳରେ ସେମାନଙ୍କର ହାର୍ଟ ଅନେକାଂଶରେ ସୁସ୍ଥ ରହୁଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଅଙ୍ଗୁର

ଆପଣ ନିଜ ରୋଗ ପ୍ରତିରୋଧକ ଶକ୍ତିକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାକୁ କେତେକାଂଶରେ ଦୃଢ଼ କରିବା ପାଇଁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ ନା! ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ପ୍ରତିଦିନ କିଛି ପରିମାଣରେ ଅଙ୍ଗୁର ଖାଇବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ସନ୍ତୁଳିତ ରହିଥାଏ। ଅଙ୍ଗୁରରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ମଧ୍ୟ କ୍ୟାନ୍‌ସର ସହ ଲଢ଼ିବାର ଗୁଣ ରହିଛି। ଅଙ୍ଗୁରରେ ପୋଟାସିୟମ୍ ମାତ୍ରା ମଧ୍ୟ ଅଛି। ଏହା ମଧ୍ୟ ଶରୀରରେ ବ୍ଲଡ୍ ପ୍ରେସର୍‌ରକୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ମଧ୍ୟ ରହିଛି ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ସମସ୍ୟରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଏହାକୁ ନିୟମିତ ଖାଇଲେ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ସକ୍ରିୟ ରହେ। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହା ମଧ୍ୟ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏଥିରେ ଭିଟାମିନ୍ କେ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। ଏହାକୁ ଖାଇବା ଦ୍ୱାରା ବାତ ଓ ଆଣ୍ଠୁଗଣ୍ଠି ସମସ୍ୟାରୁ କିଛି ମାତ୍ରାରେ ଉପଶମ ମିଳିଥାଏ। କେତେକ ବ୍ୟକ୍ତିଙ୍କୁ ରାତିରେ ଠିକ୍ ଭାବେ ନିଦ ହୋଇ ନଥାଏ। ସେଥିପାଇଁ ପ୍ରତିଦିନ କିଛି କିଛି ଅଙ୍ଗୁର ଖାଇବା ନିହାତି ଦରକାର।



## ଉପକାରୀ ଶାଗ

ବିଶେଷ ଭାବରେ ପାଳଙ୍ଗ ଶାଗ, ମେଥିଶାଗ, ସୋରିଷ ଶାଗ ଓ ମୂଳା ଶାଗ ଆଦି ଶରୀର ପାଇଁ ବେଶ୍ ଉପକାରୀ। ବିଭିନ୍ନ ପ୍ରକାର ଶାଗରେ ଭିଟାମିନ୍ 'ଏ', 'ସି', 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଭରି ରହିଛି। ଏହାବ୍ୟତୀତ ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶି। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ ଓମେଗା ଥ୍ରୀ ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ୍-ସି, ଭିଟାମିନ୍-ଇ, ଡାକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନଏଡସ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଏବଂ ବିଭିନ୍ନ ପ୍ରକାରର କ୍ୟାନ୍‌ସର ଆଶଙ୍କା ଅନେକାଂଶରେ କମ୍ ରହିଥାଏ। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଶରୀରରେ ଅନେକ ପ୍ରକାର ଭିଟାମିନ୍‌ର ଅଭାବ ପୂରଣ କରିଥାଏ।



## ବ୍ରେକ୍‌ଫାଷ୍ଟ: କିଛି କଥା



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ହିଁ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ସବୁବେଳେ ହାଲ୍‌କା ଖାଦ୍ୟ ସାମିଲ କରନ୍ତୁ। କାରଣ ଏପରି ଖାଦ୍ୟ ସହଜରେ ହଜମ ହୋଇଥାଏ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଦିନତମାମ ଆପଣଙ୍କୁ ଭାରାକ୍ରାନ୍ତ ଲାଗିବ। ଆଉ ଗୋଟିଏ କଥା ମନେ ରଖିବା ନିହାତି ଦରକାର। ସକାଳୁ କଦାପି ତେଲଜାତୀୟ ଏବଂ ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ସବୁବେଳେ ମନେ ରଖନ୍ତୁ ଯେ, ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ। ଏହି ତାଲିକାରେ ସାଲାଡ୍ ସାମିଲ କରନ୍ତୁ।

## ଜାଣି ରଖନ୍ତୁ

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
- ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।
- ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଓଜନକୁ ସନ୍ତୁଳିତ ରଖେ।
- କଲରା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।
- କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର ରଖିଥାଏ କଲରା।



## ସ୍ୱାସ୍ଥ୍ୟ ସୂଚନା

➤ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଏବଂ ଠିକ୍ ସମୟ ବ୍ୟବଧାନରେ ନିଜର ବ୍ଲଡ୍ ପ୍ରେସର୍‌କୁ ଚେକ୍ କରନ୍ତୁ।


➤ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।

➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇଥାଏ।

➤ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏ ଭଲଭାବେ ଘଷନ୍ତୁ। ସକାଳ ବ୍ୟତୀତ ରାତ୍ରଭୋଜନ ପରେ ଦାନ୍ତ ଘଷନ୍ତୁ।

➤କୌଣସି ବ୍ୟକ୍ତି ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ସେହି ରୋଗ ବିଷୟରେ ତାଙ୍କ ସାମନାରେ ଆଲୋଚନା କରନ୍ତୁ ନାହିଁ। କାରଣ ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।


➤ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଯାହା ଆପଣଙ୍କ ମନକୁ ଶାନ୍ତି ପ୍ରଦାନ କରିବ।



## ମହାକାଶରେ ଇସ୍ରୋର ମହତ୍ତ୍ୱପୂର୍ଣ୍ଣ ଡକିଙ୍ଗ ପରୀକ୍ଷା

(ଶେଷ ଭାଗ)

ତେବେ ପ୍ରଶ୍ନ ହେଉଛି, ଇସ୍ରୋର ଅନ୍ତରୀକ୍ଷ ଅଭିଯାନରେ ଏହି ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଆବଶ୍ୟକତା କ'ଣ ? ଏଠାରେ ଦୁଇଟି ଉଦାହରଣ ଦିଆଯାଇ ପାରେ : ପ୍ରଥମତଃ, ଇସ୍ରୋ ଆଗାମୀ ୨୦୩୫ ମସିହା ସୁଦ୍ଧା ଅନ୍ତରୀକ୍ଷରେ ଦୀର୍ଘଦିନ ରହଣି ନିମନ୍ତେ ନିଜର ଏକ ଅନ୍ତରୀକ୍ଷ ଷ୍ଟେଶନ (ନାମ: ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ) ଅବସ୍ଥାପିତ କରିବାକୁ ଯୋଜନା ରଖିଛି। ଅନ୍ତରୀକ୍ଷରେ କେବଳ ଅନ୍ତରୀକ୍ଷ ଷ୍ଟେଶନ ସ୍ଥାପନ କରିଦେଲେ ଚଳିବ ନାହିଁ; ବରଂ ସମୟ ସମୟରେ ପୃଥିବୀରୁ ଅନେକ ଅଭିଯାନ ଜରିଆରେ ଏହାକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ତଥା ମହାକାଶଯାତ୍ରୀଙ୍କୁ ଅଦଳବଦଳ କରିବାକୁ ପଡ଼ିବ। ଏଥିନିମନ୍ତେ ପୃଥିବୀରୁ ନିୟମିତ ଭାବେ ମାଲବାହୀ ତଥା ମନୁଷ୍ୟବାହୀ ଯାନଗୁଡ଼ିକ ଅନ୍ତରୀକ୍ଷକୁ ଯାତ୍ରା କରି ଅନ୍ତରୀକ୍ଷ ଷ୍ଟେଶନ ସହିତ ମିଳିତ ହେବା (ଡକିଙ୍ଗ) ସହ କାର୍ଯ୍ୟ ସରିଗଲେ ସେଗୁଡ଼ିକ ମହାକାଶ ଷ୍ଟେଶନରୁ ଅଲଗା ହୋଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ। ତେବେ ଯାଇ ଅନ୍ତରୀକ୍ଷ ଷ୍ଟେଶନରେ ମଣିଷର ଦୀର୍ଘଦିନ ରହଣିର ସ୍ୱପ୍ନ ସାକାର ହୋଇ ପାରିବ। ଏଠାରେ ଅନ୍ତରୀକ୍ଷରେ କାର୍ଯ୍ୟରତ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ ଷ୍ଟେଶନ କଥା ବିଚାର କରାଯାଇପାରେ। ଏହି ଷ୍ଟେଶନକୁ ଅନେକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ପୃଥିବୀରୁ କ୍ରମାଗତ ଭାବେ ସାମଗ୍ରୀ ଯୋଗାଣ କରାଯାଇଛି କେତେକ ମହାକାଶଚାରୀ ପୃଥିବୀରୁ ଯାତ୍ରାକରି ଏଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ସମ୍ପାଦନ କରି ପୁଣି ପୃଥିବୀକୁ ଫେରି ଆସିଛନ୍ତି। ସୁତରାଂ ଯେକୌଣସି ଅନ୍ତରୀକ୍ଷ ଷ୍ଟେଶନକୁ ଅନ୍ତରୀକ୍ଷରେ ଦୀର୍ଘଦିନ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଅନ୍ତରୀକ୍ଷରେ ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଯଥେଷ୍ଟ ଆବଶ୍ୟକତା ରହିଛି।



ମହାକାଶୀୟ ଡକିଙ୍ଗ ଓ ଅନ୍‌ଡକିଙ୍ଗ ପ୍ରକ୍ରିୟାର ଦ୍ୱିତୀୟ ପ୍ରୟୋଗ ଘଟିବ ଇସ୍ରୋ ଦ୍ୱାରା ଚନ୍ଦ୍ରକୁ ଆଗାମୀ ଦିନରେ ପ୍ରେରଣ କରାଯିବାକୁ ଥିବା ଚନ୍ଦ୍ରଯାନ-୪ ଉପଗ୍ରହ ଅଭିଯାନରେ। ଏହି ଅଭିଯାନରେ ଏକ ଚନ୍ଦ୍ରଯାନକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଯିବ ଏବଂ ଏହି ଯାନ ଜରିଆରେ ସେଠାରୁ କିଛି ମାଟିପଥର ସଂଗ୍ରହ କରାଯାଇ ପୃଥିବୀକୁ ଅଣାଯିବ। ମାତ୍ର ଅବତରକ ଚନ୍ଦ୍ରଯାନ ପକ୍ଷରେ ନିଜର ସୀମିତ ଇନ୍ଧନ ଓ ଗତିଶୀଳତା ହେତୁ ଚନ୍ଦ୍ରର ମାଧ୍ୟାକର୍ଷଣ ବନ୍ଧନ ଅତିକ୍ରମ ପୂର୍ବକ ଚନ୍ଦ୍ରରୁ ନମୁନା ଧରି ପୃଥିବୀକୁ ଫେରିବା ସମ୍ଭବପର ନୁହେଁ। ସୁତରାଂ ଏହି ଯାନ ନମୁନା ବହନ କରି ଚନ୍ଦ୍ରକୁ ଆକାଶରେ ପରିକ୍ରମା କରୁଥିବା ମୂଳ ଶକ୍ତିଶାଳୀ ଅର୍ବିଟର ଯାନ ସହିତ ଡକିଙ୍ଗ ପ୍ରକ୍ରିୟା ଜରିଆରେ ସଂଯୁକ୍ତ ହେବ ଏବଂ ଏହି ମୂଳଯାନଟି ନମୁନା ସହିତ ଚନ୍ଦ୍ରଯାନକୁ ସାଙ୍ଗରେ ଧରି ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବ।

ସୁତରାଂ ଇସ୍ରୋର ଏହି ସ୍ୱେଡେକ୍ସ ଡକିଙ୍ଗ ଓ ଅନ୍‌ଡକିଙ୍ଗ ଅଭିଯାନ ଯେ ଆଗାମୀ ଦିନରେ ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମକୁ କେଇ ପାଦ ଆଗେଇ ନେବା ଦିଗରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ।

– ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିୟନ



ଖୁସି ମୁହୂର୍ତ୍ତରେ ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳ।

## ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ

କୁଆଲାଲମ୍ପୁର, ୨।୨ (ପି.ଟି.)

ଭାରତ କ୍ରମାଗତ ଦ୍ୱିତୀୟ ଥର ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଗୋଟିଏ ହେଲେ ମ୍ୟାଚରେ ହାରି ନ ଥିବା ଭାରତ ୫୨ ବଲ୍ ବାକି ଥାଇ ଗୋଟିଏ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଫାଇନାଲର ଷ୍ଟାର ଖେଳାଳି ଥିଲେ ଅଲରାଉଣ୍ଡର ଗୋଙ୍ଗାଡି ତ୍ରିଶା। ସେ ପୁଣି ତାଙ୍କ ଅଲରାଉଣ୍ଡ ସାଫଲ୍ୟ ପ୍ରଦର୍ଶନ କରିଛନ୍ତି। ମ୍ୟାଚରେ ସେ ୧୫ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବାବେଳେ ବ୍ୟାଟିଂ ବେଳେ ୩୩ ବଲ୍‌ରୁ ୮ ଚୌକା ସହ ୪୪ ରନ କରି ଅପରାଜିତ ଥିଲେ। ଉପ ଅଧିନାୟିକା ସାନିକା ଚାଲ୍‌କେ ୨୨ ବଲ୍‌ରୁ ୨୬ ରନ କରି ଅପରାଜିତ ରହିଥିଲେ। ସେ ୪ ଚୌକା ଲଗାଇଥିଲେ।

କେଲା ରେନିକେଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତର ୩ ଜଣିଆ ସ୍ପିନ ଆକ୍ରମଣର ମୁକାବିଲା ନ କରି ଦକ୍ଷିଣ ଆଫ୍ରିକା ୮୨ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ତରଫରୁ ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିବା ଆୟୁଷୀ ଶୁକ୍ଳା ତାଙ୍କ ୪ ଓଭର ବୋଲିଂରେ ୨ ମେଡେନ ସହ ୯ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ବାମହାତୀ ସ୍ପିନର ପାରୁନିକା (୪-୦-୬-୨) ପ୍ରାରମ୍ଭିକ ବ୍ରେକ୍ ଥ୍ରୁ ଆଣିଦେଇଥିଲେ। ସେ ଦକ୍ଷିଣ ଆଫ୍ରିକା ଓପନର ସିମୋନ୍ ଲୋରେନ୍ସଙ୍କୁ ବିନା କୌଣସି ରନରେ ଆଉଟ କରିଦେଇଥିଲେ। ଡାହାଣହାତୀ ସିମର ଶବନମ ଶକିଲ (୨-୦-୭-୧)ମଧ୍ୟ ଭଲ ବୋଲିଂ କରିଥିଲେ। ସେ ଦକ୍ଷିଣ ଆଫ୍ରିକାର ବିପଜ୍ଜନକ ବ୍ୟାଟର ଜେମା ବୋଥାଙ୍କୁ ଚତୁର୍ଥ ଓଭର ଶେଷରେ ପ୍ୟାଭିଲିଅନ ପଠାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକାର ଟପ୍ ସ୍କୋରର ଥିଲେ ମିକ୍ ଭାନ୍ ଭୁର୍ଷ୍ଟ। ସେ ମାତ୍ର ୨୩ ରନ କରିଥିଲେ। ୪ଜଣ ବ୍ୟାଟର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ। ଭାରତର ଗୋଙ୍ଗାଡି ତ୍ରିଶା ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୨୦ ଓଭରରେ ୮୨/ଅଲଆଉଟ (ମିକ୍ ଭାନ୍ ଭୁର୍ଷ୍ଟ-୨୩, ଜେମା ବୋଥା-୧୬; ଗୋଙ୍ଗାଡି ତ୍ରିଶା-୩/୧୫, ପାରୁନିକା ସିସୋଡିଆ-୨/୬, ଆୟୁଷୀ ଶୁକ୍ଳା-୨/୯, ବୈଷ୍ଣବୀ ଶର୍ମା-୨/୨୩)। ଭାରତ ଇନିଂସ: ୧୧.୨ ଓଭରରେ ୮୪/୧ (ଗୋଙ୍ଗାଡି ତ୍ରିଶା-୪୪*, ଶାନିକା ଚାଲ୍‌କେ-୨୬*; କେଲା ରେନିକେ-୧/୧୪)।

## ମୋଦି, ମାଣ୍ଡବ୍ୟ, ତେନ୍ଦୁଲକରଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨।୨ (ପି.ଟି.)

କୁଆଲାଲମ୍ପୁରରେ ୧୯ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ସଫଳତା ପାଇଁ ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କଠାରୁ ଆରମ୍ଭ କରି କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ଟୁର୍ନାମେଣ୍ଟ ବିଜୟୀ ହୋଇଛି। ପ୍ରଧାନମନ୍ତ୍ରୀ ଟୁଇଟ କରି ଅଭିନନ୍ଦନ ଜଣାଇବା ସହ ଆମ ନାରୀ ଶକ୍ତି ପାଇଁ ଆମେ ଗର୍ବିତ ବୋଲି କହିଛନ୍ତି। ଦଳଗତ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ବିଜୟ ଆଗାମୀ ଖେଳାଳିମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସେ କହିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମୁଖ୍ୟ ମାଣ୍ଡବ୍ୟ ଟୁଇଟ କରି କହିଛନ୍ତି, ବିଶ୍ୱ ଚାମ୍ପିୟନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। କଠିନ ପରିଶ୍ରମ ଓ ଉତ୍ସର୍ଗିକୃତ ମନୋଭାବ ଯୋଗୁ ଏହି ସଫଳତା ମିଳିଛି। ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ତାଙ୍କର ଶୁଭେଚ୍ଛା। ବିଶ୍ୱ କ୍ରିକେଟର ଅନ୍ୟତମ ମହାନ୍ ଖେଳାଳି ତେନ୍ଦୁଲକର କହିଛନ୍ତି ଆମ ଦଳ ପ୍ରଥମ ଗେମ୍‌ଠାରୁ ଆରମ୍ଭ କରି ଫାଇନାଲ ପର୍ଯ୍ୟନ୍ତ ଚାମ୍ପିୟନ ଦଳ ପରି ଖେଳିଛି। ଟାଇଟଲ ବଜାୟ ରଖିବା ଲାଗି ଅସାଧାରଣ ପ୍ରୟାସର ଆବଶ୍ୟକତା ଥାଏ।

# ଓଡ଼ିଶାକୁ ୧୦ ଉଇକେଟରେ ହରାଇଲା ସର୍ଭିସେସ୍




ଶୁଭମ୍ ରୋହିଲା ଓ ସୂରଜ ବଶିଷ୍ଠ।

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨।୨ (ବିଜୟ ରଣା)

ରଣଜୀ ଟ୍ରଫିର ଗ୍ରୁପ୍ 'ଏ'ର ଏକ ମ୍ୟାଚରେ ସର୍ଭିସେସ ୧୦ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ସର୍ଭିସେସ ୩୭୬ ରନର ବିଜୟ ଲକ୍ଷ୍ୟକୁ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। କେବଳ ସେତିକି ନୁହେଁ ରଣଜୀ ଟ୍ରଫି ଇତିହାସରେ ସର୍ଭିସେସ୍ ଦ୍ୱିତୀୟ ସର୍ବାଧିକ ବିଜୟ ଲକ୍ଷ୍ୟ ପିଛା କରିବାର ଗୌରବ ଅର୍ଜନ କରିଛି। ଶନିବାର ତୃତୀୟ ଦିବସ ଖେଳରେ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୩୯୪ରନ କରି ଅଲଆଉଟ ହୋଇଯିବା ପରେ ଭ୍ରମଣକାରୀ ଦଳ ପାଇଁ ୩୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସର୍ଭିସେସ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଶନିବାର ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୪୬ ରନ କରିଥିଲା। ସୂରଜ ବଶିଷ୍ଠ ୧୬ ଓ ଶୁଭମ୍ ରୋହିଲା ୨୮ ରନରେ ଅପରାଜିତ ରହିଥିଲେ। ରବିବାର ଚତୁର୍ଥ ଦିବସରେ ଏହି ଦୁଇ ଓପନର ଓଡ଼ିଶା ବୋଲିଂକୁ ଭ୍ରୁକ୍ଷେପ ନ କରି ଅନାୟସରେ ରନ ସଂଗ୍ରହ କରିବାରେ ଲାଗିଥିଲେ। ରୋହିଲା ଦ୍ୱିଶତକ ହାସଲ କରି ୨୦୯ ରନ ଏବଂ ବଶିଷ୍ଠ ୧୫୪ ରନ କରି ଅପରାଜିତ ରହିଥିଲେ। ରଣଜୀ ଟ୍ରଫିରେ ସବୁଠାରୁ ଅଧିକ ରନର ବିଜୟ ଲକ୍ଷ୍ୟ ଚେଜ୍ କରିଥିବା ଦଳ ହେଉଛି ରେଲୱେ। ଏହି ଦଳ ଗତବର୍ଷ ଅଗରତଲାରେ ତ୍ରିପୁରା ବିପକ୍ଷରେ ୩୭୮ରନର ବିଜୟ ଲକ୍ଷ୍ୟ ଚେଜ୍ କରିବାରେ ସଫଳ ରହିଥିଲା। ବଶିଷ୍ଠ ଓ ରୋହିଲାଙ୍କ ମଧ୍ୟରେ ୩୭୬ ରନର ଅପରାଜିତ ପାର୍ଟନରଶିପ୍ ପ୍ରଥମଶ୍ରେଣୀ କ୍ରିକେଟ ଇତିହାସରେ ଚତୁର୍ଥ ଇନିଂସ ସଫଳ ରନ୍ ଚେଜ୍‌ରେ ଏହା ଦ୍ୱିତୀୟ ବୃହତମ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୮୦। ସର୍ଭିସେସ ପ୍ରଥମ ଇନିଂସ: ୧୯୯। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୯୪ ସର୍ଭିସେସ ଦ୍ୱିତୀୟ ଇନିଂସ: ୩୭୬/୦ (ଶୁଭମ୍ ରୋହିଲା-୨୦୯*, ସୂରଜ ବଶିଷ୍ଠ-୧୫୪*)।

# ଭୁବନେଶ୍ୱର ହାଫ୍ ମାରାଥନର ଟି-ଶାର୍ଟ ଉନ୍ମୋଚିତ

ଭୁବନେଶ୍ୱର, ୨।୨ (ବିଜୟ ରଣା)




ଟି-ଶାର୍ଟ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ସିଏଲ୍ କର୍ମକର୍ତ୍ତା।

କୋଲ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ତରଫରୁ ଆସନ୍ତା ମାର୍ଚ୍ଚ ୨ରେ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ ଇଭେଣ୍ଟର ଆୟୋଜନ କରାଯାଇଛି। ଏହା ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଓଡ଼ିଶାର କ୍ରୀଡ଼ା ଅଭିଯାନରେ ଯୋଗଦାନର ଏହା ଏକ ପ୍ରୟାସ। ସ୍ଥାନୀୟ ଏକ ହୋଟେଲରେ ଇଭେଣ୍ଟର ଅଫିସିଆଲ ଲୋଗୋ ଓ ରେସ୍ ଶାର୍ଟର ଉନ୍ମୋଚନ ଅବସରରେ ଆୟୋଜକଙ୍କ ତରଫରୁ ଏ ବିଷୟ କୁହାଯାଇଛି। ରେସ୍ ଟି-ଶାର୍ଟ ଓ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ପର୍ସୋନେଲ) କେଶବ ରାଓଙ୍କ ସମେତ କମ୍ପାନୀର ଅନ୍ୟ କେତେଜଣ ବରିଷ୍ଠ ପଦାଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ରାଓ କହିଥିଲେ ଲମ୍ବା ଦୂର ଦୌଡ଼ ଓ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ହାଫ୍ ମାରାଥନ ହେଉଛି ଏକ ମାଇଲଖୁଣ୍ଟ। ଏମ୍‌ସିଏଲ୍‌ର କୋଲ୍ ଇଣ୍ଡିଆ ହାଫ୍ ମାରାଥନ ହେଉଛି ଦେଶର ଅନ୍ୟତମ ବଡ଼ ଇଭେଣ୍ଟ। ଏଥିରେ ମୋଟ ୪୫.୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ବ୍ୟବସ୍ଥା କରାଯାଇଛି। ଏହି ହାଫ୍ ମାରାଥନରେ ବିଭିନ୍ନ କାଟାଗୋରି ରହିଛି। ଯଥା ୧.୫ କି.ମି. ଦୂରତା ବିଶିଷ୍ଟ 'ଫନ୍ ରନ୍'ରେ ଇଭେଣ୍ଟରେ ଛୋଟ ଛୋଟ ପିଲା, ପରିବାର ଓ ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିପାରିବେ। ଏହାଛଡ଼ା ୫କି.ମି. ଓ ୧୦ କି.ମି. ଦୌଡ଼ ସହିତ ୨୧ କି.ମି. ହାଫ୍ ମାରାଥନ ରେସ୍ ରହିଛି। କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ ପ୍ରତିଯୋଗିତାରେ ଭାଗ ନେଉଥିବା ଧାବକ ଓ ଫିଟ୍‌ନେସ୍ ଉତ୍ସାହୀମାନଙ୍କୁ ଆକୃଷ୍ଟ କରିବ। କଳିଙ୍ଗ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଭୁବନେଶ୍ୱରକୁ ଆଇଲେଟିକ ଉତ୍କୃଷ୍ଟତା କେନ୍ଦ୍ର ଭାବେ ଆହୁରି ସୁନାମ ଆଣିଦେବ ବୋଲି ସେ କହିଥିଲେ।

# ଓଡ଼ିଶା ୨୬୧ରେ ଅଲ୍‌ଆଉଟ୍

## ସିକେ ନାଇଡୁ ଟ୍ରଫି

ସମ୍ବଲପୁର, ୨।୨ (ବି.ଶଙ୍କର)

ସମ୍ବଲପୁରସ୍ଥିତ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଘରୋଇ ଓଡ଼ିଶା ଦଳର ସ୍ଥିତି ଭଲ ରହିଛି। ଦଳ ୧୧୯ ରନରୁ ଦ୍ୱିତୀୟ ଦିବସ ଖେଳ ଆରମ୍ଭ କରିଥିଲା। ପନକଲା ଶଶାଙ୍କ ଓ ଓମ ମୁଣ୍ଡା ଯୋଡି କ୍ରିଜ୍‌କୁ ବ୍ୟାଟିଂ କରିବାକୁ ଆସିଥିଲେ। ଦଳୀୟ ସ୍କୋର ୧୬୫ ଥିବା ବେଳେ ଅଙ୍କଶିତ ରାଣା ଏଲବିଡବ୍ଲ୍ୟୁ ହୋଇ ପାଭିଲିୟନ ଫେରିଥିଲେ। ଏହାପରେ ଶଶାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଫଳସ୍ୱରୂପ ଓଡ଼ିଶା ୯୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୬୧ ରନ କରିଥିଲା। ଦଳର ଶଶାଙ୍କ ୧୫୯ଟି ବଲର ସମ୍ମୁଖୀନ ହୋଇ ୯୩ ରନ (୧୪ଟି ଚୌକା) ଓ ଓମ ମୁଣ୍ଡା ୨୦୬ଟି ବଲ ଖେଳି ୬୮ରନ (୪ ଚୌକା ଓ ୧ଟି ଛକା), ଆୟୁସ ସୂତାର ୪୫ ବଲର ସମ୍ମୁଖୀନ ହୋଇ ୨୪ ରନ କରିଥିଲେ। ଅପରପକ୍ଷେ ଭ୍ରମଣକାରୀ ଚଣ୍ଡିଗଡ଼ର ଯଶକିରଟ ସିଂ ମେହେରା ୫ଟି ଉଇକେଟ ନେଇଥିଲେ।

ଏହାପରେ ଚଣ୍ଡିଗଡ଼ ଦଳର ଦେବାଙ୍ଗ କୌଶିକ ଏବଂ ଦିପେନ୍ଦର ଖୁସ ଦ୍ୱିତୀୟ ଇନିଙ୍ଗସ୍ ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଓହ୍ଲାଇଥିଲେ। ଦଳର ସ୍କୋର ୫୭ ଥିବାବେଳେ ୩ଟି ମୂଲ୍ୟବାନ ଉଇକେଟ ହରାଇ ଚଣ୍ଡିଗଡ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ଆଶୁତୋଷ ଛୁରିଆ ୧୦ଓଭର ବୋଲିଂ କରି ୨୮ରନ ବିନିମୟରେ ଚଣ୍ଡିଗଡର ଦେବାଙ୍ଗ କୌଶିକ, ଦିପେନ୍ଦର ଖୁସ ଓ ଅର୍ଣ୍ଣବ ବଂଶଲଙ୍କ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଚଣ୍ଡିଗଡ଼ ୨୯ ଓଭରରେ ୩ଟି ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି। ବର୍ତ୍ତମାନ ଚଣ୍ଡିଗଡ ୪୬ ରନରେ ଓଡ଼ିଶାଠାରୁ ପଛରେ ଅଛି। ଦଳର ଦିପେନ୍ଦର ୭୬ ବଲରେ ୩୪ ରନ ସଂଗ୍ରହ କରିଥିଲେ। ଜିଲା କ୍ରୀଡା ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂଘ ଉପସଭାପତି ସବିର ଅହମ୍ମଦ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ହକି ସମ୍ପାଦକ, ବିନୋଦ ଟପ୍ପୋ, ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରଜେଶ ସେଠ, କାଉନସିଲ ସଭ୍ୟ ମହମ୍ମଦ ଇସାକ, ଶାନ୍ତନୁ ନନ୍ଦ, ସୁବୋଧ ସାହୁ, ମନୋଜ ଭୋଇ ଓ ଆନ୍ତଃଜାତିୟ ଅମ୍ପେୟାର ସୁବ୍ରତ ଦାସ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ନର୍ଥଇଷ୍ଟ ୟୁନାଇଟେଡ




ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା।

ଭୁବନେଶ୍ୱର, ୨।୨ (ବିଜୟ ରଣା)

ଓଡ଼ିଶା ଏଫ୍‌ସି ୧୨ ଦିନ ପରେ ଆକ୍ସନକୁ ଫେରିବ। ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚରେ ଦଳ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବ। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା କହିଛନ୍ତି, ପରବର୍ତ୍ତୀ ୭ଟି ମ୍ୟାଚ ମଧ୍ୟରୁ ଘରୋଇ ଗ୍ରାଉଣ୍ଡରେ ଖେଳାଯିବାକୁଥିବା ୪ଟିରେ ଭଲ ପ୍ରଦର୍ଶନ କରିପାରିଲେ ଦଳର ପ୍ଲେ-ଅଫ୍ ସୁଯୋଗ ରହିବ। ଶ୍ରେଷ୍ଠ ୬ ଦଳ ମଧ୍ୟରେ ସ୍ଥାନ ପାଇବା ଲାଗି କଳିଙ୍ଗ ଷ୍ଟାଡିୟମରେ ସ୍ଥାନୀୟ ଦର୍ଶକଙ୍କ ଉତ୍ସାହ ଦଳର ଭଲ ପ୍ରଦର୍ଶନରେ ବଡ଼ ଭୂମିକା ଗ୍ରହଣ କରିବ। ଓଡ଼ିଶା ଏଫ୍‌ସି ବର୍ତ୍ତମାନ ୨୪ ପଏଣ୍ଟ ସହ ଷ୍ଟାଣ୍ଡିଂରେ ୭ମ ସ୍ଥାନରେ ରହିଛି।

## ଡେଭିସ କପ୍ ଟେନିସ

# ଟୋଗୋକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨।୨ (ପି.ଟି.)

ଭାରତ ୪-୦ରେ ଟୋଗୋକୁ ହରାଇବା ଦ୍ୱାରା ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୧ରେ ଏହାର ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି। ଭାରତ ରବିବାର ୨-୦ରେ ଅଗ୍ରଣୀ ସହ ଖେଳ ଆରମ୍ଭ କରିଥିଲା। ଡେଲ୍‌ଟା କମ୍ପ୍ଲେକ୍ସଠାରେ ଭାରତର ଏନ. ଶ୍ରୀରାମ ବାଲାଜୀ ଓ ରତ୍ୱିକ ଚୌଧାରୀ ବୋଲାପାଲି ଯୋଡ଼ି ଡବଲ୍ସ ମ୍ୟାଚରେ ଟୋଗୋର ଏମ୍'ଲାପା ଟିଙ୍ଗୋ ଆକୋମୋଲୋ ଓ ହଡ୍ ଆବାଲୋ ଇସାକ୍ ପାଡିଓଙ୍କୁ ୬-୨, ୬-୧ରେ ହରାଇ ଦେଇଥିଲେ। ମ୍ୟାଚ ଜିତିବା ଲାଗି ସେମାନେ ୫୭ମିନିଟ ସମୟ ନେଇଥିଲେ। କରଣ ସିଂ ତାଙ୍କ ପଦାର୍ପଣ ମ୍ୟାଚରେ ହଡ୍ ଆବାଲୋ ଇସାକ୍ ପାଡିଓଙ୍କ ବିପକ୍ଷ ପ୍ରଥମ ରିଭର୍ସ ସିଙ୍ଗଲ୍‌ସ୍‌କୁ ୬-୨, ୬-୩ରେ ଜିତି ନେଇଥିଲେ। ଭାରତ ୪-୦ରେ ଅଗ୍ରଣୀ ଲାଭ କରିସାରିଥିବାରୁ ୫ମ ତଥା ଅନ୍ତିମ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଥିଲା। ଉଭୟଙ୍କ ସହମତିରେ ଏହି ମ୍ୟାଚ ନ ଖେଳିବା ଲାଗି ନିଷ୍ପତ୍ତି ନେଇଥିଲେ।

# ଅଭିଷେକ ଶର୍ମାଙ୍କ ଆକର୍ଷଣୀୟ ଶତକ

## ଭାରତ-ଇଂଲଣ୍ଡ ୫ମ ଟି୨୦

ମୁମ୍ବାଇ, ୨।୨ (ପି.ଟି.)

ସ୍ଥାନୀୟ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ଭାରତ ଅଭିଷେକ ଶର୍ମାଙ୍କ ଆକର୍ଷଣୀୟ ଶତକ ସହାୟତାରେ ୯ଉଇକେଟ ବିନିମୟରେ ୨୪୭ ରନ କରିଛି। ଉଇକେଟକିପର ସଞ୍ଜୁ ସାମସନଙ୍କ ସହିତ ଓପନିଂ କରିବାକୁ ଆସିଥିବା ଅଭିଷେକ ୭ମ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ତାଙ୍କ ୫୪ ବଲ୍‌ର ଇନିଂସରେ ୧୩ ଛକା ଓ ୭ ଚୌକା ସହ ୧୩୫ ରନ କରିଥିଲେ। ସେ ଆଦିଲ ରଶିଦଙ୍କ ବଲ୍‌ରେ ଜୋଫ୍ରା ଆର୍ଚରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସେତେବେଳକୁ ଦଳ ୭ଉଇକେଟ ବିନିମୟରେ ୨୩୭ ରନ ସଂଗ୍ରହ କରି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୩୦, ତିଳକ ବର୍ମା ୨୪, ସଞ୍ଜୁ ସାମସନ ୧୬ ଓ ଅକ୍ଷର ପଟେଲ ୧୫ ରନ କରିପାରିଥିଲେ। ଭାରତ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଛନ୍ତି। ଭାରତ ଓ ଇଂଲଣ୍ଡ ଏହି ମ୍ୟାଚ ପାଇଁ ଜଣେ ଲେଖାଏଁ ଖେଳାଳି ବଦଳ କରିଥିଲେ। ଭାରତ ଅର୍ଶଦୀପ ସିଂଙ୍କ ସ୍ଥାନରେ ପେସ୍ ବୋଲିଂ ଷ୍ଟଲୱାର୍ଟ ମହମ୍ମଦ ଶାମିଙ୍କୁ ଦଳରେ ନେଇଥିବା ବେଳେ ସକିବ ମେହେମୁଦଙ୍କ ସ୍ଥାନରେ ମାର୍କ ଉଡ୍‌ଙ୍କୁ ସାମିଲ କରିଥିଲା। ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩-୧ରେ ଆଗୁଆ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୪୭/୯ (ଅଭିଷେକ ଶର୍ମା-୧୩୫, ଶିବମ ଦୁବେ-୩୦; ବ୍ରାଇଡନ କାର୍ସି-୩/୩୮, ମାର୍କ ଉଡ୍-୨/୩୨)।




ଶତକୀୟ ଇନିଂସ୍ ଅବସରରେ ଅଭିଷେକ ଶର୍ମା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ